# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୦/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, January 20/2026 | Page 14 | ₹ 7.00 | RAYAGADA

୫୨ଶ ଭାଗ ୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 58 | ମୂଲ୍ୟ₹୭/-






Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୦/୨୦୨୬ | Bhubaneswar, Tuesday, January 20/2026 | ପୃଷ୍ଠା-୧







# ବଡ଼ବିଲରେ ବଡ଼ ବ୍ୟାଙ୍କ ଡକାୟତି

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ଲୁଟିନେଲେ ୭.୫ କୋଟିର ସୁନା ଅଳଙ୍କାର

**ବ୍ୟାଙ୍କରେ ସୁନା ଅଳଙ୍କାର ଦେଇ ଲୋକମାନେ ଋଣ ନେଉଛନ୍ତି। ଏପରି କି ଅନେକେ ବ୍ୟାଙ୍କକୁ ସୁରକ୍ଷିତ ସ୍ଥାନ ମନେକରି ନିଜର ସୁନାଅଳଙ୍କାରକୁ ବ୍ୟାଙ୍କ ଲକରରେ ରଖୁଛନ୍ତି। ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ସୁରକ୍ଷା ଅଭାବରୁ ବିଭିନ୍ନ ସମୟରେ ବ୍ୟାଙ୍କ ଲୁଟ୍ ହେଉଛି। ସୋମବାର କେନ୍ଦୁଝର ଜିଲା ବଡ଼ବିଲ୍‌ସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ସଶସ୍ତ୍ର ଡକାୟତି ହୋଇଛି। ୫ରୁ ୬ ମୁଖାପିନ୍ଧା ଦୁର୍ବୃତ୍ତ ବନ୍ଧୁକ ମୁନରେ ୭.୫୦ କୋଟି ଟଙ୍କାର ସୁନା ଅଳଙ୍କାର ଏବଂ ୪.୩୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବଡ଼ବିଲରୁ ରାଜ୍ୟର ସବୁଠୁ ବଡ଼ ବ୍ୟାଙ୍କ ଡକାୟତି ବୋଲି କୁହାଯାଉଛି। ବ୍ୟାଙ୍କରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଏବଂ ଏସ୍‌ଓପି ପାଳନ କରାଯାଇ ନ ଥିବାରୁ ଦୁର୍ବୃତ୍ତମାନେ ଡକାୟତି କରି ଫେରାର ହେବାରେ ସଫଳ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଦୁର୍ବୃତ୍ତଙ୍କୁ ଧରିବାକୁ ଏବେ ସୀମା ସିଲ୍ କରି ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଚାଲିଥିବା ଏସ୍‌ପି କହିଛନ୍ତି।**

**ବଡ଼ବିଲ,୧୯।୧(ଜୟନ୍ତୀ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ସବ୍‌ଡିଭିଜନାଲ ପୋଲିସ ଅଫିସର (ଏସ୍‌ଡିପିଓ)ଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୨ ଶହ ମିଟର ଦୂରରେ ଥିବା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ବଡ଼ବିଲ ଶାଖାରେ ସୋମବାର ସଶସ୍ତ୍ର ଡକାୟତି ହୋଇଛି। ୫ ରୁ ୬ ଦୁର୍ବୃତ୍ତ ବ୍ୟାଙ୍କ ଭିତରେ ପଶି ବନ୍ଧୁକ ମୁନରେ ଷ୍ଟ୍ରଙ୍ଗରୁମ୍‌ରୁ ପ୍ରାୟ ୭.୫୦ କୋଟିର ସ୍ୱର୍ଣ୍ଣ ଅଳଙ୍କାର ଏବଂ ନଗଦ ପ୍ରାୟ ୪.୩୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଘଟଣାସ୍ଥଳରେ କେନ୍ଦୁଝର ଏସ୍‌ପିଙ୍କ ସମେତ ପୋଲିସ ଅଧିକାରୀ ପହଞ୍ଚି ତନାଘନା ଆରମ୍ଭ କରିଛନ୍ତି। ରାଜ୍ୟ ସୀମାନ୍ତକୁ ସିଲ୍ କରି ଖାନ୍‌ତଲାସି ଜାରି ରହିଥିବା ବଡ଼ବିଲ ଥାନା ଅଧିକାରୀ ଅଶୋକ ନାୟକ କହିଛନ୍ତି। ବ୍ୟାଙ୍କ ଏସ୍‌ଓପି ପାଳନ କରି ନ ଥିବା ଓ ସୁରକ୍ଷାକର୍ମୀ ନ ଥିବାରୁ ପୋଲିସ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଛି।

ସୂଚନା ଅନୁଯାୟୀ, ବଡ଼ବିଲ-କଳିଙ୍ଗନଗର ରାସ୍ତାରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ବଡ଼ବିଲ ଶାଖା ରହିଛି। ସୋମବାର ଅପରାହ୍ଣରେ ୫ରୁ ୬ ବନ୍ଧୁକଧାରୀ ଦୁର୍ବୃତ୍ତ ମୁଖା, ହେଲମେଟ୍ ପିନ୍ଧି ବ୍ୟାଙ୍କ ଭିତରକୁ ପ୍ରବେଶ ☞ପୃଷ୍ଠା-୨



## ରୁଷିଆରେ ପ୍ରବଳ ତୁଷାରପାତ: ୧୩୦ ବର୍ଷର ରେକର୍ଡ ଭାଙ୍ଗିଲା

ରୁଷିଆର ଦୂର ପ୍ରାଚ୍ୟରେ ଅବସ୍ଥିତ କାମଚାଟକା ଉପଦ୍ୱୀପରେ ପ୍ରବଳ ତୁଷାରପାତ ଯୋଗୁ ସେଠାକାର ଅନେକ ସହର ବରଫ ତଳେ ଏକପ୍ରକାର ପୋତି ହୋଇଯାଇଛି। ଏଭଳି ତୁଷାରପାତ ଗତ ପ୍ରାୟ ୧୩୦ ବର୍ଷର ରେକର୍ଡ ଭାଙ୍ଗିଥିବା କେତେକ ରିପୋର୍ଟ ଦର୍ଶାଉଛି। ସେଠାକାର ରାଜଧାନୀ ପେଟ୍ରୋପାଭଲୋଭସ୍କ-କାମଚାଟସ୍କିରେ ୧୦ରୁ ୪୦ ଫୁଟ ଯାଏ ବରଫ ଜମିଯାଇଛି। ଫଳରେ ୪ ମହଲା କୋଠା ପର୍ଯ୍ୟନ୍ତ ବରଫ ମାଡ଼ି ଯାଇଛି। ଏହା ସମ୍ପୂର୍ଣ୍ଣ ଯୋଗାଯୋଗ ବ୍ୟବସ୍ଥାକୁ ଅଚଳ କରିଦେଇଥିବାବେଳେ କୋଠା ଛାତରୁ ବଡ଼ ବଡ଼ ବରଫ ଖସି କେତେଜଣ ଲୋକଙ୍କ ମୃତ୍ୟୁ ଘଟିଛି।

## ୨ ହାଇସ୍ପିଡ୍ ଟ୍ରେନ୍ ମଧ୍ୟରେ ଧକ୍କା: ୩୯ ମୃତ

**ଆଡାମୁଜ୍(ସ୍ପେନ୍),୧୯।୧**

ସ୍ପେନ୍‌ର ଦକ୍ଷିଣ ଭାଗରେ ଏକ ହାଇସ୍ପିଡ୍ ଟ୍ରେନ୍ ରବିବାର ରାତିରେ ଲାଇନଚ୍ୟୁତ ହୋଇ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଟ୍ରେନ୍‌କୁ ଧକ୍କା ଦେବାରୁ ଅନ୍ୟୁନ ୩୯ ଜଣଙ୍କ ମୃତ୍ୟୁ ଘଟିବା ସହ ୧୫୯ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୮ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ୧୨ ଜଣଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ରଖାଯାଇଛି। ୨୦୧୩ ପରେ ଦେଶରେ ଏହା ସବୁଠୁ ମର୍ମନ୍ତୁଦ ରେଳ ଦୁର୍ଘଟଣା। କେତେଜଣ ଆହତ ଯାତ୍ରୀଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ☞ପୃଷ୍ଠା-୨

## ନୀତିନ ନବୀନ ଭାଜପା ଅଧ୍ୟକ୍ଷ ନିର୍ବାଚିତ

**ନୂଆଦିଲ୍ଲୀ,୧୯।୧**



ଭାଜପା ନେତା ନୀତିନ ନବୀନ ସୋମବାର ନିର୍ଦ୍ୱନ୍ଦ୍ୱରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ସେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିବେ। ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଦଳ ମୁଖ୍ୟାଳୟଠାରେ ପଦବୀ ହସ୍ତାନ୍ତର ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଦଳର ଅନ୍ୟ ବରିଷ୍ଠ ନେତାମାନେ ଯୋଗଦେବେ। ଭାଜପାର ୩୬ ସାଂଗଠନିକ ରାଜ୍ୟରୁ ୩୦ଟିରେ ସଭାପତି ନିର୍ବାଚନ ଶେଷ ହେବା ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ବୋଲି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** କୁଲି, ମୂଲିଆଙ୍କ ଦେଶ

# ୯୧କୁ ଖସିଲା ଟଙ୍କା

**ମୁମ୍ବାଇ,୧୯।୧(ପି.ଟି.)**

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସୋମବାର ୯୧ ଅତିକ୍ରମ କରିବା ପରେ ପୂର୍ବଦିନ ତୁଳନାରେ ୧୪ ପଇସା ହ୍ରାସ ପାଇ ୯୦.୯୨ରେ ସ୍ଥିର ରହିଛି। ଡଲାର ତୁଳନାରେ ଟଙ୍କା ୯୧ ମାର୍କ ଟପିବା ମାସକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ବିଶ୍ୱ ବାଣିଜ୍ୟକୁ ନେଇ ଅନିଶ୍ଚିତତା ଯୋଗୁ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ବଢ଼ିଚାଲିଥିବାବେଳେ ଟଙ୍କା ନିମ୍ନଗାମୀ ହେବାରେ ଲାଗିଛି। ଆମେରିକୀୟ ମୁଦ୍ରା ଦୁର୍ବଳ ଏବଂ ଅଶୋଧିତ ତୈଳ ଦର ହ୍ରାସ ସତ୍ତ୍ୱେ ଘରୋଇ ଷ୍ଟକ ବଜାରରେ ବିକ୍ରି ଚାପ ଯୋଗୁ ଭାରତୀୟ ମୁଦ୍ରା ନିମ୍ନଗାମୀ ହେଉଥିବା ଫରେକ୍ସ ବିଶେଷଜ୍ଞମାନେ କହିଛନ୍ତି। ଆମେରିକାର ଗ୍ରୀନ୍‌ଲାଣ୍ଡ ଅଧିଗ୍ରହଣ ଯୋଜନାକୁ ବିରୋଧ କରୁଥିବା ୟୁରୋପୀୟ ଦେଶଗୁଡ଼ିକ ଉପରେ ୧୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ରାଷ୍ଟ୍ରପତି ☞ପୃଷ୍ଠା-୨


SIKSHA 'O' ANUSANDHAN

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 10th Best in Law Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through CLAT 2026, Please visit: www.soa.ac.in



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଫାଉଣ୍ଡେଶନ୍ ଡେ ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ତ୍ରିବେଣୀ ମହୋତ୍ସବ, ସ୍ଥାନ: ତ୍ରିବେଣୀ ପଡ଼ିଆ, ଅନ୍ତର୍ବେଦୀ ପୀଠ ନିକଟ, ବନମାଳୀପୁର, ସମୟ: ସନ୍ଧ୍ୟା ୭ଟା।

**କଟକ**
- ଉତ୍କଳ ରଜକ କଲ୍ୟାଣ ସମାଜ ପକ୍ଷରୁ ପୋଙ୍ଗଲ ପୂଜା ଓ ପ୍ରତିଷ୍ଠା ଦିବସ, ସ୍ଥାନ: କମ୍ୟୁନିଟି ସେଣ୍ଟର, ବିଦ୍ୟାଧରପୁର, ସମୟ: ପୂର୍ବାହ୍ଣ ୧୦ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଏକାଦଶ ଦିବସ, ସ୍ଥାନ: ରେଭେନ୍ସା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସିଂଘଲ ପରିବାର ପକ୍ଷରୁ ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞର ଷଷ୍ଠ ଦିବସ, ସ୍ଥାନ: ଜେବିଏସ ଗାର୍ଡେନ, ତୁଳସୀ ପୁର, ସମୟ: ଅପରାହ୍ଣ ୩ଟା।
- ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ଣ ୪ଟା।
- କବୟିତ୍ରୀ କବିତା ମିଶ୍ରଙ୍କ ମଧରେଖା କବିତା ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: କାଳୀ ଭବନ, ଖାନନଗର, ସମୟ: ଅପରାହ୍ଣ ୫ଟା।
- କଳିଙ୍ଗ ଭାରତୀ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଗୁରୁ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଜୟନ୍ତୀରେ ସାରସ୍ୱତ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ଭଞ୍ଜ ମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ଜଟଣୀ ପୌରପରିଷଦ ସ୍ତରୀୟ ସାମୂହିକ ବନ୍ଦେ ମାତରମ୍ ଗାନ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ୍, ଜଟଣୀ, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ବାପା ମା' ସେବାଶ୍ରମ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ: ସେବାଶ୍ରମ ପରିସର, ତିରିମଲ, ରାଣୀପୁର, ଜଟଣୀ, ସମୟ: ଅପରାହ୍ଣ ୧ଟା।

**ବ୍ରହ୍ମପୁର**
- ମେଗା ରକ୍ତଦାନ ଶିବିର, ସ୍ଥାନ: ତୁଳସୀ ନଗର,ସମୟ: ସକାଳ ୮ଟା।

**ଗଞ୍ଜାମ**
- ବେଠିଆବୋରଦା ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ବୁଗୁଡ଼ା ବ୍ଲକ୍, ବେଠିଆବୋରଦା ସ୍କୁଲ, ସମୟ: ପୂର୍ବାହ୍ଣ ୧୦ ଟା।
- ନିଷ୍ଟ ବିଶ୍ୱବିଦ୍ୟାଳୟର ୨୯ ପ୍ରତିଷ୍ଠା ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୧ ଟା।

**ଢେଙ୍କାନାଳ**
- ନିଯୁକ୍ତି ମେଳା ୨୦୨୫-୨୦୨୬, ସ୍ଥାନ: ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- ଢେଙ୍କାନାଳ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ମହିଷାପାଟ ପଲ୍ଲିଶ୍ରୀ ମେଳାପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ବାରାଦା ମାତୃଭବନ, ସମୟ: ପୂର୍ବାହ୍ଣ ୧୧ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟ, ସମୟ-ପୂର୍ବାହ୍ଣ ୧୧ଟା।

**ଜଗତ୍‌ସିଂହପୁର**
- କୋଷ୍ଟଗାର୍ଡର ୫୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ବନ୍ଦେ ମାତରମ ୧୫୦ତମ ପୂର୍ତ୍ତି ଉପଲକ୍ଷେ ସାଧାରଣ ସଭା ଓ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ,ପାରାଦୀପ, ସମୟ: ପୂର୍ବାହ୍ଣ ୧୧ଟା।

**କେନ୍ଦ୍ରାପଡ଼ା**
- ତ୍ରିବେଣୀ ମେଳା ରୁଦ୍ର ଶାନ୍ତି ଯଜ୍ଞ, ସ୍ଥାନ: ଆଟେଶ୍ୱର ଶୈବ ପୀଠ,ଜଗନ୍ନାଥପୁର, ଡେରାବିଶ, ସମୟ: ସକାଳ ୭ଟା।
- ସାର୍ବଜନିନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡା, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢ଼ୋଲ, ଜମରା, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।
- ମକର ମହୋତ୍ସବ, ସ୍ଥାନ: ବିଲେଇସୁଣୀ ମକର ପଡିଆ, ପଳସୁଧା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ କୃପାସିନ୍ଧୁ ଦାସ ବାବାଜୀ ମହାରାଜ (ଅଖା ବାବା)ଙ୍କ ସ୍ମରଣୋତ୍ସବ, ସ୍ଥାନ: ଶ୍ରୀ ନାମବ୍ରହ୍ମ ସେବାଶ୍ରମ, ଜେନାପାଟଣା, ପୁରୁଷୋତ୍ତମପୁର, ଦୁତିଆଳ, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ପୂଜାର୍ଚ୍ଚନା, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ସକାଳ ୭ଟା।
- ଖଣ୍ଡପଡା ବିଧାୟକଙ୍କ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଭାପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ:ପୂର୍ବାହ୍ଣ ୧୦ଟା।
- ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ବ୍ଲକସ୍ତରୀୟ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ଇଟାମାଟି ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ଣ ୧୦ଟା।
- ଓଡଗାଁ ଏନ୍‌ଏସି ପକ୍ଷରୁ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ଉତ୍ସବ, ସ୍ଥାନ: ଓଡଗାଁ ସରକାରୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ଣ ୧୧ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିବସ ମ୍ୟାଚ ଗୋପୀନାଥପୁର ବନାମ କଣ୍ଟିଲୋ ଲାଇଫଟାଇମ କ୍ରିକେଟ କ୍ଲବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ଣ ୧୧ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟର ନବମ ଦିବସର ୩ୟ ସେମି ଫାଇନାଲ ମ୍ୟାଚରେ ଶାଳଝରିଆ ବନାମ ଢ଼ୋଲମରା କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମ୍‌ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିବସ ମ୍ୟାଚରେ ଭୁବନେଶ୍ୱରର ୟୁନାଇଟେଡ ୟୁଥ୍ କ୍ଲବ ଗଣ୍ଡରପୁର ବନାମ ଏସ୍‌ଜେସି ଫୁଟବଲ କାଲିକୁଟେ କେରଳ, ସ୍ଥାନ:ନୟାଗଡ଼ ଖେଳ ପଡିଆ, ସମୟ: ଅପରାହ୍ଣ ୩ଟା।

**ରାୟଗଡ଼ା**
- ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍ ୧୫୦ ବର୍ଷ ପାଳନ, ସ୍ଥାନ: ଗୁଡାରି ନିଘାମନ ସାହି କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ବ୍ଲକ କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ଇରିପିପୁଟ, କଲ୍ୟାଣସିଂହପୁର, ସମୟ: ପୂର୍ବାହ୍ଣ ୧୦ ଟା।
- ରାଷ୍ଟ୍ର ଗୀତ ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସାମୂହିକ ରାଷ୍ଟ୍ରଗୀତ ଗାନ ସ୍ଥାନ: ଗୁଣପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା।

**ନବରଙ୍ଗପୁର**
- ସାମୂହିକ ବନ୍ଦେ ମାତରମ୍ ଗାନ, ସ୍ଥାନ: ଉମରକୋଟ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ଣ ୧୧ଟା।
- ଏକ୍ସ ବୋର୍ଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ, ସ୍ଥାନ: କୋଷାଗୁମୁଡ଼ାସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ଣ ୨ଟା।

**କୋରାପୁଟ**
- କୋଟପାଡ଼ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, କୋଟପାଡ଼, ସମୟ: ପୂର୍ବାହ୍ଣ ୧୧ଟା।

**ମାଲକାନଗିରି**
- ବିଜ୍ଞାନ ମେଳା, ସ୍ଥାନ: ଲକ୍ଷ୍ମଣ ନାୟକ ଇଂଲିଶ ମିଡିୟମ ସ୍କୁଲ, କାଲିମେଳା, ସମୟ: ପୂର୍ବାହ୍ଣ ୧୦ଟା।
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, କାଳିମେଳା, ସମୟ: ପୂର୍ବାହ୍ଣ ୧୧ଟା।

**ସମ୍ବଲପୁର**
- ସମ୍ବଲପୁରୀ ଧନୁଯାତ୍ରାର ନନ୍ଦ ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ସକାଳ ୯ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ କଂସ ମହାରାଜଙ୍କ ନଗର ପରିକ୍ରମା, ସ୍ଥାନ : କ୍ଷେତରାଜପୁର ଅଞ୍ଚଳ, ସମୟ : ଅପରାହ୍ଣ ୩ଟା।
- ସମ୍ବଲପୁରୀ ଧନୁଯାତ୍ରାର କଂସ ଦରବାରରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସମୟ: ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
- ବଲାଙ୍ଗୀର ଲୋକ ଉତ୍ସବର ଦ୍ୱିତୀୟ ଦିନ, ଜିଲାସ୍ତରୀୟ ଲୋକଗୀତ ପ୍ରତିଯୋଗିତା, ସ୍ଥାନ: ପୁରୁଣା ମଞ୍ଚ, କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ପୂର୍ବାହ୍ଣ ୧୦ଟା।
- ବଲାଙ୍ଗୀର ଲୋକସଂସ୍କୃତିରେ ଲୋକନୃତ୍ୟ ନଚନିଆଁ ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ବାଳିକା ହାଇସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ଣ ୧୦ଟା।
- ଲୋଇସିଂହା ବ୍ଲକ୍‌ସ୍ତରୀୟ ବନ୍ଦେମାତରମ୍ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ ପରିସର, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ବ୍ଲକ୍‌ସ୍ତରୀୟ ସାମୁହିକ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ ଗାନ, ସ୍ଥାନ: ତୁରେକେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଶ୍ରୀହରି ଭବନ, କଣ୍ଟାବାଞ୍ଜି, ସମୟ: ଅପରାହ୍ଣ ୩ଟା।
- ଲୋକ ଉତ୍ସବ ସାଂସ୍କୃତିକ ସଭା, ସ୍ଥାନ: ନୂଆମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ମହାବୀର ସେବା ଟ୍ରଷ୍ଟ ପକ୍ଷରୁ ନୂତନ ହନୁମାନ ମନ୍ଦିରର ତିନି ଦିବସୀୟ ପ୍ରତିଷ୍ଠା ଉତ୍ସବ, ରତ୍ନ ମୁଦ ପୂଜା, ସ୍ଥାନ: ଅଟଳ ଛକ, ସମୟ: ସକାଳ ୯ଟା ୩୦।
- ଅଙ୍କୁରାରୋପଣ ଓ କଳସ ଅଧିବାସ, ଭଜନ ସନ୍ଧ୍ୟା, ସ୍ଥାନ: ଅଟଳ ଛକ, ସମୟ:ଅପରାହ୍ଣ ୪ଟା୩୦।

**ବରଗଡ଼**
- ଧାନବିକ୍ରି ଅବ୍ୟବସ୍ଥା ନେଇ କଂଗ୍ରେସର ଚାଷୀ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ଣ ୧୦ଟା।
- ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ଣ ୧୦ଟା।

**କଳାହାଣ୍ଡି**
- ବନ୍ଦେ ମାତରମ୍ ସାମୂହିକ ଗାନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା।
- ବନ୍ଦେ ମାତରମ କାର୍ଯ୍ୟକ୍ରମ, ସ୍ଥାନ: କେସିଙ୍ଗା ସହରସ୍ଥିତ ସରକାରୀ ବିଦ୍ୟାପୀଠ, ସମୟ: ପୂର୍ବାହ୍ଣ ୧୧ଟା।

**ବୌଦ୍ଧ**
- ନବମ ଗଡ଼ଜାତ ଲୋକ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆ, ବୀରନରସିଂହପୁର, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଉତ୍ସବ ପ୍ରଧାନପାଟ ୨୦୨୬ ତୃତୀୟ ସନ୍ଧ୍ୟା, ସ୍ଥାନ: ପ୍ରଧାନପାଟ ରୋଡ୍ ବଡବଗିଚା, ସମୟ: ଅପରାହ୍ଣ ୫ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା'ଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ପାତଳି ଶ୍ରୀକ୍ଷେତ୍ରରେ ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର, କୋଟସମଲାଇ, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୭ଟା।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍, ସ୍ଥାନ:ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ନବାହ ପାରାୟଣ, ସ୍ଥାନ: ମେଟାକାନୀ ମନ୍ଦିର, ଘିଚାପାଲି ଛକ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- କଇରାଝୁଲି ୟୁପି ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ଣ ୧୦ଟା୩୦।
- ତରଭା ବ୍ଲକସ୍ତରୀୟ ୱାଟରସେଡ୍ ମହୋତ୍ସବ, ସ୍ଥାନ: କମସରା ଫୁଟବଲ ପଡିଆ, ସମୟ: ପୂର୍ବାହ୍ଣ ୧୧ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ଣ ୧୧ଟା।
- ବୀରମହାରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ଣ ୧୧ଟା।
- ବୀରମହାରାଜପୁର ବ୍ଲକସ୍ତରୀୟ ବନ୍ଦେ ମାତରଂ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ଣ ୧୧ଟା।
- କେନ୍ଦୁପାଲି ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦୁପାଲି ହାଇସ୍କୁଲ, ବୀରମହାରାଜପୁର, ସମୟ: ମଧ୍ୟାହ୍ନ ୧୨ଟା।
- ବୀରମହାରାଜପୁର ଲୋକମହୋତ୍ସବ ମାଲେଶ୍ରୀର ତୃତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ମୈତ୍ରୀ ସଦନ, ବୀରମହାରାଜପୁର, ସମୟ: ଅପରାହ୍ଣ ୩ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓଦା ଗୋଡ଼େ ଭୁଞ୍ଜିବ**
**ଓଦା ଗୋଡ଼ଟିରେ ଶୋଇଲେ**
**ମହାଦୋଷ ଥାଏ ଏ ମହୀରେ ।**

ହାତଗୋଡ଼ ଧୋଇକରି ଭୋଜନକରିବା ଦ୍ୱାରା ମଣିଷ ଦୀର୍ଘାୟୁ ହୋଇଥାଏ। ପରନ୍ତୁ ଓଦା ଗୋଡ଼ରେ ଶୋଇଲେ ମହାପାତକ ଲାଗୁଥିବାର ଜଣାଯାଇଥାଏ। ତେଣୁ ସର୍ବଦା ଓଦାଗୋଡ଼ ପୋଛି ଶୟନ କରିବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଓଳି ତଳେ**
**ଠିଆ ନ ହେବ ସନ୍ଧ୍ୟାକାଳେ ।**

ସାଧାରଣତଃ ସନ୍ଧ୍ୟା ସମୟରେ ବିଭିନ୍ନ ଜନ୍ତୁଙ୍କ ଆତଯାତ ହୋଇଥାଏ। ତେଣୁ ସୁରକ୍ଷା ଦୃଷ୍ଟିରୁ ସନ୍ଧ୍ୟା ସମୟରେ ଓଳି ତଳେ ଠିଆ ନ ହେବା ଲାଗି ଏଠାରେ ପରାମର୍ଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ବଡ଼ବିଲରେ ବଡ଼...

କରିଥିଲେ। ଏହି ସମୟରେ ବ୍ୟାଙ୍କ ବିଏମ୍ (ବ୍ରାଞ୍ଚ ମ୍ୟାନେଜର) ପଙ୍କଜ ବର୍ଣ୍ଣୱାଲ ଏବଂ କ୍ୟାଶିୟର ଦାୟିତ୍ୱରେ ଥିବା ବ୍ୟାଙ୍କର ଏବିଏମ୍ ପ୍ରିୟମ ରଞ୍ଜନ ହୋତା କାର୍ଯ୍ୟରତ ଥିଲେ। ଭିତରେ ୪ରୁ ୫ ଜଣ ଗ୍ରାହକ ମଧ୍ୟ ଥିଲେ। ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୨ ବ୍ୟାଙ୍କ ଅଧିକାରୀ ଓ ଗ୍ରାହକଙ୍କୁ ଭୟଭୀତ କରି ସମସ୍ତଙ୍କ ନିକଟରୁ ପ୍ରଥମେ ମୋବାଇଲ ନେଇଯାଇଥିଲେ। ଏହି ସମୟରେ ବ୍ୟାଙ୍କ ଭିତରକୁ ଏକ ସଂସ୍ଥାର ଆକାଉଣ୍ଟାଣ୍ଟ ସୁବାସ ଅଧିକାରୀ ପ୍ରବେଶ କରୁଥିବାବେଳେ ତାଙ୍କୁ ମଧ୍ୟ ଦୁର୍ବୃତ୍ତ କଲାର ଧରି ଟାଣି ନେଇ ମୋବାଇଲ ଛଡ଼ାଇ ନେଇଥିଲେ। ପରେ ସମସ୍ତଙ୍କୁ ଏକ ରୁମ୍‌ରେ ଭର୍ତ୍ତି କରି ବନ୍ଦ କରିଦେଇଥିଲେ। ବ୍ୟାଙ୍କର ୨ ଅଧିକାରୀଙ୍କୁ ନେଇ ଷ୍ଟ୍ରଙ୍ଗ୍ ରୁମ୍ ଖୋଲି ପ୍ରାୟ ୫ କିଲୋଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର ଏବଂ ନଗଦ ପ୍ରାୟ ୪.୩୪ ଲକ୍ଷ ଟଙ୍କା ନେଇଯାଇଥିଲେ। ଲୁଟ୍ ହୋଇଥିବା ଅଳଙ୍କାରର ଆନୁମାନିକ ମୂଲ୍ୟ ପ୍ରାୟ ୭.୫୦ କୋଟି ଟଙ୍କା ହେବ ବୋଲି ପୋଲିସ କହିଛି। ଦୁର୍ବୃତ୍ତମାନେ ପ୍ରାୟ ୨୦ରୁ ୨୫ ମିନିଟ୍ ଧରି ବ୍ୟାଙ୍କ ଭିତରେ ରହି ଆତଙ୍କ ଖେଳାଇଥିବା ବେଳେ ଅପରାହ୍ଣ ୨ଟା ୩୦ରେ ସେଠାରୁ ପଳାଇଥିଲେ। ଖବର ପାଇ କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଦାଗୁଡୁ, ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡ଼ବିଲ ଆଇଆଇସି ନାୟକ ଓ ଯୋଡ଼ା ଆଇଆଇସି ପ୍ରଶାନ୍ତ କୁମାର ସାମଲ ସଦଳବଳ ପହଞ୍ଚିଥିଲେ। ବ୍ୟାଙ୍କ ତଥା ଆଖପାଖ ଅଞ୍ଚଳରେ ଥିବା ସିସି କ୍ୟାମେରାଗୁଡ଼ିକୁ ଯାଞ୍ଚ କରିଥିଲେ। ଏଥିସହ ପୋଲିସ ବିଭିନ୍ନ ସ୍ଥାନରେ ଯାନବାହନଗୁଡ଼ିକର ଖାନ୍‌ତଲାସି ଜାରି ରଖିବା ସହ ରାଜ୍ୟ ସୀମାନ୍ତକୁ ସିଲ୍ କରି ତଦନ୍ତ କରୁଛି। ଡକାୟତି ସମୟରେ ବ୍ୟାଙ୍କର ସାଇରନ କାହିଁକି ବାଜିଲା ନାହିଁ, ବ୍ୟାଙ୍କର ତଳିଆ କର୍ମଚାରୀଙ୍କ ଅନୁପସ୍ଥିତି, କ୍ୟାଶିୟର ଛୁଟିରେ ଥିବାବେଳେ ଡକାୟତି ଘଟଣାକୁ ପୋଲିସ ତଦନ୍ତ ପରିସରକୁ ଆଣି ବ୍ୟାଙ୍କର କର୍ମଚାରୀଙ୍କୁ ପଚରାଉଚରା କରୁଛି। ବ୍ୟାଙ୍କରୁ ଡକାୟତି ଖବର ଚାରିଆଡ଼େ ପ୍ରଚାରିତ ହେବା ପରେ ସୁନା ଅଳଙ୍କାର ବନ୍ଧା ପକାଇ ଋଣ ନେଇଥିବା ଲୋକେ ବ୍ୟାଙ୍କ ସମ୍ମୁଖରେ ପହଞ୍ଚି କିଭଳି ସୁନା ଅଳଙ୍କାର ଫେରିପାଇବେ ସେ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଦୁର୍ବୃତ୍ତଙ୍କ ଟେର୍ ପାଇବାରେ ବିଫଳ ହୋଇଛି।

ଥାନା ଅଧିକାରୀ ନାୟକ କହିଛନ୍ତି, ପୋଲିସ ଖବର ପାଇବା ମାତ୍ରେ ଘଟଣାସ୍ଥଳରେ ପହଞ୍ଚିଛି। ଗତ ଅକ୍ଟୋବରରେ ସମସ୍ତ ବ୍ୟାଙ୍କକୁ ନେଇ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ସେଥିରେ ବ୍ୟାଙ୍କରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ବିଭିନ୍ନ ଏସ୍‌ଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର) ଲାଗୁ କରାଯାଇଥିଲା। ମାତ୍ର ଲୁଟ୍ ହୋଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ଗୋଟିଏ ହେଲେ ଗାଇଡ୍‌ଲାଇନ ପାଳନ କରିନାହାନ୍ତି। ଠିକ୍ ନଗଦ ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାରର ହିସାବ ଚାଲିଥିବାରୁ ବ୍ୟାଙ୍କର କର୍ତ୍ତୃପକ୍ଷ ଏତଲା ଦେଇ ନ ଥିବା ଥାନା ଅଧିକାରୀ କହିଛନ୍ତି। ସୂଚନାଥାଉକି, ବ୍ୟାଙ୍କରେ ମୋଟ କର୍ମଚାରୀ ସଂଖ୍ୟା ୪ ଥିବା ବେଳେ ତନ୍ମଧ୍ୟରୁ ଜଣେ ବିଏମ୍, ଜଣେ ଏବିଏମ୍, ଜଣେ କ୍ୟାଶିୟର ଓ ଜଣେ ତଳିଆ କର୍ମଚାରୀ। ସୋମବାର କ୍ୟାଶିୟର ଛୁଟିରେ ଥିବାବେଳେ ଏବିଏମ କ୍ୟାଶିୟର ଦାୟିତ୍ୱରେ ଥିଲେ। ବ୍ୟାଙ୍କରେ ସୁରକ୍ଷାକର୍ମୀ ଆଦୌ ନ ଥିବା ଯୋଗୁ ପୋଲିସ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଯୋଡ଼ା ସହରର ମୁଖ୍ୟ ବଜାରରେ ଥିବା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କରୁ ଦୁର୍ବୃତ୍ତ ୨୦୨୫ ଜୁନ୍ ୧୨ରେ ଲୁଟ୍ କରିଥିଲେ। ଦୁର୍ବୃତ୍ତ ପ୍ରାୟ ୧୦ ଲକ୍ଷ ଟଙ୍କା ଓ କେତେକ ସୁନା ପ୍ୟାକେଟ ନେଇଯାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ହେଁ ଅଦ୍ୟାବଧି କୌଣସି ଅଭିଯୁକ୍ତ ଗିରଫ ହୋଇନାହାନ୍ତି।

### ନିତୀନ ନବୀନ...

ଦଳର ରିଟର୍ନିଂ ଅଫିସର ଡ. କେ. ଲକ୍ଷ୍ମଣ କହିଛନ୍ତି। ଏଥିପାଇଁ ଗତ ୧୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତଦନୁଯାୟୀ ସୋମବାର ଅପରାହ୍ଣ ୨ଟାରୁ ୪ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ ସମ୍ପୂର୍ଣ୍ଣ ହୋଇଥିଲା। ନବୀନଙ୍କ ସପକ୍ଷରେ ୩୭ ସେଟ୍ ନାମାଙ୍କନପତ୍ର ଦାଖଲ ହୋଇଥିବାବେଳେ ଯାଞ୍ଚ ପରେ ସବୁଗୁଡ଼ିକ ବୈଧ ରହିଥିଲା। ନାମାଙ୍କନପତ୍ର ପ୍ରତ୍ୟାହାର ସମୟସୀମା ଶେଷ ହେବା ପରେ କେବଳ ନବୀନ ଏକମାତ୍ର ପ୍ରାର୍ଥୀ ରହିଥିବାରୁ ତାଙ୍କୁ ଭାଜପାର ଜାତୀୟ ଅଧ୍ୟକ୍ଷ ପଦ ପାଇଁ ଲକ୍ଷ୍ମଣ ପ୍ରସ୍ତାବ ରଖିଥିଲେ।

### ୯୧କୁ ଖସିଲା...

ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିବାରୁ ନିବେଶକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ୍‌ରେ ଟଙ୍କା ମୂଲ୍ୟ ୯୦.୬୮ରୁ ଆରମ୍ଭ ହୋଇ ସର୍ବନିମ୍ନ ୯୧.୦୧ରେ ପହଞ୍ଚିଥିଲା ଅର୍ଥାତ ୧ ଡଲାର ୯୧ ଟଙ୍କା ୧ ପଇସା ହୋଇଥିଲା। ଶେଷରେ ଏହା ପୂର୍ବଦିନ ତୁଳନାରେ ୧୪ ପଇସା ହ୍ରାସ ପାଇ ୯୦.୯୨ରେ ସ୍ଥିର ରହିଛି। ଗତ ଡିସେମ୍ବର ୧୬ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବାଧିକ ୯୧.୧୪କୁ ହ୍ରାସ ପାଇ ଦିବସର କାରବାର ଶେଷ ସୁଦ୍ଧା ୯୦.୯୩ ରହିଥିଲା। ଗତ ଶୁକ୍ରବାର ଟଙ୍କା ମୂଲ୍ୟ ୪୪ ପଇସା ହ୍ରାସ ପାଇ ୯୦.୭୮ ରହିଥିଲା।



### ୨ ହାଇସ୍ପିଡ୍ ଟ୍ରେନ୍...

୩୦୦ ଯାତ୍ରୀଙ୍କୁ ନେଇ ମାଲାଗାରୁ ରାଜଧାନୀ ମାଡ୍ରିଡ୍ ଯାଉଥିବା ଉକ୍ତ ଟ୍ରେନ୍ ରବିବାର ରାତି ୭ଟା ୪୫ ମିନିଟ୍ ସମୟରେ ଲାଇନଚ୍ୟୁତ ହୋଇଥିଲା। ଏହି ସମୟରେ ପାଖ ଲାଇନ୍‌ରେ ମାଡ୍ରିଡ୍‌ରୁ ହୁଏଲ୍‌ଭା ଯାଉଥିବା ଅନ୍ୟ ଏକ ଟ୍ରେନ୍‌କୁ ଏହା ଧକ୍କା ଦେଇଥିଲା। ଉକ୍ତ ଟ୍ରେନ୍‌ର ସମ୍ମୁଖ ଭାଗ ବଗିରେ ପ୍ରାୟ ୨୦୦ ଯାତ୍ରୀ ଥିବାବେଳେ ସେମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ପରିବହନ ମନ୍ତ୍ରୀ ଓସ୍କାର ପୁଏଣ୍ଟେ କହିଛନ୍ତି। ଲାଇନଚ୍ୟୁତ ଟ୍ରେନ୍ ଦ୍ୱିତୀୟ ଟ୍ରେନ୍‌ର ପ୍ରଥମ ୨ଟି ବଗି ସହ ଧକ୍କା ହେବା ଫଳରେ ସେଗୁଡ଼ିକ ୪ ମିଟର ତଳକୁ ଖସିପଡ଼ିଥିଲେ। ଦୁର୍ଘଟଣାସ୍ଥଳକୁ ସିଙ୍ଗଲ୍ ଟ୍ରାକ୍ ରାସ୍ତା ଥିବାରୁ ଉଦ୍ଧାର କାର୍ଯ୍ୟରେ ସମସ୍ୟା ସୃଷ୍ଟି ହୋଇଥିଲା। ଆମ୍ବୁଲାନ୍ସ ଯିବା ଆସିବା କରିବାରେ ଅସୁବିଧା ହୋଇଥିଲା। ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଏବଂ ପରିବହନ ମନ୍ତ୍ରୀ ପୁଏଣ୍ଟେ ଦୁର୍ଘଟଣାସ୍ଥଳକୁ ଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବଗିଗୁଡ଼ିକ ମୋଡ଼ିହୋଇ ପଡ଼ି ରହିଥିବା ଫଟୋ ଓ ଭିଡିଓରୁ ଦେଖିବାକୁ ମିଳିଛି। କେତେଜଣ ଟ୍ରେନ୍ ବଗିର ଭାଙ୍ଗିଯାଇଥିବା ଝରକାରେ ଚଢ଼ିଥିବାବେଳେ ଝରକା କାଚ ଭାଙ୍ଗିବାକୁ କେତେଜଣ ଜରୁରୀ ହାତୁଡ଼ି ବ୍ୟବହାର କରୁଥିବା ଦେଖାଯାଇଛି। ଦୁର୍ଘଟଣାବେଳେ ଭୂକମ୍ପ ଭଳି ଅନୁଭୂତ ହୋଇଥିଲା ବୋଲି ଜଣେ ସ୍ଥାନୀୟ ଖବରଦାତା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅନୁକୂଳ ଗ୍ରହ ପ୍ରଭାବରୁ ସ୍ଥଗିତ କାର୍ଯ୍ୟାରମ୍ଭ, ଆର୍ଥିକ ଉନ୍ନତି, ସାମାଜିକ ସ୍ତରରେ ସମ୍ମାନିତ ହେବେ। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ ଏବଂ ଛୋଟ ଦୋକାନ କାରବାରରୁ ଲାଭବାନ୍ ହେବେ। ଅଶ୍ୱିନୀ ନକ୍ଷତ୍ରର ସନ୍ଦେହ ଏବଂ ଭୁଲ୍ ବୁଝାମଣା ହେତୁ ପାରିବାରିକ ଅଶାନ୍ତି ସୃଷ୍ଟି ହୋଇପାରେ।

**ବୃଷ**
କର୍ମକ୍ଷେତ୍ରର ବିବାଦୀୟ ସ୍ଥିତି ପ୍ରଶମିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ରୋହିଣୀ ନକ୍ଷତ୍ର ସକାଶେ ବନ୍ଧୁଙ୍କ ମଧ୍ୟସ୍ଥତା ଫଳରେ ପାରିବାରିକ ସ୍ଥିତିରେ ଉନ୍ନତି ହେବ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାର ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ବିରକ୍ତିଭାବ ସୃଷ୍ଟି ହେବ। ଆଜିର ଯାତ୍ରାରେ ଆଦର, ଗୌରବ ପାଇପାରନ୍ତି।

**ମିଥୁନ**
ଆଜି ମୃଗଶିରା ନକ୍ଷତ୍ରର ଅର୍ଥଲାଭର ପ୍ରଚେଷ୍ଟା ନିରର୍ଥକ ହେବନାହିଁ। ପଡ଼ୋଶୀଙ୍କ ସାହାଯ୍ୟରେ କାମ ହାସଲକରିବା ଫଳରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମକରି ଅନୁତପ୍ତ ହୋଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସତ୍ତ୍ୱେ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ପୁଷ୍ୟା ନକ୍ଷତ୍ର ପର କଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ ଦ୍ୱାରା ଅପଦସ୍ଥ ହେବେ। ସଭାସମିତିରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିବା ପାଇଁ ଚେଷ୍ଟା କରିପାରନ୍ତି।

**ସିଂହ**
ପାରିବାରିକ ସମସ୍ୟା ସମାଧାନକରି ଆଶ୍ୱସ୍ତି ଲଭିବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଅସମର୍ଥିତ ସୂତ୍ରରୁ ପ୍ରାପ୍ତ ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବ୍ୟବସାୟରେ ମାନ୍ଦାବସ୍ଥା ଦେଖାଦେବ। ସ୍ୱାର୍ଥ ହାସଲର ଆଶା ନିରର୍ଥକ ମନେକରି ମିତ୍ର କେହି ଛଳନାକରି ଦୂରେଇଯାଇ ପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ସନ୍ତୋଷଜନକ ରହିବ।

**କନ୍ୟା**
କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତି ସମସ୍ୟା ସୃଷ୍ଟିକରିପାରନ୍ତି। ଶିଳ୍ପ, ବାଣିଜ୍ୟ, ସାହିତ୍ୟ ଗବେଷଣା, ସାମ୍ବାଦିକତା ତଥା ଏଜେନ୍ସିପରେ ଆଶାଜନକ ସୁଫଳ ମିଳିବ। କଠିନ ପରିଶ୍ରମଜନିତ ଆକସ୍ମିକ ଭାବରେ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ହସ୍ତା ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ଭ୍ରାତୃବିବାଦର ସମ୍ମୁଖୀନ ହୋଇପାରନ୍ତି।

**ତୁଳା**
ନିଜର ବିଚାରବୁଦ୍ଧି ବିନିଯୋଗକରି ପରିସ୍ଥିତିକୁ ସଜାଡ଼ି ନେବେ। ଘରୋଇ ସମସ୍ୟା ସମାଧାନରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଗୁରୁତ୍ୱପୂର୍ଣ୍ଣ କାମରେ ଆତ୍ମୀୟଙ୍କ ଉପରେ ଭରସାକରି ନିରାଶ ହେବେ। ବିଶାଖା ନକ୍ଷତ୍ର ସକାଶେ ସାହିତ୍ୟ, ସଙ୍ଗୀତ ତଥା ସଭାସମିତିରେ ସୁନାମ ମିଳିବ। ଆଲୋଚନାରେ ନିଜକୁ ସଙ୍କୁଚିତ ରଖିବେ।

**ବିଛା**
ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ନ ହେବାରୁ ଅବସାଦ ଲାଗି ରହିବ। ଆଜି ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ଦୀର୍ଘଦିନରୁ ଅଟକି ରହିଥିବା କାମ କିମ୍ବା ପାଇ ନ ଥିବା ଅର୍ଥପ୍ରାପ୍ତିରେ ଆନନ୍ଦ ଅନୁଭବ କରିପାରନ୍ତି। ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ବୃଥାଶଙ୍କାକରି ସୁଯୋଗକୁ ହାତଛଡ଼ା କରିବା ସୂଚନା ରହିଛି।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଉଭେଇ ଯିବା ଅନୁଭବ କରିବେ। ମତଭେଦ କାରଣରୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଫଳରେ କାମ ସୁବିଧାରେ ସମ୍ପନ୍ନ ହେବ । ଉତ୍ତରାଷାଢ଼ା ନକ୍ଷତ୍ରର ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ।

**ମକର**
ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଓ ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭକରି ଆନନ୍ଦ ଅନୁଭବ କରିବେ। ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ପରୋକ୍ଷ ସାହାଯ୍ୟ ଲାଭକରି କାମ ହାସଲ କରିବେ। ଅନ୍ୟମନସ୍କରୁ ଦ୍ରବ୍ୟ ନଷ୍ଟହେବା ଆଶଙ୍କା ଦେଖାଦେବ। ଦର୍ଶନୀୟ ସ୍ଥାନ ଭ୍ରମଣ, ଆମଦାନୀ କାରବାର, ବନ୍ଧୁସମ୍ପର୍କରେ କିଛିଟା ସମସ୍ୟା ଆସିପାରେ।

**କୁମ୍ଭ**
ଶତଭିଷା ନକ୍ଷତ୍ରର ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣରେ ରହିବ। କେତେକ କ୍ଷେତ୍ରର ବିବାଦୀୟ ସ୍ଥିତି ସମ୍ପର୍କରେ ଜାଣିଥିଲେ ମଧ୍ୟ ଚୁପ୍ ରହିବେ। ବାଣିଜ୍ୟ, ବ୍ୟବସାୟ ତଥା ନିର୍ମାଣ କାମ ଧିମେଇଯିବାରୁ ସାମୟିକ ବ୍ୟସ୍ତତା ଅନୁଭବ କରିପାରନ୍ତି। ଆଜିର ଯାତ୍ରାରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବାର ଆଶଙ୍କା ଉପୁଜିପାରେ।

**ମୀନ**
ରେବତୀ ନକ୍ଷତ୍ରର ମନ ଅନୁଯାୟୀ କାମ ହାସଲ କରିବାରେ ପୂର୍ବାହ୍ଣଟି ପ୍ରୀତିପ୍ରଦ ରହିବ। ନିଜ ପରିସରରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି କାମରେ ଅସହଯୋଗ କରିବା ଆଶଙ୍କା ରହିଛି। ଅର୍ଥନୈତିକ କାରବାର, ଜମିଜମା ସମସ୍ୟା, ବ୍ୟବସାୟ ଓ ପରିବହନର ପ୍ରତିବନ୍ଧକ ଦୂରେଇବାରେ ସମର୍ଥ ହେବେ।

ଆଜି ଜାନୁଆରୀ ୨୦ ତାରିଖ, ମାଘ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର- ଦିବା ଘ.୦୧।୦୬ ପର୍ଯ୍ୟନ୍ତ ଶ୍ରବଣା/ମକର, ତତ୍ପରେ ଧନିଷ୍ଠା ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ତଥା ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୧୨ ଗତେ ଘ.୧୦।୫୧ ମଧ୍ୟେ, ଘ.୦୧।୦୩ ଗତେ ଘ.୦୧।୨୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୨।୪୨ ଗତେ ଘ.୦୪।୦୫ ମଧ୍ୟେ ରାହୁକାଳ।

# ବିଧାନ ପରିଷଦ ସୁନିଶ୍ଚିତ

ଭୁବନେଶ୍ୱର, ୧୯।୧ (ସୁନିତ୍ ମିଶ୍ର)

ରାଜ୍ୟରେ ବିଧାନ ପରିଷଦ ଗଠନ ହେବ, ଏହାଦ୍ୱାରା ଯୁବ ସମର୍ଥକଙ୍କୁ ସୁଯୋଗ ମିଳିବ, ଏହି କଥା କହି ୨୦୧୪ ଏବଂ ୨୦୧୯ ନିର୍ବାଚନ ସମୟରେ ଏକାଧିକ ଟିକେଟ ଆଶାୟୀଙ୍କୁ ବୁଝାଇବାରେ ବିଜେଡି ସଫଳ ହୋଇଥିଲା। ସେହି ଯୁବଗୋଷ୍ଠୀ ବିଳମ୍ବରେ ବୁଝିଲେ ଯେ ତାହା ଏକ ଥୋପ ଥିଲା। ୨୦୧୮ ଅଗଷ୍ଟ ୨୪ରେ ବିଜେଡି ସରକାର ବିଧାନ ପରିଷଦ ସମ୍ପର୍କିତ ପ୍ରସ୍ତାବ କ୍ୟାବିନେଟ୍‌ରେ ପାରିତ କରାଇ ଯୁବ ନେତାମାନଙ୍କ ଭିତରେ ଥଇଥାନ କରାଇବାର ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟା କରିଥିଲେ। ସେତେବେଳେ ବିଜେଡି ସତରେ ଚାହିଁଥିଲେ ରାଜ୍ୟରେ ବିଧାନ ପରିଷଦ ଗଠନ ଲାଗି କେନ୍ଦ୍ରର ଅନୁମୋଦନ ମଧ୍ୟ ଆଣିପାରିଥାଆନ୍ତା, ସେଥିପାଇଁ ଅନେକ ସୁଯୋଗ ମଧ୍ୟ ଥିଲା। ହେଲେ ତାହା ନ କରିବା ଦ୍ୱାରା ଜଣାପଡ଼ିଲା ଯେ, ବିଜେଡିର ବିଧାନ ପରିଷଦ ଗଠନ ତାହା ମିଛ ଥିଲା।

ଏବେ ୭୧ ଏକର ଜମିରେ ନୂତନ ଲୋକସେବା ଭବନ ଏବଂ ନୂଆ ବିଧାନସଭା ନିର୍ମାଣ ହେବାକୁ ଥିବାବେଳେ ଗତ ୧୨ ତାରିଖରେ ଏହାର ଭିତ୍ତିପ୍ରସ୍ତର ପଡ଼ିଲା। ଯାହାସବୁ ନୂଆ ନିର୍ମାଣ ହେବ ତା'ର ବିସ୍ତୃତ ତଥ୍ୟ ଜାଣିବା ପାଇଁ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ଯେଉଁ ବିଧାନସଭା ରହିଛି ତାହା ଭଙ୍ଗାଯିବ ନାହିଁ, ବରଂ ତାହା ମ୍ୟୁଜିୟମ ଭାବେ ରହିବ। ଭବିଷ୍ୟତରେ ବିଧାନ ପରିଷଦ ଗଠନ ହେଲେ ସେହି ବିଲ୍ଡିଂ ବ୍ୟବହାର କରାଯିବ। ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ଏକପ୍ରକାର ବୁଝାପଡୁଛି ଯେ, ସରକାର ଦୂରଦୃଷ୍ଟି ରଖି ବିଧାନସଭାର ନୂଆ ବିଲ୍ଡିଂ ନିର୍ମାଣ କରୁଛନ୍ତି। ଅର୍ଥାତ୍ ଜଣେ ମନ୍ତ୍ରୀଙ୍କ ଦ୍ୱାରା ଇଙ୍ଗିତ ବିଧାନ ପରିଷଦ ଗଠନ ସମ୍ପର୍କିତ ପ୍ରସଙ୍ଗଙ୍କୁ ଗୁରୁତ୍ୱର ସହ ନିଆଯିବା ଦରକାର। ଚର୍ଚ୍ଚା ଓ ଆଲୋଚନା ନ କରି ଜଣେ ଦାୟିତ୍ୱସମ୍ପନ୍ନ ମନ୍ତ୍ରୀ ବିଧାନ ପରିଷଦ ଗଠନ ନେଇ ଉଲ୍ଲେଖ କରି ନ ଥାନ୍ତେ। ଜାଣିବା ଶୁଣିବା ମହଲରେ ଅନେକଙ୍କ କହିବା କଥା, ଭାଜପା ଶାସନରେ ମନ୍ତ୍ରୀମାନେ କେନ୍ଦ୍ର ସରକାରଙ୍କ ସହ ବିଚାରବିମର୍ଶ କରିବା ପୂର୍ବରୁ ଏତେ ବଡ଼ ଘୋଷଣା କରିପାରିବେ ନାହିଁ। କାରଣ ମନ୍ତ୍ରୀଙ୍କ ମନ୍ତବ୍ୟ ପରଠାରୁ ବହୁ ଯୁବ ସମର୍ଥକ ଶାସକ ଦଳ ପ୍ରତି ଆକୃଷ୍ଟ ହେବା ସହିତ ବିଧାନ ପରିଷଦରେ ସ୍ଥାନ ପାଇବା ଆଶାରେ ଭାଜପା ଆଡ଼କୁ ଢଳିଲେଣି। ପୂର୍ତ୍ତ ମନ୍ତ୍ରୀଙ୍କ ଏହି ବିବରଣୀ ଅଧିକ ବିଶ୍ୱସନୀୟ ହେଉଛି, କାରଣ ଏବେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଥିବାରୁ ରାଜ୍ୟ ନେତାମାନଙ୍କ ପ୍ରତ୍ୟେକଟି ଇଚ୍ଛା ସମ୍ପୂର୍ଣ୍ଣ ଭାବେ ସାକାର ହେବାର ସୁଯୋଗ ରହିଛି। ତେଣୁ ମନ୍ତ୍ରୀଙ୍କ କହିବାନୁଯାୟୀ ଓଡ଼ିଶାରେ ବିଧାନ ପରିଷଦ ହେବା ସୁନିଶ୍ଚିତ।



ସୂଚନାଯୋଗ୍ୟ, ଦେଶରେ ଏବେ ୨୮ ରାଜ୍ୟ ଏବଂ ୮ଟି କେନ୍ଦ୍ରଶାସିତ ଅଞ୍ଚଳ ରହିଛି। ସେଗୁଡ଼ିକ ମଧ୍ୟରୁ ୧୯ ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭାଜପା ନେତୃତ୍ୱାଧୀନ ସରକାର ରହିଛି। ବର୍ତ୍ତମାନ ଆନ୍ଧ୍ରପ୍ରଦେଶ, ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲଙ୍ଗାନା ଏବଂ ଉତ୍ତରପ୍ରଦେଶ ଭଳି ୬ଟି ରାଜ୍ୟରେ ବିଧାନ ପରିଷଦ ଅଛି। ଏହି ୬ ରାଜ୍ୟ ମଧ୍ୟରୁ ୪ଟି ସ୍ଥାନରେ ଏନ୍‌ଡିଏ ସରକାର ଥିବାବେଳେ କର୍ଣ୍ଣାଟକ ଏବଂ ତେଲଙ୍ଗାନାରେ କଂଗ୍ରେସ ଶାସନ ଚାଲିଛି। ଦେଶର ବାକି ୧୩ ରାଜ୍ୟ ଓ ୨ କେନ୍ଦ୍ରଶାସିତ ରାଜ୍ୟରେ ବିଧାନ ପରିଷଦ ଗଠନ ଦିଗରେ ଭାଜପା ସରକାର ସେଭଳି ଚିନ୍ତା କଲାଭଳି ମନେହେଉନାହିଁ। ବିଧାନ ପରିଷଦ ସଦସ୍ୟମାନଙ୍କ ଲାଗି ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପ୍ରକାର ଦରମା ବ୍ୟବସ୍ଥା ରହିଥାଏ। ଯେଉଁସବୁ ରାଜ୍ୟରେ ବିଧାନ ପରିଷଦ ସଦସ୍ୟ ରହିଛନ୍ତି, ସେମାନେ ଉକ୍ତ ରାଜ୍ୟଗୁଡ଼ିକର ବିଧାୟକମାନଙ୍କ ଭଳି ଦରମା ଏବଂ ଭତ୍ତା ପାଉଛନ୍ତି। ସେମାନଙ୍କ କାର୍ଯ୍ୟକାଳ ସରିବା ପରେ ପେନସନ୍ ସୁବିଧା ମଧ୍ୟ ମିଳିଥାଏ। ଅନେକ ରାଜ୍ୟ ବିଚାର କରୁଛନ୍ତି, ବିଧାନ ପରିଷଦ ଗଠନର କୌଣସି ଆବଶ୍ୟକତା ନାହିଁ। ବିଧାନ ପରିଷଦ ରହିଥିବା ୬ ରାଜ୍ୟରେ ସେଭଳି କିଛି ଅଧିକ ବିକାଶ ହୋଇଯାଇନାହିଁ ବୋଲି ଜାତୀୟସ୍ତରରେ ଅନେକ ସମୟରେ ଆଲୋଚନା ହୋଇଥାଏ। ବିଧାନ ପରିଷଦ ଦ୍ୱାରା ରାଜ୍ୟ ସରକାରଙ୍କ ଉପରେ ଅନେକ ଶହ କୋଟି ଟଙ୍କାର ଆର୍ଥିକ ବୋଝ ରହିବ। ଏଠାରେ ଉଲ୍ଲେଖ କରାଯାଇପାରେ, ନରେନ୍ଦ୍ର ମୋଦି ସରକାରଙ୍କ ପ୍ରଥମ ୨ଟି ପାଳି ସମୟରେ ରାଜ୍ୟ ସଭା ବାରମ୍ବାର ଏକ ଅସୁବିଧାର କାରଣ ସାଜିଥିଲା। ରାଜ୍ୟସ୍ତରରେ ବିଧାନ ପରିଷଦର ଯେଉଁଭଳି କାର୍ଯ୍ୟ ଥାଏ, ଦିଲ୍ଲୀରେ ରାଜ୍ୟ ସଭା ସହିତ ଏହାର ଅନେକ ସାମଞ୍ଜସ୍ୟ ରହିଛି। ତେବେ ସମ୍ବିଧାନ ଅନୁଯାୟୀ ରାଜ୍ୟ ସଭା ଏବଂ ରାଜ୍ୟରେ ବିଧାନ ପରିଷଦର ଅନେକ କର୍ତ୍ତବ୍ୟ ରହିଛି।

ଯଦି ଓଡ଼ିଶାରେ ବିଧାନ ପରିଷଦ ଗଠନ ହୁଏ, ତାହାହେଲେ ୨୦୧୮ ଅଗଷ୍ଟ ୨୪ରେ ବିଜେଡି ସରକାରଙ୍କ ଦ୍ୱାରା କ୍ୟାବିନେଟ୍ ମଞ୍ଜୁରୀ ପାଇଥିବା ବିଧାନ ପରିଷଦ ସମ୍ପର୍କିତ ପ୍ରସ୍ତାବର ତଥ୍ୟ ଅନୁଯାୟୀ, ବିଧାନସଭା ସଂଖ୍ୟାର ଏକ ତୃତୀୟାଂଶ ଆସନକୁ ନେଇ ବିଧାନ ପରିଷଦ ଗଠନ ହେବ। ଏବେ ରାଜ୍ୟରେ ୧୪୭ ଆସନ ବିଶିଷ୍ଟ ବିଧାନସଭା ରହିଥିବା ବେଳେ ଏହାର ଏକ ତୃତୀୟାଂଶ ଦେଖିଲେ ସେହି ସଂଖ୍ୟା ୪୯ ହେଉଛି। ଅର୍ଥାତ୍ ବର୍ତ୍ତମାନ ରାଜ୍ୟରେ ବିଧାନ ପରିଷଦ ଗଠନ ହେଲେ ସେଥିରେ ୪୯ ଜଣ ସଦସ୍ୟ ରହିବେ। ସେଥିମଧ୍ୟରୁ ୧୬ ଜଣଙ୍କୁ ରାଜ୍ୟର ବିଧାୟକ ଏବଂ ୧୬ ଜଣ ରାଜ୍ୟର ଜିଲା ପରିଷଦ ସଦସ୍ୟ ଓ ପଞ୍ଚାୟତର ସମିତି ସଭ୍ୟଙ୍କ ଦ୍ୱାରା ନିର୍ବାଚିତ ହେବେ। ୯ ଜଣଙ୍କୁ ରାଜ୍ୟପାଳ ମନୋନୀତ କରିବେ। ଏହାଛଡ଼ା ୪ ଜଣ ଶିକ୍ଷକ ଏବଂ ୪ ଜଣ ଗ୍ରାଜୁଏଟ୍ ବିଧାନ ପରିଷଦକୁ ନିର୍ବାଚିତ ହେବେ। ଆହୁରି ଗୋଟିଏ କଥା ମନେ ପକାଇଦେବାକୁ ଚାହୁଁ କି, କିଛିଦିନ ତଳେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଓ କଂଗ୍ରେସ ମିଳିତ ଭାବେ ନିଷ୍ପତ୍ତି କରି ବିଧାନସଭାରେ ବିଧାୟକ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତିଙ୍କ ସମେତ ପୂର୍ବତନ ବିଧାୟକ ଓ ମନ୍ତ୍ରୀ ସମସ୍ତଙ୍କ ଦରମା ବୃଦ୍ଧି ସମ୍ପର୍କିତ ବିଲ୍‌କୁ ଗୃହରେ ପାରିତ କରାଇଦେଲେ। ଏହି ସମୟରେ ସବୁ ଦଳ ଖୁସିରେ ଏକାଠି ମଧ୍ୟ ହୋଇଗଲେ। ମାତ୍ର ଏହି ଦରମା ବୃଦ୍ଧି ପ୍ରସଙ୍ଗକୁ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରଥମେ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟର ଲୋକମାନଙ୍କ ମଧ୍ୟରେ ଅହେତୁକ ଭାବେ ବିଧାୟକମାନଙ୍କ ଭତ୍ତା ବୃଦ୍ଧିକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଲା। ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଥିବାବେଳେ ତାଙ୍କ ଦଳର ବିଧାୟକ ଓ ମନ୍ତ୍ରୀମାନେ ଦରମା ବୃଦ୍ଧି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ଲାଗି ଦାବିପତ୍ର ପ୍ରଦାନ କଲେ। ବିଜେଡି ଏବଂ କଂଗ୍ରେସ ପକ୍ଷରୁ ମଧ୍ୟ ଏହି ନିଷ୍ପତ୍ତି ପ୍ରତ୍ୟାହାର ଲାଗି କୁହାଗଲା। ତେଣୁ ବିଧାନ ପରିଷଦ ଗଠନ ହେଲେ ବିଧାନସଭା ଭଳି ଅତିରିକ୍ତ ଖର୍ଚ୍ଚର ଏକ ବୋଝ ରାଜ୍ୟକୁ ସହିବାକୁ ପଡ଼ିପାରେ।

# ବେଆଇନ ଭାବେ ଭୂତଳ ଜଳ ଶୋଷୁଛି ଜେଏସ୍‌ଡବ୍ଲ୍ୟୁ କମ୍ପାନୀ

କୁଜଙ୍ଗ, ୧୯।୧ (ମନୋଜ ପ୍ରଧାନ)



ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ବୋରୱେଲ ଖନନ କରାଯାଉଛି।

- ମଧୁର ପାନୀୟ ଜଳ ପାଇବାରୁ ବଞ୍ଚିତ ହେବା ଆଶଙ୍କାରେ ଢିଙ୍କିଆ ଚାରିଦେଶବାସୀ
- ୩୦୦ରୁ ଊର୍ଦ୍ଧ୍ୱ ବୋରୱେଲ ଖନନ କରାଯାଇ କାରଖାନା ନିର୍ମାଣରେ ବ୍ୟବହାର କରାଯାଉଛି
- କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ

ଭୂତଳ ଜଳର ସଂରକ୍ଷଣ ପାଇଁ ସରକାରୀସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଉଥିବାବେଳେ ଏହାକୁ ଉତ୍ତୋଳନ ପାଇଁ କଟକଣା ଜାରି କରାଯାଇଛି। ଏଭଳିସ୍ଥଳେ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଚାରିଦେଶ(ଢିଙ୍କିଆ, ଗଡ଼କୁଜଙ୍ଗ, ନୂଆଗାଁ ପଞ୍ଚାୟତ)ରେ ନିର୍ମାଣାଧୀନ ଥିବା ଜେଏସ୍‌ଡବ୍ଲ୍ୟୁ ଇସ୍ପାତ ପ୍ରକଳ୍ପରେ ବେଆଇନ ଭାବେ ଭୂତଳ ଜଳର ବହୁଳ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଏହାର କୁପରିଣାମ ସ୍ଥାନୀୟ ବାସିନ୍ଦାଙ୍କୁ ଆଗାମୀ ଦିନରେ ଭୋଗିବାକୁ ପଡ଼ିବ ବୋଲି ଆଶଙ୍କା କରଯାଉଛି। ଏନେଇ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଆଗାମୀ କିଛି ବର୍ଷ ମଧ୍ୟରେ ଅଞ୍ଚଳବାସୀଙ୍କୁ ମଧୁର ଜଳ ମିଳିବ ନାହିଁ ବୋଲି କ୍ଷୋଭ ପ୍ରକାଶ ପାଇଛି।

ଢିଙ୍କିଆ ଚାରିଦେଶରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିର୍ମାଣ ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ୩ଟି ବୋରୱେଲ ଖୋଲିବାକୁ ଅନୁମତି ଦେଇଛି। ମାତ୍ର ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ବେଆଇନ ଭାବେ ୩୦୦ରୁ ଊର୍ଦ୍ଧ୍ୱ ବୋରୱେଲ ଖନନ କରାଯାଇ ଭୂତଳ ଜଳକୁ କାରଖାନା ନିର୍ମାଣରେ ବ୍ୟବହାର କରାଯାଉଛି। ଏ ସମ୍ପର୍କରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡରେ ଅଭିଯୋଗ ହେଲାପରେ କମ୍ପାନୀ କର୍ତ୍ତୃପକ୍ଷ ସମ୍ପୃକ୍ତ ବୋରୱେଲଗୁଡ଼ିକର ଉପର ପାଇପ୍‌ଗୁଡ଼ିକୁ ଖୋଲି ଦେଇଥିଲେ। ଏବେ କିନ୍ତୁ ଲେବର କଲୋନୀ ଓ ବ୍ୟାଚିଙ୍ଗ ପ୍ଲାଣ୍ଟକୁ ଜଳ ଯୋଗାଣ ନିମନ୍ତେ ସେଠାରେ ପୁନର୍ବାର ବୋରୱେଲ ଖନନ କରାଯାଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ୧ ହଜାର ଫୁଟରୁ ଊର୍ଦ୍ଧ୍ୱ ଗଭୀରର ଅନେକ ବୋରୱେଲ ଖୋଳାଯାଇ କାର୍ଯ୍ୟକ୍ଷମ ହୋଇଛି। ଏଭଳିସ୍ଥିତିରେ ଢିଙ୍କିଆ ଚାରିଦେଶ ଅଞ୍ଚଳରେ ଥିବା ଅଗଭୀର ଟ୍ୟୁବ୍‌ୱେଲ୍‌ରୁ ଆଗାମୀ ଦିନରେ ଲୁଣାପାଣି ନିର୍ଗତ ହେବାର ଆଶଙ୍କା କରାଗଲାଣି। ଏହାଦ୍ୱାରା ପାନୀୟ ଓ ବ୍ୟବହାର ଉପଯୋଗୀ ଜଳ ସଙ୍କଟ ମଧ୍ୟକୁ ଢିଙ୍କିଆ ଚାରିଦେଶ ଠେଲି ହୋଇଯିବ। ଏହାସତ୍ତ୍ୱେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଓ ଜିଲା ପ୍ରଶାସନ ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ବୋଲି ଦୀନଦୟାଲ ପାରାଦୀପ ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିୟନ ସଭାପତି କ୍ଷୀରୋଦ ଚନ୍ଦ୍ର ପରିଡ଼ା ଏବଂ ଜିନ୍ଦଲ ପ୍ରଭାବିତ ଢିଙ୍କିଆ ଚାରିଦେଶ ଉନ୍ନୟନ ସମିତି ଆବାହକ ବିଜୟ କେତନ ସାହୁ ପ୍ରେସ ବିଜ୍ଞପ୍ତିରେ ଜରିଆରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ସେଥିରେ ଉଲ୍ଲେଖ କରିଛନ୍ତି ଯେ, ଶିଳ୍ପାୟନ ନାଁରେ ମଣିଷ ଜୀବନକୁ ମରଣ ମୁହଁକୁ ଠେଲି ଦିଆ ନ ଯାଉ। କମ୍ପାନୀ ପକ୍ଷରୁ ମହାନଦୀର ଯୋବ୍ରା ଆନିକଟରୁ ପାଇପ୍ ଯୋଗେ ପାଣି ଆଣି ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇବା ପାଇଁ ଚୁକ୍ତି ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ସେଥିପାଇଁ ବ୍ୟବସ୍ଥା ହୋଇନାହିଁ। ଏହାର ତଦନ୍ତ କରାଗଲେ ସମସ୍ତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ପରିଡ଼ା ଓ ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପର ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ମିତ୍ରଭାନୁ ଚୌଧୁରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ୍ ଫୋନ ଉଠାଇ ନ ଥିଲେ।

## ପାରଦ ଉପରମୁହାଁ, ୨୪ ପର୍ଯ୍ୟନ୍ତ କୁହୁଡ଼ି

ଭୁବନେଶ୍ୱର, ୧୯।୧ (ବନ୍ଦନା ସେଠୀ): ରାଜ୍ୟରେ ଏବେ ଋତୁ ବଦଳୁଛି। ରାତିରେ ଶୀତ କମିଥିବାବେଳେ ଦିନରେ ଖରାତାତି ବଢୁଛି। ତେବେ ଭୋର୍ ସମୟରେ ଶୀତ ଲହରି ଜାରି ରହିଥିଲେ ମଧ୍ୟ ଦିନସାରା ବସନ୍ତ ଋତୁର ପବନ ନିଆରା ଅନୁଭବ ଦେଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ପାରଦ ଏବେ ଉପରମୁହାଁ ହୋଇଛି। ତାପମାତ୍ରା ବୃଦ୍ଧି ପାଇବା ସହ ଶୀତ କମିଛି। ସେହିପରି ଆଗାମୀ ୫ଦିନ ଅର୍ଥାତ୍ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବା ନେଇ ଆକଳନ କରାଯାଇଛି।

# କଳଙ୍କ, କନ୍ଦଳରୁ କେବେ ମୁକୁଳିବ କଂଗ୍ରେସ

ଭୁବନେଶ୍ୱର, ୧୯।୧ (ରବିନାରାୟଣ ଜେନା)




ରାଜ୍ୟରେ ଗୋଟିଏ ପରେ ଗୋଟିଏ ସାଧାରଣ ନିର୍ବାଚନ, ରାଜ୍ୟ ସଭା ନିର୍ବାଚନ, ଉପନିର୍ବାଚନ ଓ ଅନ୍ୟାନ୍ୟ ନିର୍ବାଚନ ଯାଉଛି ଏବଂ ଆସୁଛି। ହେଲେ ଦୀର୍ଘ ୨୬ବର୍ଷ ଧରି ଜାତୀୟ କଂଗ୍ରେସ କେବଳ ସଂଘର୍ଷ କରି ଚାଲିଛି, ମାତ୍ର ସଫଳତାର ସ୍ୱାଦ ପାଇପାରୁ ନାହିଁ। କଂଗ୍ରେସ ଶାସନରେ ୧୯୮୪ରେ ହୋଇଥିବା ଛବିରାଣୀ ହତ୍ୟାକାଣ୍ଡ ଓ ପରେ ୧୯୯୯ ଜାନୁଆରୀ ୯ରେ ହୋଇଥିବା ଅଞ୍ଜନା ମିଶ୍ର ଗଣବଳାତ୍କାରର କଳଙ୍କ ପାଇଁ ଦଳ ଆଗକୁ ବଢ଼ି ପାରୁନାହିଁ। କଂଗ୍ରେସ ଶାସନର ସେହି କଳଙ୍କିତ ଇତିହାସ ପାଇଁ ଦଳର ନେତା ଓ କର୍ମୀଙ୍କ ମନୋବଳ ଦିନକୁ ଦିନ କ୍ଷୀଣ ହୋଇଯାଉଛି। ହେଲେ କଂଗ୍ରେସକୁ ଭଲ ପାଉଥିବା ଲୋକେ ଏବେ ବି ରାଜ୍ୟରେ କିଭଳି ଦଳ କ୍ଷମତାକୁ ଫେରିବ ସେନେଇ ସ୍ୱପ୍ନ ଦେଖୁଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ନିଜର ନୀତି ଓ ଆଦର୍ଶକୁ ନେଇ ଆଗକୁ ଯିବା ପରିବର୍ତ୍ତେ ସେଇ କଳଙ୍କିତ ଇତିହାସକୁ ମୁଣ୍ଡାଇ ବର୍ଷସାରା ବୁଲିବାକୁ ବାହାରିଛି। ଏହା ସମସ୍ତ କଂଗ୍ରେସପ୍ରେମୀଙ୍କୁ ହତୋତ୍ସାହ କରୁଛି।

ସେହିପରି ଦଳ ଭିତରେ ସବୁବେଳେ ଶୃଙ୍ଖଳାର ପାଠପଢ଼ା ଯାଉଛି। ହେଲେ ଦଳର ଛାମୁଆ ନେତାମାନେ ସମୟେ ସମୟେ ଏମିତି କନ୍ଦଳ କାଢ଼ି ଦେଉଛନ୍ତି ଯେ, ପରବର୍ତ୍ତୀ ସମୟରେ ଦଳ ଉପରକୁ ଉଠିବା ପାଇଁ ରାହା ପାଉନାହିଁ; ଯେଉଁଥିପାଇଁ ନିକଟରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କୁ ବିଦା କରିବା ପର୍ଯ୍ୟନ୍ତ କଥା ଯାଇଛି। ମୋକିମଙ୍କ ବହିଷ୍କାର ରାଜ୍ୟ କଂଗ୍ରେସରେ ସୁଧାର ଆଣିବ ନା ଦଳକୁ ରସାତଳକୁ ନେଇଯିବ, ତାହା ସମୟ କହିବ। ହେଲେ ଭକ୍ତଙ୍କ କଠୋର ଆଭିମୁଖ୍ୟକୁ ନେଇ ଦଳରେ ଏବେ ବି ଗୁଞ୍ଜରଣ ଲାଗି ରହିଛି।

ଇତିମଧ୍ୟରେ ରାଜ୍ୟ କଂଗ୍ରେସର ମଙ୍ଗ ବହୁ ବରିଷ୍ଠ ନେତାମାନେ ଧରିଛନ୍ତି, ହେଲେ ଯଥା ପୂର୍ବଂ ତଥା ପରମ୍ ନ୍ୟାୟରେ କଂଗ୍ରେସର ଗତି ମନ୍ଥର ରହିଛି। ଓଡ଼ିଶାରେ କଂଗ୍ରେସ କିଭଳି କ୍ଷମତାକୁ ଫେରିବ ତାକୁ ନେଇ ଏଆଇସିସି ପକ୍ଷରୁ ୨୦୨୫ ଫେବୃଆରୀରେ ସଂଗ୍ରାମୀ ନେତା ଭକ୍ତ ଚରଣ ଦାସଙ୍କୁ ପିସିସି ସଭାପତି ଆସନରେ ବସାଗଲା। ଏଠାରେ ମନେପକାଇ ଦିଆଯାଇପାରେ ଯେ, ପୂର୍ବରୁ କେଉଁଭଳି ଭାବେ କଂଗ୍ରେସର ହାଇକମାଣ୍ଡ ଓଡ଼ିଶାକୁ ଏକ ଏକ୍ସପେରିମେଣ୍ଟ ଭାବେ ବ୍ୟବହାର କରୁଥିଲେ। ଦିଲ୍ଲୀରୁ ନିଯୁକ୍ତି ପାଇ ଭୁବନେଶ୍ୱର ମାଟି ଛୁଇଁବା ମାତ୍ରେ ନୂଆ ରାଜ୍ୟ କଂଗ୍ରେସ କମିଟି ସଭାପତିଙ୍କୁ ବିରୋଧ ଆରମ୍ଭ କରି ଦିଆଯାଉଥିଲା। ଗୋଟିଏ ପରିବାରର ବ୍ୟବସାୟିକ ସ୍ୱାର୍ଥକୁ ସୁହାଉ ନ ଥିବା ବ୍ୟକ୍ତି କଂଗ୍ରେସର ସଭାପତି ଭାବେ ତିଷ୍ଠିବାର ଅସଫଳ ହେଉଥିଲେ। ଦଳକୁ ବାରମ୍ବାର ବିକ୍ରି କରି ଯେଉଁ ପରିବାର ଲାଭ ଉଠାଉଥିଲା, ତାହାକୁ ଆଜି ଭକ୍ତଙ୍କ ଦ୍ୱାରା ଦମନ କରାଯାଇଛି। ଏହି ପରିସ୍ଥିତିରେ ଭକ୍ତ ଦଳକୁ ଶୃଙ୍ଖଳିତ କରିବା ସହିତ ଆଗକୁ କିଭଳି ବଢ଼ିବ ସେଥିନେଇ ବିଭିନ୍ନ ପ୍ରକାର ରଣକୌଶଳ ପ୍ରୟୋଗ କରି ଚାଲିଛନ୍ତି। ହେଲେ ନିକଟରେ ନୂଆପଡ଼ାରେ ହୋଇଥିବା ଉପନିର୍ବାଚନରେ ଦଳକୁ ସେତେଟା ସଫଳତା ମିଳିପାରିଲା ନାହିଁ। ଯଦିଓ ସଂଖ୍ୟା ଦୃଷ୍ଟିରୁ ନୂଆପଡ଼ାରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଲା, ତଥାପି ପୂର୍ବ ନିର୍ବାଚନରେ ଯେତିକି ପରିମାଣର ଭୋଟ ମିଳିଥିଲା ତାହା ବଜାୟ ରଖିପାରିଲା ନାହିଁ। ଏହି ଉପନିର୍ବାଚନ ଭକ୍ତଙ୍କ ପାଇଁ ଅଗ୍ନି ପରୀକ୍ଷା ରହିଥିଲେ ହେଁ ସେ ସଫଳ ହୋଇପାରି ନ ଥିଲେ।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭାରେ ଓଡ଼ିଶାର ୪ଟି ଆସନ ଖାଲି ହେବାକୁ ଯାଉଛି। ଏ ସମସ୍ତ ଆସନ ଏବେ ବିଜେଡି ଖାତାରେ ରହିଥିବାବେଳେ ଅଙ୍କ ଦୃଷ୍ଟିରୁ ଏସବୁ ଆଉ ପୁନର୍ବାର ବିଜେଡି ଖାତାକୁ ଫେରିବ ନାହିଁ। ରାଜନୀତି ପାଣିପାଗ କହୁଛି ଯେ, ସେଥିରୁ ଭାଜପା ୨ଟି ଏବଂ ବିଜେଡି ଗୋଟିଏ ଆସନ ପାଇବେ। ଅବଶିଷ୍ଟ ଆସନଟି ପାଇଁ ବିଜେଡି-ଭାଜପା ମଧ୍ୟରେ ଅଙ୍କକଷା ଜୋରଦାର ଚାଲିଛି। ନିକଟରେ ବିଜେଡିରୁ ଦୁଇ ବିଧାୟକ ସଦସ୍ୟ ନିଲମ୍ବନ ହେବା ପରେ ଦଳରେ ହଟଚମଟ ଲାଗି ରହିଛି।

ଭାଜପା ଏବଂ ବିଜେଡି ରାଜ୍ୟ ସଭା ଦୌଡ଼ରେ ରହିଥିବାବେଳେ ଏସବୁ ଦୌଡ଼ରେ କଂଗ୍ରେସ ନାହିଁ। ସଂଖ୍ୟା ଦୃଷ୍ଟିରୁ ବହୁ ପଛରେ ରହିଥିବାରୁ କେତେକ ସଦସ୍ୟ କେବଳ କିଣାବିକା ପାଇଁ ସଜବାଜ ହେଉଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହା କଂଗ୍ରେସର ଛବିକୁ ପୁଣିଥରେ ମଳିନ ଯେ ନ କରିବ ତାକୁ ନେଇ ଏବେଠାରୁ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଆଗକୁ ୨୦୨୭ରେ ରହିଛି ପଞ୍ଚାୟତ ନିର୍ବାଚନ। ଯଦି କଂଗ୍ରେସ ଏବେଠାରୁ ଘର ନ ସଜାଡ଼େ ତେବେ ଏହା ପୁନର୍ବାର ଦଳ ପାଇଁ ଘାତକ ସାବ୍ୟସ୍ତ ହେବ। ଯେଉଁ ପାପକୁ ଧୋଇବା ପାଇଁ ଭକ୍ତଙ୍କୁ ଦାୟିତ୍ୱ ଦିଆଯାଇଛି ଯଦି ସେ ପୁଣି ଥରେ ସେଥିରେ ଘାଣ୍ଟି ହେବେ ଏବଂ କଂଗ୍ରେସର କଳଙ୍କିତ ଅଧ୍ୟାୟକୁ ସାଙ୍ଗରେ ଧରି ବୁଲିବେ ତେବେ ଦଳର କ୍ଷମତା ଆଶା ମଉଳିଯିବ ବୋଲି ବିଶିଷ୍ଟ ରାଜନେତାମାନେ ବିବେଚନା କରୁଛନ୍ତି।

# ଭଦ୍ରକ ଡାକ୍ତରଖାନା ବାଥ୍‌ରୁମ୍‌ରୁ ମିଳିଲା ମୃତଦେହ

## ପୁଣି ଅଲୋଡ଼ା ଶିଶୁକନ୍ୟା

ଭଦ୍ରକ, ୧୯।୧ (ସନାତନ ରାଉତ)

ପୁଣି ଅଲୋଡ଼ା ହେଲା ନବଜାତ ଶିଶୁକନ୍ୟା। ଡାକ୍ତରଖାନା ବାଥ୍‌ରୁମ୍‌ରୁ ମିଳିଛି ଏକ ନବଜାତ ଶିଶୁକନ୍ୟାର ମୃତଦେହ। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଡାକ୍ତରଖାନାର ମହିଳା ୱାର୍ଡ ବାଥ୍‌ରୁମ୍‌ରେ ନବଜାତ ଶିଶୁକନ୍ୟା ପଡ଼ିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ଦେଖିବା ପରେ ଘଟଣା ସାମ୍ନାକୁ ଆସିଛି। କେହି ଜଣେ ସଦ୍ୟ ପ୍ରସବା ଏହି ନବଜାତ ଶିଶୁକନ୍ୟାକୁ ବାଥ୍‌ରୁମ୍‌ରେ ପକାଇ ଚିକିତ୍ସାଳୟରୁ ପଳାଇ ଯାଇଥିବା ଏବଂ ପରେ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେବେ ଡାକ୍ତରଖାନା କର୍ମଚାରୀ କିମ୍ବା ଏପରିକି ସେହି ୱାର୍ଡରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀ, ଷ୍ଟାଫ୍‌ନର୍ସ ଓ ସୁରକ୍ଷା କର୍ମୀ ଘଟଣା ବିଷୟରେ କିପରି ଜାଣିପାରିଲେ ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଏ ଓ କେଉଁ ପରିସ୍ଥିତିରେ ଏପରି ପିଲା ଜନ୍ମ କରି ଛାଡ଼ି ଚାଲି ଯାଇଛନ୍ତି, ତାହାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଖୋଳତାଡ଼ ଆରମ୍ଭ କରିଛନ୍ତି। ତେବେ ନୂତନ ଭାବେ ଯୋଗଦେଇଥିବା ନୂତନ ଭାବେ ଯୋଗ ଦେଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।



ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ- ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। -ଶ୍ରୀମା

-ଦ୍ୱିତୀୟାର ଚନ୍ଦ୍ର ଦର୍ଶନ



# କୁଲି, ମୂଲିଆଙ୍କ ଦେଶ

ପାଖାପାଖି ୧୫୦ କୋଟି ଲୋକସଂଖ୍ୟା ବିଶିଷ୍ଟ ଭାରତରେ ଯୁବଶକ୍ତିର କେତେ ବେରୋଜଗାର ଅଛନ୍ତି ତାହାର ବାସ୍ତବ ସଂଖ୍ୟା ଜାଣିବା ଅସମ୍ଭବ। ଏଇଥିପାଇଁ ଅସମ୍ଭବ କୁହାଯାଉଛି ଯେ, କାରଣ ଏବକାର ପରିସ୍ଥିତିରେ କୌଣସି ସରକାରୀ କଳ ଦ୍ୱାରା ସଂଗୃହୀତ ତଥ୍ୟ ଉପରେ ଭରସା କରାଯାଇପାରିବ ନାହିଁ। ତେବେ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ) ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହ୍ୟୁମାନ ଡେଭଲପ୍‌ମେଣ୍ଟ (ଆଇଏଚ୍‌ଡି) ୨୦୨୪ରେ ଏକ ରିପୋର୍ଟ ପ୍ରକାଶ କରିଥିଲେ, ଯେଉଁଥିରେ ଦର୍ଶାଯାଇଥିଲା ଯେ ନିଯୁକ୍ତିବିହୀନ ଭାରତୀୟଙ୍କ ମଧ୍ୟରେ ରହିଛନ୍ତି ୮୩ ପ୍ରତିଶତ ଯୁବବର୍ଗ। ଅର୍ଥାତ୍ ଭାରତରେ ଯୁବ ବେକାର ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିଚାଲିଛି। ଏବେ ଚକିତ କଲାଭଳି ଏକ ରିପୋର୍ଟ 'ୱାର୍କଇଣ୍ଡିଆ' ପକ୍ଷରୁ ପ୍ରକାଶ ପାଇଛି। ଭାରତରେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଆଶାୟୀ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ଘଟସୂତ୍ର ସ୍ଥାପନ କରିବା ଦିଗରେ କାର୍ଯ୍ୟ କରୁଥିବା ଏହି ଅନ୍‌ଲାଇନ୍ ଜବ୍ ପୋର୍ଟାଲ କହିଛି ଯେ, ଦେଶରେ ବହୁ ଚାକିରି ଦଶମ ଶ୍ରେଣୀ ତଳକୁ ପଢ଼ିଥିବା ବର୍ଗକୁ ପସନ୍ଦ କରୁଛି। ଏହାର ଅର୍ଥ ବୁଝାଯିବା କଥା ନୁହେଁ ଯେ, ଦଶମ ପରେ ଅର୍ଜନ କରାଯାଇଥିବା ଡିଗ୍ରୀର ମାନେ କିଛି ନାହିଁ। କିନ୍ତୁ ଦେଶର ଶ୍ରମ ବଜାର କିଭଳି ଦିଗରେ ଗତି କରୁଛି ତାହାକୁ ଲକ୍ଷ୍ୟ କରିବା କଥା। କମ୍ ଶିକ୍ଷାଗତ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି କିଭଳି ନିଯୁକ୍ତି ବଜାରରେ ଆଦର ପାଉଛନ୍ତି ତାହାର ସଂଖ୍ୟାତ୍ମକ ରିପୋର୍ଟ ୱାର୍କଇଣ୍ଡିଆ ପ୍ରକାଶ କରିଛି। ୨୦୨୫ରେ ପ୍ରାୟ ୯.୯ ଲକ୍ଷ ନିଯୁକ୍ତିଦାତା ଓ ୧୦ କୋଟିରୁ ଅଧିକ କର୍ମଚାରୀଙ୍କ ନିଯୁକ୍ତି ତଥ୍ୟ ଉପରେ ଆଧାରିତ ରିପୋର୍ଟରେ କୁହାଯାଇଛି ଯେ, ଚାକିରି ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଦଶମ ଶ୍ରେଣୀ ତଳେ ରହିଥିବା ବର୍ଗଙ୍କ ସବୁଠାରୁ ଅଧିକ ଚାହିଦା ଥିବା ଯୋଗ୍ୟତା ପାଲଟିଯାଇଛି। ଅନ୍ୟପକ୍ଷରେ କର୍ମଚାରୀ ଓ ମାନବ ସମ୍ବଳ ଦିଗରେ କାର୍ଯ୍ୟରତ 'ଟିମ୍‌ଲିଜ୍'ର ଏକ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ୭୫ ପ୍ରତିଶତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଏବେବି ଶିଳ୍ପ ଆବଶ୍ୟକତା ସହ ଅସଙ୍ଗତ ରହିଛନ୍ତି। ଚାକିରି ଓ ଶିକ୍ଷା ବର୍ତ୍ତମାନ ଭିନ୍ନ ପଥରେ ଯାଉଛନ୍ତି, ଯାହା ପୂର୍ବରୁ ହାତେହାତେ ଚାଲୁଥିଲା।

ଉପରଲିଖିତ ରିପୋର୍ଟ ଦେଖିଲେ ଭାରତରେ ନିଯୁକ୍ତିର ବିଷମ ଦିଗସବୁ ପଦାକୁ ଆସୁଛି। ଏଥିପାଇଁ ଦେଶର ଶିକ୍ଷା ଓ ନିଯୁକ୍ତିଭିତ୍ତିକ ନୀତି ବା ଯୋଜନାକୁ ଇଙ୍ଗିତ କରାଯାଇପାରେ। ଭାରତ ବିକଶିତ ରାଷ୍ଟ୍ର ହେବା ପାଇଁ ସ୍ୱପ୍ନ ଦେଖିବା ସ୍ୱାଗତଯୋଗ୍ୟ। ୫ ଟ୍ରିଲିୟନ ଅର୍ଥନୀତି ପାଇଁ ଆକାଂକ୍ଷା ରଖିବା ଉତ୍ସାହଜନକ। କିନ୍ତୁ ପ୍ରଶ୍ନ ଉଠୁଛି ଯେ, ଏଥିପାଇଁ ଦେଶର ଯୁବଶକ୍ତିଙ୍କୁ କେତେ ପରିମାଣରେ ପ୍ରସ୍ତୁତ କରାଯାଉଛି। ଗତ ଦଶନ୍ଧି ହେବ ନିଯୁକ୍ତି କ୍ଷେତ୍ରକୁ ବ୍ୟାପକ କରାଯାଉଥିବା ଜୋରଦାର କୁହାଯାଉଛି। ବାସ୍ତବରେ ଦେଖିଲେ କମ୍ ପାଠ ପଢ଼ି କୁଶଳୀ ହେଉଥିବା ବର୍ଗଙ୍କୁ ବିଶେଷ ଅଗ୍ରାଧିକାର ଦିଆଯାଉଛି। କାରଣ ଭାରତରେ ଶିକ୍ଷାଲାଭ କରିଥିବା ଯୁବକ ଯଦି ନିଜକୁ ଉଚ୍ଚଶିକ୍ଷିତ ମନେକରନ୍ତି, ତେବେ ସେମାନେ ନିଜ ହାତରେ କୌଣସି କାର୍ଯ୍ୟ କରିବାକୁ ପସନ୍ଦ କରନ୍ତି ନାହିଁ। ସମସ୍ତଙ୍କୁ ଟେବୁଲରେ ବସା ଚାକିରି ଆବଶ୍ୟକ, ଯେଉଁଥିରେ ମାସ ଶେଷରେ ଦରମା ସୁନିଶ୍ଚିତ ଥିବ। ଯଦି ଦରମା ସହିତ ଉପୁରି ମିଳିପାରିଲା ତେବେ ତାହା ଆକର୍ଷଣୀୟ ଚାକିରି, ଯାହାକୁ ହାସଲ କରିବା ପାଇଁ ଆଶାୟୀ ସମ୍ପତ୍ତି ବିକ୍ରିକରି ଘୁସ୍ ଦେବାପାଇଁ ପ୍ରସ୍ତୁତ ହୋଇଯାଆନ୍ତି। କାର୍ଯ୍ୟରେ ସମୟ ଏବଂ ଗୁଣବତ୍ତାକୁ ଆଖିରେ ରଖିବାର ଚରିତ୍ର ଆମେ ଭାରତୀୟମାନେ ଶିଖିବାକୁ ନାରାଜ। ସମୟ ଥିଲା ଭାରତରୁ ଏବେ ପୂର୍ଣ୍ଣାଙ୍ଗ ଉତ୍ପାଦ ବିଦେଶକୁ ରପ୍ତାନି ହେଉଥିଲା। ଗତ ଦଶନ୍ଧିର ରେକର୍ଡ ଦେଖିଲେ ମନେହେଉଛି ଏହି ଦେଶରୁ କେବଳ କଞ୍ଚାମାଲ ବିଦେଶକୁ ରପ୍ତାନି ହେଉଛି। ଭାରତୀୟ ଯୁବକ ବାସ୍ତବରେ କାର୍ଯ୍ୟ ନୁହେଁ, ଚାକିରି ଖୋଜିଥାନ୍ତି। ଏହି ଦୁଇଟି ଶବ୍ଦ ମଧ୍ୟରେ ଅନେକ ଅନ୍ତର ରହିଛି। କାର୍ଯ୍ୟଦକ୍ଷତାର ଘୋର ଅଭାବ ଯୋଗୁ ଭାରତର ଯୁବପିଢ଼ି ନିଯୁକ୍ତିଯୋଗ୍ୟ ହୋଇପାରୁ ନାହାନ୍ତି। ଦଶମ ଶ୍ରେଣୀରୁ ନିମ୍ନ ଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ମିଳୁଥିବାର ଅର୍ଥ ହେଉଛି କୁଲି, ମୂଲିଆ ଓ କ୍ଲିନର ଚାକିରି। ଖୁବ୍‌ଶୀଘ୍ର ଏହି ଦେଶ ଅଳ୍ପ କେତେକ ପୁଞ୍ଜିପତିଙ୍କ ଦ୍ୱାରା ଶାସିତ ହେବ, ଯେଉଁଥିରେ ସାଧାରଣ ଯୁବତୀଯୁବକ କେବଳ ସେହି ଛୋଟକାଟିଆ କାମରେ ନିଯୁକ୍ତ ହେଉଥିବେ।

**କାର୍ଯ୍ୟଦକ୍ଷତାର ଘୋର ଅଭାବ ଯୋଗୁ ଭାରତର ଯୁବପିଢ଼ି ନିଯୁକ୍ତିଯୋଗ୍ୟ ହୋଇପାରୁ ନାହାନ୍ତି। ଦଶମ ଶ୍ରେଣୀରୁ ନିମ୍ନ ଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ମିଳୁଥିବାର ଅର୍ଥ ହେଉଛି କୁଲି, ମୂଲିଆ ଓ କ୍ଲିନର ଚାକିରି। ଖୁବ୍‌ଶୀଘ୍ର ଏହି ଦେଶ ଅଳ୍ପ କେତେକ ପୁଞ୍ଜିପତିଙ୍କ ଦ୍ୱାରା ଶାସିତ ହେବ, ଯେଉଁଥିରେ ସାଧାରଣ ଯୁବତୀଯୁବକ କେବଳ ସେହି ଛୋଟକାଟିଆ କାମରେ ନିଯୁକ୍ତ ହେଉଥିବେ**

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | 1 | | | | | 5 | 3 |
| | 7 | 6 | 9 | 3 | | | | |
| 7 | | 8 | 6 | | | | 4 | |
| | | | 7 | | | | | |
| | 5 | 4 | | | | | 1 | 8 |
| | | | | 7 | | | 8 | |
| | 9 | 3 | | 2 | | | | |
| | | | 1 | | 8 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 9 | 5 | 1 | 3 | 8 | 2 | 7 |
| 1 | 2 | 8 | 6 | 7 | 4 | 5 | 9 | 3 |
| 7 | 3 | 5 | 2 | 9 | 8 | 4 | 1 | 6 |
| 5 | 8 | 7 | 1 | 3 | 6 | 9 | 4 | 2 |
| 4 | 9 | 6 | 8 | 2 | 7 | 3 | 5 | 1 |
| 3 | 1 | 2 | 4 | 5 | 9 | 7 | 6 | 8 |
| 2 | 7 | 4 | 9 | 8 | 1 | 6 | 3 | 5 |
| 9 | 5 | 3 | 7 | 6 | 2 | 1 | 8 | 4 |
| 8 | 6 | 1 | 3 | 4 | 5 | 2 | 7 | 9 |

ଗତକାଲିର ଉତ୍ତର

# ଜଳବାୟୁ ବିପଦ ସୂଚକାଙ୍କ ଚେତାବନୀ



ପ୍ରକାଶ ତ୍ରିପାଠୀ

ସମ୍ପ୍ରତି ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ବିପଦପୂର୍ଣ୍ଣ ସ୍ତରରେ ପହଞ୍ଚିଛି। ଏହାଦ୍ୱାରା ଅନେକ ଅଞ୍ଚଳରେ ଜନସାଧାରଣ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ଏହାର ମୁଖ୍ୟ କାରଣ ଭାବେ ଯାନବାହନ ଓ ଶିଳ୍ପ ଆଦିରୁ ଧୂଆଁ ନିଷ୍କାସନ, ନିର୍ମାଣ କାର୍ଯ୍ୟ, ଅଳିଆ ଏବଂ ନଡ଼ା ପୋଡ଼ିବାଜନିତ ପ୍ରଦୂଷଣ କୁହାଯାଉଛି। ଏହି ପ୍ରଦୂଷଣର ପ୍ରଭାବ କେବଳ ଦିଲ୍ଲୀ ପର୍ଯ୍ୟନ୍ତ ସୀମିତ ନୁହେଁ; ବିହାର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଚଣ୍ଡିଗଡ଼ ଭଳି ପାହାଡ଼ିଆ ଏବଂ ଅନ୍ୟାନ୍ୟ ରାଜ୍ୟରେ ବାୟୁ ଗୁଣବତ୍ତାକୁ ମଧ୍ୟ ଖରାପ କରୁଛି। ଠିକ୍ ଏହି ସମୟରେ ଜଳବାୟୁ ବିପଦ ସୂଚକାଙ୍କ ୨୦୨୬ର ଏକ ସଦ୍ୟ ରିପୋର୍ଟ ପ୍ରକାଶ ପାଇଛି, ଯାହା କି ଭାରତରେ ଜଳବାୟୁ ପ୍ରତି ଚରମ ଚେତାବନୀ ଦେଇଛି। ଏହି ରିପୋର୍ଟ ଅନୁଯାୟୀ ୧୯୯୫-୨୦୨୪ ସମୟ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଚରମ ପାଣିପାଗ ଘଟଣା (ବନ୍ୟା, ସାମୁଦ୍ରିକ ଝଡ଼, ଅଂଶୁଘାତ, ମରୁଡ଼ି ଇତ୍ୟାଦି) ପାଇଁ ସବୁଠାରୁ ଅଧିକ ସମ୍ବେଦନଶୀଳ ଶୀର୍ଷ ଦଶଟି ଦେଶ ମଧ୍ୟରେ ଭାରତ ସ୍ଥାନ ପାଇଛି। ଏହି ତିରିଶ ବର୍ଷର ସମୟ ମଧ୍ୟରେ, ଭାରତ ପ୍ରାୟ ୪୩୦ଟି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି, ଯେଉଁଥିରେ ପ୍ରାୟ ଅଶୀ ହଜାର ଲୋକଙ୍କ ମୃତ୍ୟୁ ହେବା ସହ ଶହେ କୋଟିରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏହି ସମୟରେ ଆନୁମାନିକ ଆର୍ଥିକ କ୍ଷତି ଥିଲା ପ୍ରାୟ ୧୭୦ ବିଲିୟନ। ଏହି ରିପୋର୍ଟ ଆହୁରି ସ୍ପଷ୍ଟ କରିଛି ଯେ ଭାରତ 'ନିରନ୍ତର ବିପଦ' ବର୍ଗରେ ରହିଆସିଛି ଓ ଦେଶରେ ଜଳବାୟୁ ବିପର୍ଯ୍ୟୟ ଏତେ ନିୟମିତ ଘଟୁଛି ଯେ ଗୋଟିଏ ବିପର୍ଯ୍ୟୟର ପ୍ରଭାବରୁ ସମ୍ପୂର୍ଣ୍ଣ ମୁକ୍ତିଲାଭ ପୂର୍ବରୁ ଆଉ ଗୋଟିଏ ବିପର୍ଯ୍ୟୟ ଘଟି ଯାଉଛି। ଯଦି ଜଳବାୟୁ-ସ୍ମାର୍ଟ ନୀତି, ବିପର୍ଯ୍ୟୟ ପରିଚାଳନା, ସବୁଜ ଭିତ୍ତିଭୂମି, ଜଳ ସଂରକ୍ଷଣ, ଉପକୂଳ ସୁରକ୍ଷା ଏବଂ ଗ୍ରାମୀଣ ବିକାଶ ଉପରେ ତୁରନ୍ତ ଏବଂ ସକ୍ରିୟ ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦଶନ୍ଧିଗୁଡ଼ିକରେ ଭାରତର ଦୁର୍ବଳତା ଆହୁରି ବୃଦ୍ଧି ପାଇପାରେ। ପ୍ରକାଶଯୋଗ୍ୟ ଯେ ଜଳବାୟୁ ବିପଦ ସୂଚକାଙ୍କ ହେଉଛି ଜର୍ମାନୱାଚ ନାମକ ଏକ ଅନ୍ତର୍ଜାତୀୟ ପରିବେଶଭିତ୍ତିକ ସ୍ୱାଧୀନ ସଂଗଠନର ଏକ ବାର୍ଷିକ ପ୍ରକାଶନ। ଏହି ସଂଗଠନ ୨୦୦୬ ମସିହାରୁ ଚରମ ପାଣିପାଗ ଘଟଣାଗୁଡ଼ିକର ମାନବ ଏବଂ ଆର୍ଥିକ କ୍ଷତିକୁ ସର୍ବେକ୍ଷଣ କରିଆସୁଛି।

ବ୍ରାଜିଲର ବେଲେମରେ ଅନୁଷ୍ଠିତ ଜଳବାୟୁ ବିପଦ ସୂଚକାଙ୍କ ସମ୍ମିଳନୀରେ ପ୍ରକାଶିତ ରିପୋର୍ଟ



ପୃଷ୍ଠଭୂମିରେ ବିଶ୍ୱ ସମ୍ମୁଖରେ ସେହି କଠୋର ସତ୍ୟକୁ ଉପସ୍ଥାପନ କରିଛି, ଯାହା ଆମେ ବର୍ଷ ବର୍ଷ ଧରି ଅନୁଭବ କରିଆସୁଛୁ। କିନ୍ତୁ ଏହାର ସମାଧାନ ଖୋଜିବାର ଗତି ଏପର୍ଯ୍ୟନ୍ତ ନଗଣ୍ୟ। ଏହି ରିପୋର୍ଟରେ ଭାରତରେ ଏକ ଭୟଙ୍କର ଜଳବାୟୁ ଚିତ୍ର ଯେପରି ଦର୍ଶାଯାଇଛି, ତାହାକୁ ଅଣଦେଖା କଲେ ତାହା ଜାତୀୟ ସୁରକ୍ଷା, ଅର୍ଥନୀତି, ଖାଦ୍ୟ ସୁରକ୍ଷା ଏବଂ ମାନବ ଜୀବନ ପାଇଁ ବିପଦପୂର୍ଣ୍ଣ ହେବ। ଯେତେବେଳେ ଭାରତ ବିଶ୍ୱ ପ୍ଲାଟଫର୍ମରେ ବିକାଶକୁ ତ୍ୱରାନ୍ୱିତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଭିତ୍ତିଭୂମିରେ ପ୍ରଚୁର ନିବେଶ କରିବା ବିଷୟରେ କଥାବାର୍ତ୍ତା କରୁଛି, ସେତେବେଳେ ଜଳବାୟୁ ସଙ୍କଟ ଆମ ବିକାଶରେ ନୂଆ ନୂଆ ପ୍ରତିବନ୍ଧକ ସୃଷ୍ଟି କରୁଛି। ଭାରତର ଭୌଗୋଳିକ ବିବିଧତା ଏଥିପାଇଁ ସୁଯୋଗ ଏବଂ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ସାମୁଦ୍ରିକ ବାତ୍ୟା/ଘୂର୍ଣ୍ଣିବାତ୍ୟାର ବୃଦ୍ଧି ପାଉଥିବା ତୀବ୍ରତା, କିଛି ଅଞ୍ଚଳରେ ନିରନ୍ତର ମରୁଡ଼ି ଏବଂ ଅନେକ ରାଜ୍ୟରେ ବିନାଶକାରୀ ବନ୍ୟା - ଏହି ତିନୋଟି ମିଳିତ ଭାବରେ ଭାରତ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି, ଯାହା ଖାଦ୍ୟ ଶୃଙ୍ଖଳ, ଜଳ ସୁରକ୍ଷା ଏବଂ ଜୀବିକା ପାଇଁ ଗମ୍ଭୀର ବିପଦ ଆଣିଛି। ଗତ ବର୍ଷର ପ୍ରବଳ ବର୍ଷା ଏବଂ ବନ୍ୟା ପ୍ରାୟ ଆଠ ନିୟୁତ ଲୋକଙ୍କୁ ପ୍ରଭାବିତ କରିଥିଲା। ଏହି ସଂଖ୍ୟା ସୂଚାଇ ଦିଏ ଯେ ପ୍ରତ୍ୟେକ ଜଳବାୟୁ ପ୍ରଭାବ ବର୍ତ୍ତମାନ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ସିଧାସଳଖ ପ୍ରଭାବିତ କରୁଛି।

୧୪୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ ଯୋଗାଇବା ନିଶ୍ଚିତ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ଜଳବାୟୁ ପରିବର୍ତ୍ତନ କୃଷି ଚକ୍ରକୁ ପରିବର୍ତ୍ତନ କରିଛି। କୃଷି ତଥା ଆନୁଷଙ୍ଗିକ କ୍ଷେତ୍ରକୁ ଅନିଶ୍ଚିତ ପରିସ୍ଥିତିକୁ ଠେଲି ଦେଇଛି। ଋତୁଚକ୍ର ପରିବର୍ତ୍ତନ, ପରିବର୍ତ୍ତନଶୀଳ ତାପମାତ୍ରା, ଅସମୟରେ ବର୍ଷା ଏବଂ ଦୀର୍ଘ ମରୁଡ଼ି ଅନେକ ଫସଲର ଉତ୍ପାଦନକୁ ଗଭୀର ଭାବରେ ପ୍ରଭାବିତ କରିଛି। ତେଣୁ, ଆଜି କେବଳ କୃଷି ପ୍ରଯୁକ୍ତିବିଦ୍ୟା ନୁହେଁ ବରଂ ଚାଷୀ ସ୍ତରରେ ବ୍ୟାପକ ସଚେତନତା, ଫସଲ ବିବିଧତା, ଜଳ ସଂରକ୍ଷଣ ଏବଂ ତାପମାତ୍ରା-ପ୍ରତିରୋଧୀ ବିହନ ଉପରେ ଗବେଷଣା ମଧ୍ୟ ସମାନ ଭାବରେ ଜରୁରୀ। ଭାରତ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଏହାର ଜଳବାୟୁ ପ୍ରତିବଦ୍ଧତାକୁ ଗମ୍ଭୀରତାର ସହିତ ଅନୁସରଣ କରିଛି। ନବୀକରଣୀୟ ଶକ୍ତି, ବିଶେଷକରି ସୌର ଶକ୍ତି କ୍ଷେତ୍ରରେ ଭାରତର ଅଗ୍ରଗତି ଉଲ୍ଲେଖନୀୟ। କିନ୍ତୁ କେବଳ ଲକ୍ଷ୍ୟ ସ୍ଥିର କରିବା ଯଥେଷ୍ଟ ନୁହେଁ, ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତୃଣମୂଳ ସ୍ତରରେ ଏହାର ପ୍ରକୃତ ପ୍ରଭାବ ଦେଖେ ତାହା ନିରୂପଣ ହେବା ଆବଶ୍ୟକ। ତାପମାତ୍ରା ବୃଦ୍ଧି ପାଇଁ ପଦକ୍ଷେପ ହେଉ କିମ୍ବା କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ଯୋଜନା ହେଉ, ସେମାନଙ୍କର ଫଳାଫଳ କେବଳ କାଗଜପତ୍ରରେ ନୁହେଁ ବରଂ ଗ୍ରାମ ଏବଂ ସହରଗୁଡ଼ିକର ପ୍ରକୃତ ପରିସ୍ଥିତିରେ ଦୃଶ୍ୟମାନ ହେବା ଉଚିତ। ଏହାକୁ ହାସଲ କରିବା ପାଇଁ, ଗ୍ରାମ ପଞ୍ଚାୟତଠାରୁ ଆରମ୍ଭ କରି ପୌର ସଂସ୍ଥା ପର୍ଯ୍ୟନ୍ତ ସମସ୍ତଙ୍କୁ ସମାଧାନ ପ୍ରକ୍ରିୟାରେ ସାମିଲ କରିବା ଅତ୍ୟନ୍ତ ଜରୁରୀ। ବିକାଶ ଏବଂ ପରିବେଶ ସୁରକ୍ଷାକୁ ଅସଙ୍ଗତ ବୋଲି ବିଚାର କରିବା ଏକ ଦୀର୍ଘକାଳୀନ ଭୁଲ। ପରିବେଶଗତ ଦୃଷ୍ଟିରୁ ଆଜି ସମସ୍ତ ବିକାଶ ମଡେଲ ସମ୍ବେଦନଶୀଳ ହେବା ଆବଶ୍ୟକ। ଯଦି ବିକାଶ ଜଙ୍ଗଲ କଟାର ମୂଲ୍ୟରେ ଆସେ, ତେବେ ଏହାର ଲାଭ କ୍ଷଣସ୍ଥାୟୀ ଏବଂ କ୍ଷତି ଅଧିକ। ଏହା ମଧ୍ୟ ଏକ ସତ୍ୟ ଯେ ବିଶ୍ୱ କାର୍ବନ ନିର୍ଗମନରେ ଯେଉଁ ଦେଶମାନଙ୍କର ଅବଦାନ ନଗଣ୍ୟ, ସେମାନେ ଜଳବାୟୁ ସଙ୍କଟର ଅଧିକ ସମ୍ମୁଖୀନ ହେଉଛନ୍ତି। ବିକାଶଶୀଳ ଦେଶମାନଙ୍କ ପାଖରେ ଜଳବାୟୁ ବିପର୍ଯ୍ୟୟର ମୁକାବିଲା ପାଇଁ ସୀମିତ ସମ୍ବଳ ଏବଂ ସୀମିତ କ୍ଷମତା ଅଛି। ତେଣୁ, ବିକଶିତ ରାଷ୍ଟ୍ରଗୁଡ଼ିକର ଦାୟିତ୍ୱ କେବଳ ଆର୍ଥିକ ସହାୟତାରେ ନୁହେଁ, ବରଂ ସେମାନଙ୍କର କାର୍ବନ ନିର୍ଗମନରେ ଯଥେଷ୍ଟ ଏବଂ ତୁରନ୍ତ ହ୍ରାସ କରିବାରେ ମଧ୍ୟ ରହିଛି। ଭାରତ ପାଇଁ, ଜଳବାୟୁ ପରିବର୍ତ୍ତନ ଆଉ ଏକ ଦୂର ବିପଦ ନୁହେଁ; ଏହା ପ୍ରତିଦିନ, ପ୍ରତ୍ୟେକ ଋତୁରେ ଆମ ଦ୍ୱାରକୁ କରାଘାତ କରୁଛି। ଏହା କେବଳ ସରକାରୀ ନୀତି, ଶିଳ୍ପ କିମ୍ବା ଅନ୍ତର୍ଜାତୀୟ ଚୁକ୍ତିନାମାର ବିଷୟ ନୁହେଁ, ବରଂ ପ୍ରାୟସବୁ ଯୁକ୍ତକାଳୀନ ସ୍ତରରେ କରା ନ ଯାଏ, ତେବେ ଏହି ସଙ୍କଟ ଆଗାମୀ ଦଶନ୍ଧିରେ କେବଳ ମାନବ ସଙ୍କଟକୁ ବୃଦ୍ଧି କରିବ ନାହିଁ ବରଂ ଭାରତର ବିକାଶ ଯାତ୍ରାକୁ ଗୁରୁତର ଭାବରେ ବାଧା ଦେବ। ସାମଗ୍ରିକ ଭାବରେ, ଏହା କୁହାଯାଇପାରେ ଯେ ଜଳବାୟୁ ସଙ୍କଟ ଏକ ବିଶ୍ୱ ସଙ୍କଟ ଏବଂ ଭାରତକୁ ଏହା ପ୍ରତିବିଶେଷ ଧ୍ୟାନ ଦେବାକୁ ପଡ଼ିବ। ଏହା ଏପରି ଏକ ସମସ୍ୟା ଯାହା ଆମ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଖାଦ୍ୟ ପର୍ଯ୍ୟନ୍ତ ସବୁକିଛିକୁ ପ୍ରଭାବିତ କରୁଛି। ତେଣୁ, ଏହାର ଭୟଙ୍କର ପରିସ୍ଥିତିକୁ ବୁଝିବା ଆବଶ୍ୟକ। ଯଦି ଆମେ ସମୟ ମଧ୍ୟରେ ଜାଗ୍ରତ ନ ହେବା, ତେବେ ଏହି ସମସ୍ୟା ଆହୁରି ବଢ଼ିଯିବ। ଏହି ଅର୍ଥରେ, ଜଳବାୟୁ ବିପଦ ସୂଚକାଙ୍କ-୨୦୨୬ କେବଳ ଏକ ପରିସଂଖ୍ୟାନ ନୁହେଁ, ଏହା ଏକ ଚେତାବନୀ। ଏହା ଦର୍ଶାଏ ଯେ ଜଳବାୟୁ ସଙ୍କଟ ଆଉ ଭବିଷ୍ୟତର କଥା ନୁହେଁ, ବରଂ ବର୍ତ୍ତମାନର ଚରମ ବାସ୍ତବତା।

ମୋ:୯୪୩୭୨୩୪୬୭୩

# ବୁଦ୍ଧି ବିସ୍ଫୋଟ



ଡ଼. ନରେନ୍ଦ୍ର ସେଠୀ

ବିଜ୍ଞାନ ଦୃଷ୍ଟିରେ ୨୦୨୬କୁ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣରେ ଦଣ୍ଡାୟମାନ ଥିବାର ଦେଖିବାକୁ ମିଳିଛି। ଏଆଇ ନାମରେ କୃତ୍ରିମ ବୁଦ୍ଧିମତ୍ତା ସମଗ୍ର ବିଶ୍ୱକୁ ବଦଳାଇ ଦେବାର ସାମର୍ଥ୍ୟ ନେଇ ବିଶ୍ୱର ମାନବ ସଭ୍ୟତା ଉପରେ କୋପ ଦୃଷ୍ଟି ନିକ୍ଷେପ କରିଛି। ଏଆଇ ଯେତିକି ଦ୍ରୁତ ବେଗରେ ଆମ ଜୀବନ ଶୈଳୀକୁ ପ୍ରଭାବିତ କରୁଛି ଏହା ଦ୍ୱାରା ଏକଥା ସତ୍ୟ ଯେ ଆଗାମୀ ସମୟ ସମ୍ପୂର୍ଣ୍ଣ ରୋବୋ ଦ୍ୱାରା ପରିଚାଳିତ ହେବାକୁ ଯାଉଛି। ବିଶେଷ କରି ହ୍ୟୁମାନୋଏଡ ରୋବୋଗୁଡ଼ିକୁ ନେଇ ବିଜ୍ଞାନ ଅଧିକ ଉତ୍ସାହିତ ଅଛି। ଏହି ହ୍ୟୁମାନୋଏଡ ରୋବୋ କଳକାରଖାନାରୁ ବାହାରି ଆମମାନଙ୍କ ଘର ଓଳେଇବା, ରୋଷେଇ କରିବା, ଜଗୁଆଳି ରହିବା, ଲୁଗାସଫା କରିବା ଇତ୍ୟାଦି ନିତ୍ୟ କାମ କରିବାକୁ ଯାଉଛି ଓ ଏଥିପାଇଁ ଅନେକ ବିଶ୍ୱସ୍ତରୀୟ କମ୍ପାନୀ ଆଗେଇ ଆସିଲେଣି। ଯଦି ଏହା ହୁଏ ତା'ହେଲେ ଅଷ୍ଟାଦଶ ଶତାବ୍ଦୀର ଶିଳ୍ପ ବିପ୍ଳବ ପରେ ଏହା ବିଜ୍ଞାନର ଏକ ବଡ଼ ବିପ୍ଳବ କହିଲେ ଭୁଲ୍ ହେବନାହିଁ। ଏହାକୁ ନେଇ ସବୁଠୁ ବଡ଼ ବିପଦ ମାନବ ସମାଜର ସୁରକ୍ଷା ଉପରେ, ଯାହା 'ଏଆଇ-୨୦୨୭' ନାମକ ରିପୋର୍ଟରେ ସମଗ୍ର ବିଜ୍ଞାନ ଜଗତରେ ଏକ କୋହଳା ଭୟ ସୃଷ୍ଟି କରିଛି। ଡାନିଏଲ କୋକୁଟାଯିଲୋ ନାମକ ଜଣେ କମ୍ପ୍ୟୁଟର ବୈଜ୍ଞାନିକ ଏଆଇ -୨ ନାମରେ ଏକ ଗବେଷଣା ରିପୋର୍ଟ ପ୍ରକାଶ କରି ଦାବି କରୁଛନ୍ତି ଯେ ଆସନ୍ତା କିଛି ବର୍ଷ ଭିତରେ ସମଗ୍ର ମାନବ ସଭ୍ୟତା ଏଆଇ ଯୋଗୁଁ ଲୋପ ପାଇପାରେ। ଏହି ଭବିଷ୍ୟବାଣୀ ପରା କାହାଣୀ ପରି ଲାଗୁଥିଲେ ମଧ୍ୟ ଯେଉଁ ଦ୍ରୁତ ଗତିରେ ଏଆଇ ମଣିଷର ଗାଣିତିକ କ୍ଷମତାକୁ ପଛରେ ପକାଇ ମାଡି ଚାଲିଛି, ତାହା ସତ ହୋଇପାରେ। ବିଜ୍ଞାନର ଚମତ୍କାର ଯେଉଁ ଏଆଇକୁ ଜନ୍ମ ଦେଇଛି ତାହା ଦିନକୁ ଦିନ ଅତି ବୁଦ୍ଧିମାନ ଓ ଶକ୍ତିଶାଳୀ ହେବାକୁ ଲାଗିଛି ଯେ ଭବିଷ୍ୟତରେ ମଣିଷ ଏହାର ପ୍ରଥମ ଶିକାର ହୋଇପାରେ। ମଣିଷର ମସ୍ତିଷ୍କ ନିଜର ବିକାଶ ପାଇଁ ଖାଦ୍ୟ ଆବଶ୍ୟକ କରୁଥିବା ବେଳେ ଏହି ଯାନ୍ତ୍ରିକ ବୁଦ୍ଧିମତ୍ତା ନିଜର ବିଚକ୍ଷଣ ବୁଦ୍ଧିକୁ ପ୍ରଖର କରିବା ପାଇଁ ସର୍ବଦା ତଥ୍ୟ ପାଇଁ ଆତୁର ଥାଏ। ତେଣୁ ମଣିଷ ନିଜର ଆତ୍ମ ଚେତନା ବିକାଶ ପାଇଁ ବେଶ୍ ଦୀର୍ଘ ସମୟ ନେଉଥିବା ବେଳେ କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ଏହି ଯାନ୍ତ୍ରିକ ହ୍ୟୁମାନୋଏଡ ରୋବୋଗୁଡ଼ିକ ନିମିଷକେ ଚେତନାପ୍ରାପ୍ତ କରିନେବେ। ଏଥିଭଳ ବିବେକ ଶୂନ୍ୟ ପ୍ରଖର ବୁଦ୍ଧିଜୀବି ପାରିବେ। 'ମୁଁ କିଏ ଓ ସେ ମାନବର ଚେତନା ମୁକ୍ତ ବୁଦ୍ଧିକୁ ନକଲ କରି ଘୋର ବିପର୍ଯ୍ୟୟ ସୃଷ୍ଟି କରିପାରେ। ତେଣୁ ବିଜ୍ଞାନ ଏକ ଏପରି ଚମତ୍କାର ପ୍ରସ୍ତୁତ କରିସାରିଛି ଯିଏ ମଣିଷକୁ ନକଲ କରି ଧୋକା ଦେବା ସଂଗେ ସଂଗେ ପ୍ରତିରୋଧ ମଧ୍ୟ କରିପାରେ।





ବିଜ୍ଞାନର ଏହି ଜୟଯାତ୍ରା ଯୋଗୁ ୨୦୨୭ ବେଳକୁ ଅନେକ ଦେଶରେ ଏଆଇକୁ ବିରୋଧ କରି ବ୍ୟାପକ ଜନ ଆନ୍ଦୋଳନ ହେବାର କୁହାଯାଉଛି। ତେଣୁ ସେଇଥିପାଇଁ କିଛି ବର୍ଷ ପୂର୍ବରୁ ଏକବିଂଶ ଶତାବ୍ଦୀର ସବୁଠୁ ବିଚକ୍ଷଣ ବୈଜ୍ଞାନିକ ଷ୍ଟିଫେନ ହକିଙ୍ଗ ଭବିଷ୍ୟବାଣୀ କରିଥିଲେ ଯେ ପୃଥିବୀ ଦିନେ ରୋବୋମାନେ ଅକ୍ତିଆର କରି ମଣିଷକୁ ଦାସ କରିନେବେ। ମାନବ ଅସ୍ତିତ୍ୱର ସମ୍ଭାବ୍ୟ ବିନାଶର କାରଣ ମଧ୍ୟରେ ରୋବୋମାନଙ୍କର ଆଧିପତ୍ୟ ସ୍ଥାପନ କରିବା ମଧ୍ୟ ଏକ ସମ୍ଭାବ୍ୟ କାରଣ ହୋଇପାରେ। ରୋବୋକୁ ବିକଶିତ କରିବାର ପ୍ରଚେଷ୍ଟା ଯଦି ଜାରି ରୁହେ ତା'ହେଲେ ଏହା ଭସ୍ମାସୁର ହୋଇ ମଣିଷକୁ ନାଲିଆଖି ଦେଖେଇ ପାରେ। ତେବେ ଏହି ରୋବୋମାନେ ବରଦାନ ସାବ୍ୟସ୍ତ ହୋଇ ମଣିଷର ଅନେକ କାର୍ଯ୍ୟ କରିପାରୁଛନ୍ତି ଓ ସ୍ୱତନ୍ତ୍ର ବିଜ୍ଞାନ କ୍ଷେତ୍ରରେ ମଣିଷ ପାଇଁ ନୂତନ ନିଯୁକ୍ତି ସୁଯୋଗ ତିଆରି ହୋଇଛି। ଚିକେ ଅଧିକ ବୁଦ୍ଧି ଥିବାରୁ ମଣିଷ ସ୍ୱୀଆଁମାନଙ୍କୁ ଛାଡି ଆଜି ଏ ସୋପାନରେ ପହଞ୍ଚିଛି। ଏପର୍ଯ୍ୟନ୍ତ ମଣିଷ ତା'ର ବୁଦ୍ଧିମତ୍ତାକୁ ଆହୁରି ବଢେଇବା ପାଇଁ ପ୍ରୟାସ ଜାରିରଖିଛି ଯାହା ଫଳରେ ଅତି ବୁଦ୍ଧିମାନ ରୋବୋ ତିଆରି କରି ଅନେକ ଆସାଧ୍ୟ କାମକୁ ନିମିଷକେ କରିପାରୁଛି। ଏହି ପରିପ୍ରେକ୍ଷୀରେ ମହାନ୍ ବୈଜ୍ଞାନିକ ଷ୍ଟିଫେନ୍ ହକିଂସଙ୍କ ଆକଳନ ଅନୁସାରେ ଭବିଷ୍ୟତରେ ମଣିଷ ଓ ମଣିଷ ତିଆରି ରୋବୋ ମଧ୍ୟରେ ସଂଘର୍ଷ ହେବ ଓ ରୋବୋମାନେ ପୃଥିବୀ ଉପରେ ଆଧିପତ୍ୟ ଜମେଇବାର ସମ୍ଭାବନା ଅଛି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଅସମ୍ଭବ ନୁହେଁ। ଏହି ସମସ୍ୟାକୁ ବୁଦ୍ଧି ବିସ୍ଫୋଟ କୁହାଯାଉଛି, ଯାହାଫଳରେ ନିଜେ ରୋବୋ ଓ କମ୍ପ୍ୟୁଟରଗୁଡ଼ିକ ନିଜ ପାଇଁ ଅତି ପ୍ରଖର ପ୍ରୋଗ୍ରାମ ତିଆରି କରିନେବେ ଏବଂ ମଣିଷକୁ ନିଜର ଦାସ କରିନେବେ। ଯଦିଓ ଏହା ଉପରେ ମାନବ ସମାଜ ଏତେ ଗୁରୁତ୍ୱ ଦେଉନି, ଏହା ଦିନେ ମଣିଷ ଅସ୍ତିତ୍ୱକୁ ସଙ୍କଟରେ ପକାଇ ପାରେ। ମହାଦେବଙ୍କଠାରୁ ବରପ୍ରାପ୍ତ ହେବା ପରେ ଭସ୍ମାସୁର ପରାକ୍ରମ କରିବା ପାଇଁ ଶିବଙ୍କୁ ଗୋଡ଼ାଉଥିବାର ଉଦାହରଣ ଆମେ ପୌରାଣିକ କଥାରେ ଶୁଣିଛେ। ଦିନେ ଏହି ଯନ୍ତ୍ର ମାନବ ଅଣ୍ଡି ଛୁରି ତଣ୍ଡି କାଟିବା ଆଳରେ ମଣିଷର ବିନାଶର କାରଣ ନ ହେଉ। ବିଜ୍ଞାନ ଗବେଷଣା ଓ କେଉଁ ସୀମା ପର୍ଯ୍ୟନ୍ତ ଯିବା ଉଚିତ ତାହାର କିଛି ମାପଦଣ୍ଡ ନାହିଁ। ଜ୍ଞାନ ପିପାସୁ ମଣିଷର ଜିଜ୍ଞାସାକୁ ବିଜ୍ଞାନ ସର୍ବଦା ଜବକାଠରେ ପରୀକ୍ଷା କରିଛି। ବିଜ୍ଞାନର ଚରମ ଖ୍ୟାତି ଓ ଉନ୍ନତି କେବେ ସଂସାରରେ ମଣିଷର ଆଧିପତ୍ୟକୁ ପ୍ରଶ୍ନ ନ କରୁ। ବିଜ୍ଞାନର ଚମତ୍କାର ସୃଷ୍ଟି ଏଆଇ ବହୁ ଜନ କଲ୍ୟାଣକାରୀ କେମିତି ହେବ ଓ ଭବିଷ୍ୟତରେ ବିପର୍ଯ୍ୟୟ ସୃଷ୍ଟି ନ କରିବ ସେଥିପାଇଁ ଗହନ ଗବେଷଣା ଜରୁରୀ।

ମୋ: ୭୦୦୪୦୬୮୧୧୦

## ଏଇ ଭାରତରେ

ଏବେ ବିବାହ ଉତ୍ସବରେ ପରିବେଶ ପ୍ରଦୂଷଣକାରୀ କାର୍ଯ୍ୟ ଦେଖିବାକୁ ମିଳୁଛି। ଖାଦ୍ୟ ନଷ୍ଟ ସହ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ର ବ୍ୟାପକ ବ୍ୟବହାର କରାଯାଉଛି। ହେଲେ ମଧ୍ୟପ୍ରଦେଶରେ ଦେଖିବାକୁ ମିଳିଛି ମୟଙ୍କ ଓ ରାଶିଙ୍କ ମଧ୍ୟରେ ହୋଇଥିବା ଏକ ନିଆରା ବାହାଘର, ଯାହା ବିନା ବର୍ଜ୍ୟରେ ବାହାଘର ଉତ୍ସବକୁ ଉପଭୋଗ କରାଯାଇପାରେ ବୋଲି ବାର୍ତ୍ତା ଦେଉଛି। ଏହି ଉତ୍ସବରେ ୨୫୦୦ ଅତିଥି ଯୋଗଦେଇଥିଲେ। ସାଜସଜ୍ଜାରେ ଜଳ ସଂରକ୍ଷଣ, ଋତୁସ୍ରାବ ଏବଂ ହେଲ୍ଥମେଣ୍ଟ ସୁରକ୍ଷା ସମ୍ପର୍କିତ ସଚେତନାତ୍ମକ ବାର୍ତ୍ତା ଭରି ରହିଥିଲା। ଏହି ବାହାଘର ଭୋଜିରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରାଯିବା ସହ ବାଣ ଫୁଟାଯାଇ ନ ଥିଲା। ପତ୍ରଥାଳିରେ ଖାଦ୍ୟ ପରଷାଯାଇଥିଲା। ବାହାଘରରେ କୌଣସି ଅର୍ଥ କିମ୍ବା ଜିନିଷ ଉପହାର ଆକାରରେ ଦିଆଯାଇନାହିଁ, ବରଂ ୧୨ଟି ଚାରା ଗଛ ଉପହାର ଆକାରରେ ଗ୍ରହଣ କରାଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଜାନୁଆରୀ ୧୯୭୭

- ମୌନୀ ଅମାବାସ୍ୟା ଉପଲକ୍ଷେ ଗଙ୍ଗା-ଯମୁନା ସଙ୍ଗମ ସ୍ଥଳରେ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା ଓ ଶିଶୁ ବୁଡ଼ ପକାଇଛନ୍ତି।
- ସମ୍ବିଧାନର ୮୫ ଦଫା ଅନ୍ତର୍ଗତ ୨ୟ ଧାରାର 'ଖ' ଉପଧାରାରେ ନ୍ୟସ୍ତ କରାଯାଇଥିବା କ୍ଷମତା ଅନୁଯାୟୀ ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲୀ ମହମ୍ମଦ ଲୋକସଭା (୫ମ) ଭାଙ୍ଗି ଦେଇଛନ୍ତି।
- ଶୋଚନୀୟ ବିମାନ ଦୁର୍ଘଟଣାରେ ଯୁଗୋସ୍ଲୋଭିଆର ପ୍ରଧାନମନ୍ତ୍ରୀ ଡିଜମାଲ ବିଜେଡିକ୍‌ଙ୍କ ପରଲୋକ।
- ଭିଏତ୍‌ନାମର ବିଭିନ୍ନ ରାଜନୈତିକ ଦଳ ମିଶି ଏକ ଜାତୀୟ ମିଳିତ ସାଂସ୍କୃତିକ ଗଠନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ମହାନଦୀର ଅସ୍ତିତ୍ୱ ସଙ୍କଟରେ

ମହାଶୟ,

ସମୟ ଥିଲା ମହାନଦୀରେ ଜଳ ପରିପୂର୍ଣ୍ଣ ରହୁଥିଲା। ଗ୍ରୀଷ୍ମକାଳରେ ମଧ୍ୟ ନଦୀ ଶୁଷ୍କ ହେଉ ନ ଥିଲା। ଆଜି ଗ୍ରୀଷ୍ମ ଆସିବା ପୂର୍ବରୁ ଅନେକ ସ୍ଥାନରେ ଜଳଧାରା ସଙ୍କୁଚିତ ହେଉଛି। ଏହା ପଛରେ ଅନେକ କାରଣ ରହିଛି। ଉପର ଅଞ୍ଚଳରେ ଅତ୍ୟଧିକ ବନ୍ଧ ଓ ଜଳାଶୟ ନିର୍ମାଣ, ଅନିୟନ୍ତ୍ରିତ ଜଳ ଉତ୍ତୋଳନ, ଜଙ୍ଗଲ କଟା, ନଦୀକୂଳରେ ଅବୈଧ ବାଲି ଖନନ ଏସବୁ ମିଶି ମହାନଦୀର ସ୍ୱାଭାବିକ ପ୍ରବାହକୁ ଅବରୋଧ କରିଛି। ତା' ସହ ଜଳବାୟୁ ପରିବର୍ତ୍ତନ ଫଳରେ ବର୍ଷାର ଅସମାନ ବଣ୍ଟନ ସମସ୍ୟାକୁ ଗୁରୁତର କରିଦେଇଛି। ମହାନଦୀ ଉପରେ ନିର୍ଭରଶୀଳ ଲକ୍ଷାଧିକ ଚାଷୀ ସିଞ୍ଚନ ଜଳ ଅଭାବରେ ଚିନ୍ତିତ। ପାନୀୟ ଜଳ ସମସ୍ୟା ଧୀରେ ଧୀରେ ଗମ୍ଭୀର ହେଉଛି। ମତ୍ସ୍ୟଜୀବୀ ସମୁଦାୟର ଜୀବିକା ମଧ୍ୟ ଭାରି ସଙ୍କଟରେ। ଏହି ପରିସ୍ଥିତିରେ ମହାନଦୀକୁ ବଞ୍ଚାଇବା ପାଇଁ କେବଳ ସଭା, ସେମିନାର ବା ଆଲୋଚନା ପର୍ଯ୍ୟାପ୍ତ ନୁହେଁ। ଆବଶ୍ୟକ ଗଭୀର, ସମନ୍ୱିତ ଓ ଦୂରଦର୍ଶୀ କାର୍ଯ୍ୟ ପରିକଳ୍ପନା। ନଦୀର ସ୍ୱାଭାବିକ ପ୍ରବାହ ରକ୍ଷା ପାଇଁ ପାରଦର୍ଶୀ ଓ ନ୍ୟାୟସଙ୍ଗତ ଜଳନୀତି ଗଠନ ଅତ୍ୟାବଶ୍ୟକ। ନଦୀକୂଳରେ ଜଙ୍ଗଲ ସୁରକ୍ଷା, ଅବୈଧ ବାଲି ଖନନ ଉପରେ କଠୋର ନିୟନ୍ତ୍ରଣ ଓ ପ୍ରଦୂଷଣମୁକ୍ତ ମହାନଦୀ ଗଠନ ପାଇଁ ସରକାରୀ ପଦକ୍ଷେପ ସହ ସାଧାରଣ ନାଗରିକଙ୍କ ସଚେତନ ଭୂମିକା ଅତ୍ୟନ୍ତ ଜରୁରୀ। ମହାନଦୀ ବଞ୍ଚିଲେ ଓଡ଼ିଶା ବଞ୍ଚିବ। ଏହି ନଦୀକୁ ଅବହେଳା କରିବା ମାନେ ଆମେ ନିଜ ଆଗାମୀ ପିଢ଼ିଙ୍କ ଭବିଷ୍ୟତ ସହ ଖେଳୁଛୁ। ତେଣୁ ଏହା କେବଳ ଏକ ନଦୀକୁ ବଞ୍ଚାଇବାର ଲଢ଼େଇ ନୁହେଁ, ଓଡ଼ିଶାର ଅସ୍ତିତ୍ୱ ଓ ଆଗାମୀକାଲିକୁ ରକ୍ଷା କରିବାର ଜରୁରୀ ଆହ୍ୱାନ।

-ସିତାଂଶୁ ଶେଖର ମିଶ୍ର, ଶାନ୍ତିନଗର, ସୋନପୁର

## ଚିରନ୍ତନୀ

କେଉଁ ପଥେ ଚାଲିଛୁଁ ମୁଁ
ଜାଣେ ନାହିଁ ନିଜେ,
ଜାଣେ ନାହିଁ ଅଛି ଏଥି
କ୍ଷତି ଲାଭ କି ଯେ !
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସଂସ୍କାର, ଶୃଙ୍ଖଳା ହିଁ ଭବିଷ୍ୟତ ଗଢ଼ିବାର ଉତ୍ତମ ମାଧ୍ୟମ

ନନ୍ଦାହାଣ୍ଡି, ୧୯।୧ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲାର ବିଭିନ୍ନ ସ୍କୁଲରେ ସୋମବାର ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆକାଂକ୍ଷି ମେଳା, ଆକାଂକ୍ଷି ଛାତ୍ର ପରିଷଦ, ଜିଜ୍ଞାସା, କୌଶଳୀ, କ୍ରୀଡାଙ୍ଗନା, ସାହିତ୍ୟ ସୃଜନୀ, ଦୋକାନ ଯାତ୍ରା ସବୁଜ ଭାରତ, ଇକୋ କ୍ଲବ୍, ମୂଳ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ପାଇଁ ଶିକ୍ଷଣ ସାମଗ୍ରୀ ତଥା ବିକଶିତ ଭାରତ ଏବଂ ଭିଜନ ଓଡ଼ିଶା ୨୦୩୬କୁ ନେଇ ବିଭିନ୍ନ ଷ୍ଟଲ୍ ପ୍ରଦର୍ଶନ କରାଯାଇଥିଲା।

ନନ୍ଦାହାଣ୍ଡି ବ୍ଲକ ନିଶ୍ଚାହାଣ୍ଡି ସରକାରୀ ଏସ୍‌ଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସତ୍ୟ ନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା ମୁଖ୍ୟ ବକ୍ତା, ସମ୍ମାନୀତ ଅତିଥିଭାବେ ଏମ୍‌ପିଙ୍କ ପ୍ରତିନିଧି ଜାନକୀକାନ୍ତ ବିଷୋୟୀ, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଜଗଦିଶ ଚନ୍ଦ୍ର ବିଷୋୟୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟଚାନ୍ଦ ମଲ୍ଲିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ବିଶ୍ୱାଳ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜ ମୋହନ ଭତରା ଉପସ୍ଥିତ ଥିଲେ। ସଂସ୍କାର ଓ ଶୃଙ୍ଖଳା ହିଁ ଭବିଷ୍ୟତକୁ ଗଢିବାର ଏକ ଉତ୍ତମ ମାଧ୍ୟମ। ସମୟାନୁବର୍ତ୍ତି ହୋଇ ନିଜ କର୍ତ୍ତବ୍ୟ ସମ୍ପାଦନ କଲେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ି ହେବ ବୋଲି ମୁଖ୍ୟ ଅତିଥି ଶିକ୍ଷୟତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଚାକିରୀ ପଛରେ ନ ପଡ଼ି ଆତ୍ମନିର୍ଭର ହେବାକୁ ମୁଖ୍ୟବକ୍ତା ପରାମର୍ଶ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝୀ, ଜୋନ୍-୨ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ, ନନ୍ଦାହାଣ୍ଡି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟଚାନ୍ଦ ମଲ୍ଲିକ ଉପସ୍ଥିତ ଥିଲେ। ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ପିଏମ୍‌ଶ୍ରୀ ମେଳାରେ ଭାଗ ନେବେ ବୋଲି ବିଦ୍ୟାଳୟ ପ୍ରଧାନ ଶିକ୍ଷକ କହିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ନନ୍ଦାହାଣ୍ଡିରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ଉମରକୋଟ ନୋଡାଲ ସଦାଶିବ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ପିଏମ୍‌ଶ୍ରୀ ବିଦ୍ୟାଳୟରେ କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ। ଗୁଣାତ୍ମକ ଶିକ୍ଷା ସହ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ଉନ୍ନତି ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ଆମ୍ରକୂଟ ପତ୍ରିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଏମପି ପ୍ରତିନିଧି ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ଜିଲା ଶିକ୍ଷା ବିଭାଗର ଅଧିକାରୀ ଛତ୍ରପତି ସାହୁ, ପୌର ପରିଷଦ ଅଧ୍ୟକ୍ଷା ରାଧା ଭତ୍ରା, ବ୍ଲକ ଅଧ୍ୟକ୍ଷା ସୁଶିଳା ମାଝୀ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ସାଇନାରାୟଣ ପାଢ଼ୀ, ଅତିରିକ୍ତ ତହସିଲଦାର ନିଳାମ୍ବର ପୂଜାରୀ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଉମରକୋଟ ବିଇଓ ଈଶ୍ୱର ଚନ୍ଦ୍ର ମାଝୀ, ପିଏମ୍‌ଶ୍ରୀ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା କୁଆଁର, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଚନ୍ଦନା ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।

## ପୃଥକ ଚୋରି ମାମଲା: ୩ ଗିରଫ

କୋରାପୁଟ,୧୯।୧(ଅମିତାଭ ବେହେରା)

କୋରାପୁଟ ଟାଉନ ଥାନା ପୋଲିସ ୨ ପୃଥକ ଚୋରି ମାମଲାରେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୋଡ଼ାଗଡ଼ ନିକଟ ପଡ଼ାଇପୁଟର ନାଥ ମୁଦୁଲି, ଭାଣ୍ଡି ସାହି ଅଞ୍ଚଳର ନରସିଂହ ସାହୁ ଓ ହାଟପଡ଼ାର ଭି.ବାସୁଦେବ ରାଓ। ସେମାନଙ୍କଠାରୁ ଚୋରି ବ୍ୟାଟେରୀ ଓ ତମ୍ବା ତାର ଜବତ ହୋଇଥିବା ଥାନାଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି। ଏ ନେଇ ଟାଉନ ଥାନାରେ ନଂ.୧୨/୨୬ ଓ ୨୦/୨୬ରେ ୨ ମାମଲା ରୁଜୁ ହୋଇଛି।




# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି


ଅଧିକାରୀମାନେ ଏକ ଅଭିଯୋଗର ଶୁଣାଣି କରୁଛନ୍ତି।

ନବରଙ୍ଗପୁର,୧୯।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଉମରକୋଟ ପୌରପାଳିକା ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଭିଯୋଗ ଶୁଣାଣି ଶିବିର ପରିଦର୍ଶନ ପୂର୍ବକ ଦିବ୍ୟାଙ୍ଗଙ୍କୁ ଉତ୍ସାହିତ କରିବା ସହ ୫ ଜଣଙ୍କୁ ହ୍ୱଇଲ୍ ଚେୟାର ପ୍ରଦାନ କରିଥିଲେ। କୃତ୍ରିମ ଅଙ୍ଗ ମାପ ପାଇଁ ଅପେକ୍ଷାରତ ଦିବ୍ୟାଙ୍ଗଙ୍କ ସହ ସମୟ ଅତିବାହିତ କରିଥିଲେ। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ବିଡିଓ ମନୋଜ କୁମାର ମେହେରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ଓ ୧୩ ସାମୁହିକ ସମସ୍ୟା ଥିଲା। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗମାନଙ୍କୁ ୫ଟି ହ୍ୱଇଲ ଚେୟାର, ୯ ଜଣ ଅଙ୍ଗହୀନ ଦିବ୍ୟାଙ୍ଗଙ୍କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମଞ୍ଜୁରୀ କରାଯାଇଥିଲା। ବିଭିନ୍ନ କାରଣରୁ ଆହତ ଓ ଅକ୍ଷମ ୨୬ ଜଣ ରୋଗୀଙ୍କୁ ଉତ୍ତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ରରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଯାଇଛି।

# କବିତା ବନିତା ପୁସ୍ତକ ଉନ୍ମୋଚିତ


ରାଇଘର, ୧୯।୧ (କିରଣ ପଟ୍ଟନାୟକ)


ନବରଙ୍ଗପୁର ଜିଲା ରାଇଘର ପଞ୍ଚାୟତ ସମିତି ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରେ ରବିବାର ସନାତନ ସ୍ମୃତି ସାହିତ୍ୟ ସଂସଦର ଅଷ୍ଟାଦଶ ଉତ୍ସବରେ ମନୋରମା ମହାପାତ୍ରଙ୍କ କବିତା ବନିତା ପୁସ୍ତକ ଲୋକାର୍ପଣ ହୋଇଯାଇଛି। ପଞ୍ଚାୟତ ସମିତିର ଇଂରାଜୀ ଅଧ୍ୟାପକ ଦୀନବନ୍ଧୁ ନନ୍ଦିଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ ବଲ୍ଲଭ ରାଉତ ଯୋଗଦେଇଥିଲେ। ଡ. ସୁରେନ୍ଦ୍ର ନାଥ ଦାସ ମୁଖ୍ୟ ବକ୍ତା, ସମ୍ମାନୀତ ଅତିଥିଭାବେ ପ୍ରଫୁଲ୍ଲ ରାଉତ, ଟୁଟୁ ବାବୁ ପଟ୍ଟନାୟକ, ମନୋରମା ମହାପାତ୍ର ଉପସ୍ଥିତ ଥିଲେ। ସମୀକ୍ଷକଭାବେ ଝରୀଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓଡିଆ ଅଧ୍ୟାପକ ଗୋପାଳ ମହାରଣା ଯୋଗ ଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ସାଇମନ ବିଡିକାଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ଏମ୍. ହିମାଂଶୁ ଆଚାରୀ, କେଦାରେଶ୍ୱର ପଟ୍ଟନାୟକ, ପ୍ରଭାତୀ ଦେବନାଥ ଯୋଗ ଦେଇଥିଲେ। ସ୍ୱାଗତିକା ସାହୁ, ସଂଗ୍ରାମ କେଶରୀ ପରିଡ଼ା, ଲୋକେଶ ଜେନା, ସାଗର କୁମାର ପରିଡ଼ା ସଂଯୋଜନା କରିଥିଲେ। ଏହି ଅବସରରେ ବରିଷ୍ଠ ଖବରଦରତର ଓ କେତେଜଣ ସାମାଜିକକର୍ମୀଙ୍କୁ ସମ୍ମାନୀତ କରାଯାଇଥିଲା। ଅଭିରାମ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ସନାତନ ସୃତି ସାହିତ୍ୟ ସଂସଦ ସଦସ୍ୟ ଧନଞ୍ଜୟ ମଲ୍ଲ ଓ ଗୁରୁଦାସି ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବିବାହର ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବଳାତ୍କାର

ଡାବୁଗାଁ, ୧୯।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ସିଂସାରୀ ଫାଣ୍ଡି ଅଞ୍ଚଳରେ ବିବାହର ପ୍ରଲୋଭନ ଦେଖାଇ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ସୋମବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଏତଲା ଆଧାରରେ ଥାନା କେସ ନଂ ୧୪/୨୬ରେ ପୋଲିସ ଏକ ମାମଲା ରୁଜୁ କରିଛି। ଏସ୍‌ଆଇ ଚନ୍ଦନ ସାହୁ ମାମଲାର ତଦନ୍ତ କରୁଛନ୍ତି। ସୂଚନାନୁଯାୟୀ, କୋରାପୁଟ ଜିଲା କୋଟପାଡ଼ ଥାନା ଅଞ୍ଚଳର ଜଣେ ଯୁବକ ଗତ ନଭେମ୍ବର ୨୦ରେ ନାବାଳିକାଙ୍କ ଘରକୁ ଆସି ପ୍ରେମ ନିବେଦନ ଓ ବିବାହ ପ୍ରଲୋଭନ ଦେଖାଇ ତାଙ୍କୁ ଘରୁ ନେଇ ପଳାଇଥିଲେ। ତାଙ୍କୁ ଛତିଶଗଡ଼ ବସ୍ତର ଜିଲାର ଏକ ଗ୍ରାମରେ ନେଇ ରଖିଥିଲେ। ସେଠାରେ ଯୁବକ ଜଣକ ନାବାଳିକାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ସେଠାରେ କିଛି ଦିନ ରହି ନାବାଳିକାଙ୍କୁ ଏକୁଟିଆ ଛାଡ଼ି କୋଟପାଡ଼ ଚାଲିଆସିଥିଲେ। କିଛି ଦିନ ଏକୁଟିଆ ରହିବା ପରେ ନାବାଳିକା ଯୁବକଙ୍କୁ ଫୋନ କରିବାରୁ ସେ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ବାରମ୍ବାର ଫୋନ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ନାବାଳିକା ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପୀଡ଼ିତା ସୋମବାର ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ।



# ମଝିଘରିଆଣୀଙ୍କ ହୁଣ୍ଡିରୁ ବାହାରିଲା ୧ କୋଟି ୫ ଲକ୍ଷ

## ୨୩ ବିଦେଶୀ ନୋଟ୍, ୩୦ ଗ୍ରାମ୍ ସୁନା ଓ ୨୧୫୦ ଗ୍ରାମ୍ ରୁପା ମିଳିଲା

ରାୟଗଡ଼ା,୧୯।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରର ୯ଟି ହୁଣ୍ଡି ସୋମବାର ଖୋଲାଯାଇ ଗଣତି କରାଯାଇଛି। ଉକ୍ତ ୯ ହୁଣ୍ଡିରୁ ନଗଦ ୧ କୋଟି ୫ ଲକ୍ଷ ୫୨ ହଜାର ୮୪୫ ଟଙ୍କା ସମେତ ୩୦ ଗ୍ରାମ୍ ସୁନା ଓ ୨୧୫୦ ଗ୍ରାମ୍ ରୁପା ବାହାରିଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ଏଥିସହିତ ବିଭିନ୍ନ ପ୍ରକାର ୫ଟି ଦେଶର ୨୩ ଟି ବିଦେଶୀ ନୋଟ୍ ମଧ୍ୟ ବାହାରିଛି। ଯେଉଁଥିରେ ରହିଛି ଆମେରିକା, ଶ୍ରୀଲଙ୍କା ଓ ୟୁଏଇ ଦେଶର ନୋଟ୍ ଓ ମୁଦ୍ରା। ବିଦେଶରେ ରହୁଥିବା କୌଣସି ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସି ଏହି ବିଦେଶୀ ଟଙ୍କା ହୁଣ୍ଡିରେ ଦାନ କରିଥିବା ଅନୁମାନ କରାଯାଉଛି। ଏଥିସହ ଗୋଟିଏ ଲେଖାଏଁ ଅଚଳ ୫୦୦ ଓ ୨୦୦୦ ଏବଂ ଗୋଟିଏ ୧ ହଜାର ଟଙ୍କା ନୋଟ୍ ବାହାରିଛି।

ସୋମବାର ସକାଳ ୯ଟାରେ ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ତରଫରୁ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା। ଦୀର୍ଘ ୮ ଘଣ୍ଟା ଧରି ଗଣତି ହୋଇଥିଲା। ଏହା ପୂର୍ବରୁ ଜୁଲାଇ ୭ ତାରିଖରେ ହୁଣ୍ଡିରୁ ନଗଦ ୧ କୋଟି ୪ ଲକ୍ଷ ୩୬ ହଜାର ୯୬୩ ସହିତ ୮୩ ଗ୍ରାମ୍ ସୁନା ଓ ୨୫୦୫ ଗ୍ରାମ୍ ରୁପା ବାହାରିଥିଲା। ଏଥିସହିତ ବିଭିନ୍ନ ଦେଶର ବିଦେଶୀ ନୋଟ ମଧ୍ୟ ବାହାରିଥିଲା। ହୁଣ୍ଡିରୁ ବାହାରିଥିବା ଟଙ୍କା ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଗଚ୍ଛିତ ରଖାଯାଇଛି। ସେହିଭଳି ସୁନା ଓ ରୁପା ଜିଲା କୋଷାଗାରକୁ ପଠାଇ ଦିଆଯାଇଛି। ଏହି ଗଣତିରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ହୁଣ୍ଡି ଖୋଲିବା ଓ ଗଣତି ବେଳେ ପୋଲିସ ଓ ମନ୍ଦିର ସୁରକ୍ଷା କର୍ମୀଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରାଯାଇଥିଲା।



ବ୍ୟାଙ୍କ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ହୁଣ୍ଡିରୁ ବାହାରିଥିବା ଟଙ୍କା ଗଣତି କରୁଛନ୍ତି।

# ୫ ରେଳ ରୁଟ୍ ପାଇଁ ବସିବ ସ୍ୱତନ୍ତ୍ର କଣ୍ଟ୍ରୋଲ ବୋର୍ଡ

## ରାୟଗଡ଼ା ଡିଆରଏମ୍ କାର୍ଯ୍ୟାଳୟରୁ ହେବ ନିୟନ୍ତ୍ରଣ




ରାୟଗଡ଼ା,୧୯।୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ରେଳ ଡିଭିଜନ କାର୍ଯ୍ୟକ୍ଷମ ହୋଇଥିଲେ ହେଁ ଟ୍ରେନ୍ ଯାତାୟତ ସିଗନାଲ୍ ବ୍ୟବସ୍ଥା ସମେତ ଅନ୍ୟାନ୍ୟ ଟେକ୍ନିକାଲ ବ୍ୟବସ୍ଥାର କଣ୍ଟ୍ରୋଲ ବର୍ତ୍ତମାନ ମଧ୍ୟ ୱାଲଟିୟର ରେଳ ଡିଭିଜନ୍ ଅଧୀନରେ ରହିଛି । ତେଣୁ ରାୟଗଡ଼ା ଡିଆରଏମ୍‌ଙ୍କ ଅଧୀନରେ ବର୍ତ୍ତମାନ ଏହି ସବୁ ନିୟନ୍ତ୍ରଣ ପାଇଁ ୫ଟି କଣ୍ଟ୍ରୋଲ ବୋର୍ଡ ପାଇଁ ଇଷ୍ଟକୋଷ୍ଟ ରେଲୱେରୁ ଅନୁମତି ମିଳିଛି । ଏ ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା । ଏମ୍‌ପି ଉଲାକା ଏ ନେଇ ପୂର୍ବରୁ ବାରମ୍ବାର ଲୋକସଭା ଓ ରେଲୱେ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। କୋତାଭାଲସା-କୋରାପୁଟ, କୋରାପୁଟ-କିରାଣ୍ଡୁଲ ପାଇଁ ଦୁଇଟି ସ୍ୱତନ୍ତ୍ର କଣ୍ଟ୍ରୋଲ ବୋର୍ଡ଼ ବସିବ । ସେହିଭଳି ରାୟଗଡ଼ା-କୋରାପୁଟ ଏବଂ କୁନେରୁ-ରାୟଗଡ଼ା-ଥେରୁବାଲି ପାଇଁ ସ୍ୱତନ୍ତ୍ର ଗୋଟିଏ ଲେଖାଏଁ କଣ୍ଟ୍ରୋଲ ବୋର୍ଡ କାର୍ଯ୍ୟକ୍ଷମ କରାଯିବ । ଏତଦବ୍ୟତୀତ ପାରଳାଖେମୁଣ୍ଡି-ଗୁଣପୁର ରେଳପଥ ପାଇଁ ମଧ୍ୟ ସ୍ୱତନ୍ତ୍ର କଣ୍ଟ୍ରୋଲ ବୋର୍ଡ଼ ବସିବା ନେଇ ରାୟଗଡ଼ା ରେଳ ଡିଭିଜନ୍ ଡିଆରଏମ୍ ଅମିତାଭ ସିଂଘଲ ସୂଚନା ଦେଇଛନ୍ତି ।

# ଜିଆଇଇଟିରେ ଡାଟା-ସେଣ୍ଟ୍ରିକ ଲାବ୍ ଉଦ୍‌ଘାଟିତ

ଗୁଣପୁର,୧୯।୧(ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଇଣ୍ଟେଲ ଉନ୍ନତି ଅଭିଯାନ ଅଧୀନରେ ଡାଟା-ସେଣ୍ଟ୍ରିକ ଲାବ୍ ଇନ୍ ଇମର୍ଜିଂ ଟେକ୍ନୋଲୋଜିଜ୍ ଏବଂ କମ୍ପ୍ୟୁଟର ସାଇନ୍ସ ବ୍ଲକ (ଲାବ୍ ୨)ରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଲାବ୍‌ର ସୋମବାର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି ପଦକ୍ଷେପ ଦ୍ୱାରା ଅଧ୍ୟାପକମାନେ ଆଧୁନିକ ଏଆଇ ଓ ଡାଟାଭିତ୍ତିକ ପ୍ରଯୁକ୍ତିରେ ବ୍ୟବହାରିକ ଜ୍ଞାନ ଲାଭ କରିପାରିବେ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଏଡ୍‌ଗେଟ୍ ଟେକ୍ନୋଲୋଜିଜ୍‌ର ଗୁରପ୍ରୀତ ସିଂହ ଯୋଗଦେଇଥିବା ବେଳେ ଆଭାସି ମାଧ୍ୟମରେ ଏଚ୍‌ପିଇର ହରପ୍ରସନ୍ନ ରଥ ଓ ଇଣ୍ଟେଲ ଉନ୍ନତିର ଗିରିଶ ଯୋଗଦେଇ ଟେକ୍ନୋଲୋଜିର ଭବିଷ୍ୟତ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଡ. ଏଭିଏନ୍‌ଏଲ୍ ଶର୍ମା ଯୋଗଦେଇ ଶିଳ୍ପ ଶିକ୍ଷା ସମନ୍ୱୟର ଗୁରୁତ୍ୱ ବିଷୟରେ କହିଥିଲେ। ରେଜିଷ୍ଟ୍ରାର ଡ. ଏନ୍‌ଭି ଜଗନାଧା ରାଓ ଉପସ୍ଥିତ ଥିଲେ। କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ଡେପୁଟି ଡିନ୍ ଡ. କେ.ମୁରଲୀ ଗୋପାଳ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଏଡ୍‌ଗେଟ୍ ଟେକ୍ନୋଲୋଜିଜ୍ ସୁହାସ ଡିଙ୍କ ନେତୃତ୍ୱରେ ଟ୍ରେନ ଦ ଟ୍ରେନର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଅଭିଯୋଗର ଶୀଘ୍ର ସମାଧାନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ


ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ।

## କଲ୍ୟାଣସିଂହପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି

କଲ୍ୟାଣସିଂହପୁର,୧୯।୧ (ଦୀପକ କୁମାର ପରିଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ସଦ୍‌ଭାବନା ଗୃହ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର, ଉପଜିଲାପାଳ ରମେଶ ଚନ୍ଦ୍ର ଜେନା, ପିଏଆଇଟିଡିଏ ଚନ୍ଦ୍ରକାନ୍ତ ମାଝୀ, ସିଡିଏମ୍‌ଓ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି ଅବସରରେ ମୋଟ ୬୩ଟି ଅଭିଯୋଗ ଶୁଣାଣି କରାଯାଇଥିଲା। ଏଥିରୁ ୩୨ଟି ବ୍ୟକ୍ତିଗତ ଓ ୩୧ଟି ଗୋଷ୍ଠୀଭିତ୍ତିକ ଅଭିଯୋଗ ଥିଲା। ଏହି ସମସ୍ୟାର ଅତିଶ୍ରୀଘ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ସମୟରେ କେ. ମୀନାରାଓଙ୍କୁ ଏକ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା । ଶିବିରରେ ବ୍ଲକ୍ ଉନ୍ନୟନ ଅଧିକାରୀ ମନୀଷା ଦାସ, ତହସିଲଦାର ମାନସ ରଞ୍ଜନ ମାନସେଠ୍, ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ମିଶ୍ରଙ୍କ ସହ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ବାଇକ୍ ଧକ୍କାରେ ବୃଦ୍ଧ ମୃତ

ରାୟଗଡା,୧୯।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ସଦର ବ୍ଲକ ପିପିଲଗୁଡା ଗ୍ରାମ ନିକଟରେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧ କେଶବ ମଣ୍ଡାଙ୍ଗିଙ୍କ ମୃତ୍ୟୁ ଘଟିଛି। ଗତ ଶୁକ୍ରବାର ପୋଙ୍ଗଲ ପର୍ବ ପାଳନ ଦିନ ଆନ୍ଧ୍ରର କମରଡା ଥାନା ଅଞ୍ଚଳର ୩ ଜଣ ଯୁବକ ବାଇକ୍ ଯୋଗେ ଶେଷଖାଲ ଥାନା ଅନ୍ତର୍ଗତ ଦୁର୍ଗାପାଡୁସ୍ଥିତ ଜଳପ୍ରପାତ ବଣଭୋଜି ସ୍ଥଳକୁ ଆସୁଥିଲେ। ଏହି ସମୟରେ ପିପଲଗୁଡାଠାରୁ ମିରାବାଲି ଘାଟିରେ ପିପଲଗୁଡା ଗ୍ରାମର କେଶବଙ୍କୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଜାଙ୍ଗିଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ଆମ୍ବୁଲାନ୍ସ ଯୋଗେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘଷଣା କରିଥିଲେ। ଏ ନେଇ ଶେଷଖାଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ପାହାଡିଆ ଅଞ୍ଚଳରେ ବେପରୁଆ ଗାଡ଼ି ଚାଳକଙ୍କୁ ଅଙ୍କୁଶ ଲଗେଇବା ଦିଗରେ ପ୍ରଶାସନିକ ଓ ପୋଲିସ ଅଧିକାରୀ ଧ୍ୟାନ ଦେବା ଦରକାର ବୋଲି ସ୍ଥାନୀୟ ସମାଜସେବୀ ସତ୍ୟବାନ ମାଣ୍ଡାଙ୍ଗି କହିଛନ୍ତି ।

# ବନ୍ଦେ ମାତରମ୍ ସାମୂହିକ ଗାନ


ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍ ଗାନ କରାଯାଉଛି।

ପଦ୍ମପୁର, ୧୯।୧ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍‌ଠାରେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟଠାରେ ସାମୂହିକ ଭାବେ ରାଷ୍ଟ୍ରୀୟ ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଣିମାଳା ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ ଚନ୍ଦ୍ର ଜାନି ସଭାପତି, ସମ୍ମାନୀୟ ଅତିଥି ଭାବେ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ହୃଷୀକେଶ ରଥ, ତେମ୍ବାଗୁଡ଼ା ସରପଞ୍ଚ ସିଦ୍ଧେଶ୍ୱରୀ ଶବର ଯୋଗଦେଇଥିଲେ । ୨ଜଣ ଦକ୍ଷ ପ୍ରଶିକ୍ଷକ ମନୋଜ କୁମାର ଜେନା ଓ ଶ୍ରୀପତି ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିପ୍ରାମୟୀ ବାରିକ, କ୍ରାନ୍ତି କୁମାର ପାଢ଼ୀ, ଅର୍ଚ୍ଚନା ପଣ୍ଡା, ଅମର ଶବର, ପ୍ରଭାତ କୁମାର ଶବର, ଜଗନ ମୋହନ, ଆଦିତ୍ୟ ମିଶ୍ର ପରିଚାଳନା କରିଥିଲେ । ଚିତ୍ତରଞ୍ଜନ ସେନାପତି ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବିଭିନ୍ନ ସ୍କୁଲର ୩୦୦ କୃତିତ୍ୱ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ଝଞ୍ଜାବତୀ ମହିଳା ୱାକର୍ସ କ୍ଲବ୍ ସଭାପତି ହେଲେ ଅନୁସୟା

ରାୟଗଡ଼ା,୧୯।୧(ଆଶିଷ ରଞ୍ଜନ ପଣ୍ଡା)

ଝଞ୍ଜାବତୀ ମହିଳା ୱାକର୍ସ କ୍ଲବର ସଭାପତି ହେଲେ ଅନୁସୟା ମାଝି । ସୋମବାର କ୍ଲବ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ସର୍ବସମ୍ମତି କ୍ରମେ ଅନୁସୟା ସଭାପତି ହୋଇଥିବା ବେଳେ ରୀତାରାଣୀ ମିଶ୍ର ସାଧାରଣ ସମ୍ପାଦକ, ବିଜୟଲକ୍ଷ୍ମୀ ମିଶ୍ର କୋଷାଧ୍ୟକ୍ଷ ଚୟନ ହୋଇଛନ୍ତି । ସ୍ଥାନୀୟ ପ୍ରେମ ପାହାଡ଼ସ୍ଥିତ ୱାକର୍ସ କ୍ଲବ ଠାରେ ଆଇନଜୀବୀ ବ୍ରଜସୁନ୍ଦର ନାୟକ, ଟି.ଜୟରାମ୍, ପ୍ରତାପ ବାଉରୀ, ସତ୍ୟବାଦୀ ପତି ଓ ଅନ୍ୟମାନେ ଉପସ୍ଥିତ ରହି ନିର୍ବାଚନ ପ୍ରକ୍ରିୟା କରାଇବା ସହିତ ଶପଥ ପାଠ କରାଇଥିଲେ।



ଅନୁସୟା ମାଝିଙ୍କୁ ସ୍ୱାଗତ କରାଯାଉଛି ।

# ମିଟ୍‌ସରେ ଦୁଇଦିନିଆ ଜାତୀୟ ସମ୍ମିଳନୀ



ଜାତୀୟ ସମ୍ମିଳନୀରେ ଉପସ୍ଥିତ ଅତିଥି।

ରାୟଗଡା, ୧୯।୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଭୁଜବଳସ୍ଥିତ ମଝିଘରିଆଣୀ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍‌ସ)ରେ କୃତ୍ରିମ ବୁଦ୍ଧିମତ୍ତା ସୁରକ୍ଷା, ନୀତି ଓ ବିଶ୍ୱସନୀୟତା ସମ୍ପର୍କରେ ଏକ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଏହି ସମ୍ମିଳନୀରେ ଏଆଇ ଇମ୍ପାକ୍ଟ ସମିଟ ଇଣ୍ଡିଆ-୨୦୨୬ରେ ଏକ ପ୍ରି-ସମିଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ରାଉରକେଲା ଏନ୍‌ଆଇଟିର ପ୍ରଫେସର ବିଭୁଦତ୍ତ ସାହୁ, ସାଇବର୍ ଇଣ୍ଟେଲିଜେନ୍ସ ଓ ଡିଜିଟାଲ ଫରେନ୍ସିକ ବିଶେଷଜ୍ଞ ସଞ୍ଜୟ କୁମାର ପାଢ଼ୀ ଏହାକୁ ଉଦ୍‌ଘାଟନ କରିଥିଲେ । ଦୁଇ ଅତିଥି ଏଆଇ ସୁରକ୍ଷା, ସାଇବର୍ ଇଣ୍ଟେଲିଜେନ୍ସ ଓ ବିଶ୍ୱସନୀୟ ଏଆଇ ପ୍ରଣାଳୀ ସମ୍ପର୍କିତ ଆଧୁନିକ ସମସ୍ୟା ଓ ତାହାର ସମାଧାନ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମିଟସ ଗ୍ରୁପର ଉପାଧ୍ୟକ୍ଷ ବିଶ୍ୱଜିତ୍ ପଣ୍ଡା, ନିର୍ଦ୍ଦେଶକ ଡ଼. ସିଭି. ଗୋପୀନାଥ, ଅଧ୍ୟକ୍ଷ ପ୍ରଫେସର ରାମାନୁଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା ସ୍ୱାଗତ ଭାଷଣ ଦେଇ କୃତ୍ରିମ ବୁଦ୍ଧିମତ୍ତାର ସୁରକ୍ଷା, ନୀତି ଓ ଦାୟିତ୍ୱଶୀଳ ବ୍ୟବହାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଡ଼. ସି. ଭି. ଗୋପୀନାଥ, ଡିନ ଡ.ଶାନ୍ତନୁ ମହାନ୍ତି, ଅଧ୍ୟକ୍ଷ ପ୍ରଫେସର ରାମାନୁଜ ନାୟକ ଦାୟିତ୍ୱଶୀଳ ଏଆଇ ଗବେଷଣା ପ୍ରତି ମିଟ୍‌ସ ଶିକ୍ଷାନୁଷ୍ଠାନର ପ୍ରତିବଦ୍ଧତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀର କନଭେନର ଅନୁପମା ନାୟକ ଏହାର ଆଭିମୁଖ୍ୟ, ବିଷୟବସ୍ତୁ ଓ ଜାତୀୟ ଗୁରୁତ୍ୱ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଏହି ସମ୍ମିଳନୀରେ ଦିଲ୍ଲୀର ନୋଇଡା, ପୁଣେ, ଆଇଆଇଟି ଭୁବନେଶ୍ୱର, ଆଲାଏନ୍ସ ବିଶ୍ୱବିଦ୍ୟାଳୟ, ବେଙ୍ଗାଲୁରୁ ସହିତ ଦେଶର ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାର ପ୍ରଖ୍ୟାତ ପ୍ରଫେସର ଓ ବିଶେଷଜ୍ଞମାନେ ତାଙ୍କର ଗବେଷଣା ପ୍ରସ୍ତୁତି ଓ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏହା ଶିକ୍ଷାବିତ୍, ଗବେଷକ, ଶିଳ୍ପ ବିଶେଷଜ୍ଞ ଓ ନୀତି ନିର୍ମାତାଙ୍କ ପାଇଁ ସୁରକ୍ଷିତ, ନୀତିମୂଳକ ଓ ବିଶ୍ୱସନୀୟ କୃତ୍ରିମ ବୁଦ୍ଧିମତ୍ତା ଉପରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। କନଭେନର ପୱନ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# ହାଟ ମୁନିଗୁଡ଼ାର ୨ ଛାତ୍ରୀଛାତ୍ର ପାଇଲେ ପ୍ରାଥମିକ ବୃତ୍ତି

ବିଷମକଟକ,୧୯।୧(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଟ ମୁନିଗୁଡା ପଞ୍ଚାୟତର ଶାନ୍ତି ଶିଶୁ ମନ୍ଦିର ପଞ୍ଚମ ଶ୍ରେଣୀର ଛାତ୍ର ଶୁଭ୍ରାଂଶୁ ଓ ପ୍ରାଇମେରୀ ସ୍କୁଲ ପଞ୍ଚମ ଶ୍ରେଣୀର ଛାତ୍ରୀ ବୈଶାଳୀ ପାନାଡା ପ୍ରାଥମିକ ମେଧାବୃତ୍ତି ପାଇଛନ୍ତି। ଏହି ଦୁଇ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ତରଫରୁ ଓ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ବିଦ୍ୟାଳୟର ଗୁରୁଜୀମାନେ ଉଭୟ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଛନ୍ତି।


ବୈଶାଳୀ ପାନାଡା


ଶୁଭ୍ରାଂଶୁ

# ୨୧ରେ ଶ୍ରୀମଦ୍ ଭାଗବତ ପ୍ରଚାର ସମିତିର ବାର୍ଷିକ ଉତ୍ସବ

ଗୁଣପୁର,୧୯।୧(ସଂକେତ ପାତ୍ର)

ଗୁଣପୁର ବୃନ୍ଦାବତୀ ନଗରରେ ଅବସ୍ଥିତ ଶ୍ରୀମଦ୍ ଭାଗବତ ପ୍ରଚାର ସମିତି ପକ୍ଷରୁ ନବମ ବାର୍ଷିକ ଉତ୍ସବ ଆସନ୍ତା ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଅବସରରେ ସ୍ୱାମୀ ଜଗଦୀଶାନନ୍ଦ ସରସ୍ୱତୀ ମହାରାଜ ଭୁବନେଶ୍ୱରରୁ ଆସି ଶ୍ରୀମଦ୍ ଭାଗବତ କଥାର ପ୍ରବଚନ ଦେବେ। ପ୍ରତିଦିନ ଭାଗବତ ପାଠ, ଭଜନକୀର୍ତ୍ତନ, ହୋମଯଜ୍ଞ ଓ ଧାର୍ମିକ ଆଲୋଚନା କାର୍ଯ୍ୟକ୍ରମ ହେବ। ଉତ୍ସବର ଅନ୍ୟତମ ଆକର୍ଷଣ ରୂପେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ପ୍ରସିଦ୍ଧ ପାଲାଗାୟିକା ଉର୍ମିଳା ସାହୁ ପାଲା ପରିବେଷଣ ମାଧ୍ୟମରେ ଦର୍ଶକଙ୍କୁ ମନୋରଞ୍ଜନ ସହ ଧାର୍ମିକ ଶିକ୍ଷା ପ୍ରଦାନ କରିବେ। ଉତ୍ସବର ପ୍ରଥମ ଦିନ କଳଶ ଯାତ୍ରା ଓ ପୂଜାର୍ଚ୍ଚନା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ । ଶେଷଦିନ ପୂର୍ଣ୍ଣାହୁତି ସହ ଉତ୍ସବର ସମାପନ କରାଯିବ। ଆୟୋଜକ ସମିତି ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କୁ ଏହି ଧାର୍ମିକ ଓ ସାଂସ୍କୃତିକ ଉତ୍ସବରେ ଯୋଗଦେବାକୁ ଆହ୍ୱାନ କରାଯାଇଛି।

# ସତ୍‌ସଙ୍ଗ ସମ୍ମିଳନୀରେ ଯୋଗଦେଲେ ୮ ସଂକୀର୍ତ୍ତନ ମଣ୍ଡଳୀ

ଗୁଣପୁର,୧୯।୧( ସୁଜାତା ପାଢ଼ୀ)

ସମଗ୍ର ହିନ୍ଦୁ ସମାଜ ଦ୍ୱାରା ସନାତନ ସଂସ୍କୃତି, ସନାତନ ଧର୍ମ ଏବଂ ସାମାଜିକ ଏକତାର ପ୍ରତୀକ ପାଇଁ ଗୁଣପୁର ଅଦ୍ୱୈତ ବେଦାନ୍ତ ଆଶ୍ରମ ବିକ୍ରମପୁର ଠାରେ ରବିବାର ସତ୍‌ସଙ୍ଗ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଏକଲ ଅଭିଯାନ ସଂସ୍କାର ଶିକ୍ଷା ତରଫରୁ ଅନୁଷ୍ଠିତ ସତ୍‌ସଙ୍ଗରେ ଜିଲାର ଏକଲ ଅଭିଯାନର ଜିଲା ବ୍ୟାସ ପ୍ରମୁଖ ଅଞ୍ଜଳି ଭଉଣୀ, ଗୁଣପୁର ପ୍ରମୁଖ ଲିପିସ୍ମିତା କହଁର, ସଂକୀର୍ତ୍ତନ ମଣ୍ଡଳୀ ଗୁରୁ ସୁବାସ ରଥ, ବାବୁଲି ପଣ୍ଡା, ଆଦିତ୍ୟ ବାହିନୀର ପ୍ରାନ୍ତ ଉପ ସଭାପତି ତ୍ରିପତି ମହାନ୍ତି, ଅଦ୍ୱୈତ ବେଦାନ୍ତ ଆଶ୍ରମର ପରିଚାଳକ ନଳିନୀ ମହାନ୍ତି , ପ୍ରଭାତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏଥିରେ ୮ ଟି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ସଂକୀର୍ତ୍ତନ ମଣ୍ଡଳୀ ମାଧ୍ୟମରେ ଓଡ଼ିଶାର ପ୍ରତ୍ୟେକ ଗ୍ରାମରେ ନୂତନ ସଂକୀର୍ତ୍ତନ ମଣ୍ଡଳୀ ଗଠନକରି ଓଡ଼ିଶାର ସମଗ୍ର ହିନ୍ଦୁ ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖିବାକୁ ସତ୍‌ସଙ୍ଗରେ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ବିଭାଗ ସମ୍ପାଦକ ବସନ୍ତ ମିଶ୍ର, ଧର୍ମ ଜାଗରଣ ପ୍ରମୁଖ ସାରଙ୍ଗ ନାଗବଂଶ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାପତି ବି. ଗଜପତି ରାଓ , ଆର୍‌ଏସ୍‌ଏସ୍ ଜିଲା ସଂଘ ଚାଳକ ନନ୍ଦୀକେଶ୍ୱର ଚୌଧୁରୀ, ଜିଲା କାର୍ଯ୍ୟବାହ ଦିଲୀପ ପଣ୍ଡା, ଖଣ୍ଡ କାର୍ଯ୍ୟବାହ ବାଲ ଗୋପାଳ ପାଢ଼ୀ, ବିବେକାନନ୍ଦ କନ୍ୟାକୁମାରୀ ଗୁଣପୁର ଶାଖାର ପ୍ରତିଭା ରଥ ଉପସ୍ଥିତ ରହି ପରିଚାଳନା କରିଥିଲେ।


ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଲଟେରି ମାଧ୍ୟମରେ ଓଏସ୍‌ଆରଟିସି ଦୋକାନ ଗୃହ ବଣ୍ଟନ

ମୁନିଗୁଡ଼ା,୧୯।୧ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡା ଓଏସ୍‌ଆରଟିସି ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନର ଦୀର୍ଘଦିନ ପରେ ସୋମବାର ଲଟେରୀ ମାଧ୍ୟମରେ ଦୋକାନ ଗୃହ ବଣ୍ଟନ କରାଯାଇଛି। ପୂର୍ବରୁ ସହିଦ ଲକ୍ଷ୍ମଣ ନାୟକ ବସଷ୍ଟାଣ୍ଡକୁ ଭାଙ୍ଗି ଓଏସ୍‌ଆରଟିସି ତରଫରୁ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଯାତ୍ରୀଙ୍କ ସୁବିଧା ପାଇଁ ଉକ୍ତ ବସ୍‌ଷ୍ଟାଣ୍ଡରେ ୧୭ ଟି ଦୋକାନ ଗୃହ ନିର୍ମାଣ କରାଯାଇଥିଲା। ଯାହାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ କାର୍ଯ୍ୟକ୍ଷମ ହୋଇଥିଲେ ସୁଦ୍ଧା ଦୋକାନ ଗୃହଗୁଡିକ ବଣ୍ଟନ ହୋଇ ନ ଥିଲା। ଯେଉଁଥିପାଇଁ ଯାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ତେବେ ବିଭାଗ ତରଫରୁ ବିଡ଼ିଓ କୃଷ୍ଣ ଚନ୍ଦ୍ର ଦଳପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ଉକ୍ତ ସ୍ଥାନରେ ପୂର୍ବରୁ ଦୋକାନ ପାଇଥିବା ବ୍ୟବସାୟୀଙ୍କୁ ଲଟେରୀ ମାଧ୍ୟମରେ ଦୋକାନ ବଣ୍ଟନ କରାଯାଇଛି। ଏହି ଲଟେରୀ ଉଠାଣ ବେଳେ କମିଟିର ଅଧ୍ୟକ୍ଷ ତଥା ବିଡିଓ କୃଷ୍ଣ ଚନ୍ଦ୍ର ଦଳପତି, ଓଏସ୍‌ଆରଟିସି ଡିଭିଜନାଲ ମ୍ୟାନେଜର ସୌମ୍ୟରଞ୍ଜନ ମିଶ୍ର, ତହସିଲଦାର ଏମ. ଅନୁରାଧା, ଆଇଆଇସି କେଶବ ସଡଙ୍ଗୀ, ଗ୍ରାମ ପଞ୍ଚାୟତ ପିଇଓ ଅଞ୍ଜନ ସାହୁ, ଦୀପକ ଦାସ, ଦମୟନ୍ତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଲଟେରି ଉଠାଣ ବେଳେ ବିଡିଓ, ତହସିଲଦାର, ଓଏସ୍‌ଆରଟିସି କର୍ମକର୍ତ୍ତା।

**ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ**

ଦଶମନ୍ତପୁର,(ଅରବିନ୍ଦ ନାୟକ)-କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତ ସଦର ମହକୁମାସ୍ଥିତ ହନୁମାନ ମୂର୍ତ୍ତି ନିକଟ ଏକ ଗର୍ତ୍ତରୁ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ ହୋଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ କଲେଜ ଓ ହସ୍ପିଟାଲକୁ ପଠାଇଛି। ସାଇଣ୍ଟିଫିକ ଟିମ,ଅତିରିକ୍ତ ତହସିଲଦାର ଜଗୁପୂଜାରି ଉପସ୍ଥିତ ଥିଲେ। ପାଖାପାଖି ୨ ସପ୍ତାହ ପୂର୍ବରୁ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଓ କାରଣ ଅସ୍ପଷ୍ଟ ଥିବା ପୋଲିସ ସୂଚନା ଦେଇଛି। ବ୍ୟକ୍ତି ଜଣକ ରାମକ ସିମେଣ୍ଟ କମ୍ପାନୀର ପୋଷାକ ପିନ୍ଧିଥିବା ଓ ସେ ଜଣେ ଖାଲାସି ହୋଇଥିବା ଅନୁମାନ କରାଯାଉଛି।

# ଜନସାଧାରଣଙ୍କ ସହାୟତା ଲୋଡ଼ିଲା ପୋଲିସ

## ଆମ ପୋଲିସ ସମିତି ବୈଠକ

କୋରାପୁଟ,୧୯।୧ (ଅମିତାଭ ବେହେରା)



କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ, ଆଇନଜୀବୀ ଓ ସମସ୍ତ କର୍ମଚାରୀ।

କୋରାପୁଟ ଟାଉନ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ସ୍ଥାନୀୟ ଟାଉନ ଥାନା ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଏସଡିପିଓ ସଞ୍ଜୟ କୁମାର ମଣ୍ଡଳଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ସମସ୍ୟାର ସମାଧାନ ନେଇ ସହରବାସୀଙ୍କ ମତ ଲୋଡ଼ା ଯାଇଛି। ସହରରେ ଆଇନ ଶୃଙ୍ଖଳା ରକ୍ଷା କରିବା, ଟ୍ରାଫିକ ସମସ୍ୟା ସମାଧାନ ନେଇ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯିବା, ବିଭିନ୍ନ ସ୍ଥାନରୁ ବାଂଲାଦେଶୀମାନଙ୍କୁ ଚିହ୍ନଟ କରିବା, ବିକଟାଳ ଶବ୍ଦକାରୀ ବାଇକ ଜବତ, ବେଆଇନ ମଦ କାରବାର, ରାସ୍ତାରେ ବେଆଇନ ପାର୍କିଂ ଗାଡ଼ିକୁ ଜରିମାନା ଆଦାୟ କରିବା, ମନ୍ଦିର ଛକରୁ ସିଟକେପ ଛକ ବସଷ୍ଟାଣ୍ଡ ଓ ପୋଷ୍ଟ ଅଫିସ ରାସ୍ତାରେ ଚାରିଚକିଆ ଓ ଅଟୋ ଚଳାଚଳ ବନ୍ଦ କରିବା ନେଇ ଆଲୋଚନା ହୋଇଥିଲା। ଏହାକୁ ଅବମାନନା କରୁଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଛାତ୍ରୀଛାତ୍ରଙ୍କୁ ନେଉଥିବା ବସ୍ ଓ ଅଟୋ ଯାଞ୍ଚ କରିବା ଆଦି ବିଷୟକୁ ଗୁରୁତ୍ୱ ଦିଆଯାଇଛି। ଏଥିପ୍ରତି ଜନସାଧାରଣ ସଚେତନ ରହି ପୋଲିସକୁ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ କୋରାପୁଟ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟ, ଟାଉନ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର, ଗଣମାଧ୍ୟମ ପ୍ରତିନିଧି, ଆଇନଜୀବି ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ମିଳିତ ଜନଶୁଣାଣି

ବୈପାରୀଗୁଡ଼ା,୧୯।୧ (କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବ୍ଲକ ଅଫିସ ସଭାଗୃହରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଏଡିଏମ୍ ତପନ କୁମାର ନାୟକ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଏସ୍‌ପି ମନୋଜ ପୂଜାରୀ, ଜୟପୁର ଉପଜିଲାପାଳ ଏ.ଶସ୍ୟା ରେଡ୍ଡୀ, ବୈପାରିଗୁଡ଼ା ବିଡିଓ ସୁବ୍ରତ ସାହୁ, ବ୍ଲକ୍ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଏଥିରେ ମୋଟ ୫୦ ଅଭିଯୋଗର ଶୁଣାଣି ହୋଇଛି। ସେଥିରୁ ୧୭ ବ୍ୟକ୍ତିଗତ ଓ ୩୩ ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ବ୍ଲକର କୋଲାରରେ ନୂତନ ଏକଲବ୍ୟ ଆବାଶ ବିଦ୍ୟାଳୟ କୋଠା ନିର୍ମାଣରେ ବିଳମ୍ବ, ନିର୍ମାଣଧୀନ ନୂତନ ବସ୍‌ଷ୍ଟାଣ୍ଡକୁ ସଂଯୋଗ କରୁଥିବା ରାସ୍ତାରେ କଲଭର୍ଟ ବଦଳରେ ହୋମପାଇପକୁ ବିରୋଧ, ବୈପାରୀଗୁଡ଼ା ନୋଡାଲ ପ୍ରାଥମିକ ବିଦ୍ୟାଳୟ ପାଇଁ ସ୍ଥାନ ନିରୂପଣ, ମେଗା ପ୍ରୋଜେକ୍ଟ ଦ୍ୱାରା ରାସ୍ତାକଡ଼ରେ ପାଇପ୍ ବିଛାଇବା ପରେ ରାସ୍ତା ଉପରୁ ମାଟି ନ ଉଠାଇବା ଆଦି ଅଭିଯୋଗ ହୋଇଥିଲା।

## ମଦ ବିକ୍ରି ବନ୍ଦ କରିବାକୁ ନାରୀ ମହାସଂଘର ଦାବିପତ୍ର


ଉମରକୋଟ ଅବକାରୀ ଅଧିକାରୀ ରଞ୍ଜୁଲତା ବାରିକ ଦାବିପତ୍ର ଗ୍ରହଣ କରୁଛନ୍ତି।

ଉମରକୋଟ, ୧୯।୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦରେ ଅତିରିକ୍ତ ଜିଲାପାଳଙ୍କ ମିଳିତ ଜନଶୁଣାଣି ବେଳେ ମଦ ବିକ୍ରିକୁ ବିରୋଧ କରି ଚନ୍ଦହାଣ୍ଡି ନାରୀ ମହାସଂଘର ପଚାଶ ରୁ ଊର୍ଦ୍ଧ୍ୱ ସଦସ୍ୟ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଓ ଜିଲା ଅବକାରୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦେଇଛନ୍ତି। ଚନ୍ଦାହାଣ୍ଡିରେ ଦିନକୁ ଦିନ ମଦ୍ୟପଙ୍କ ସଂଖ୍ୟା ବଢ଼ି ଓ ଗାଁରେ ମଦ କାରବାର ହେତୁ ଅଶାନ୍ତି ବଢୁଛି। ଫଳରେ ଘରେଘରେ ଝଗଡ଼ା, ମାରପିଟ, ମହିଳାଙ୍କ ପ୍ରତି ହିଂସା ବଢୁଛି। ମଦ ବନ୍ଦ ପାଇଁ ନାରୀ ମହାସଂଘ ଓ ପୋଲିସକୁ ନେଇ ଏକ କମିଟି ଗଠନ କରିବାକୁ ଦାବି ହୋଇଛି। ଆଗାମୀ ପନ୍ଦର ଦିନରେ ଯଦି ସମସ୍ୟା ସମାଧାନ ନ ହେଲେ ନାରୀ ସଂଘ ନିଜେ ଆଇନକୁ ହାତକୁ ନେଇ ମଦ ଦୋକାନ ବନ୍ଦ କରିବ ବୋଲି ଚେତାବନୀ ଦିଆଯାଇଛି। ନାରୀ ସଂଘର ଦାବିପତ୍ର ବିଷୟରେ ଅବଗତ ହୋଇ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ବର୍ମନ ଓ ଉମରକୋଟ ଅବକାରୀ ଅଧିକାରୀ ରଞ୍ଜୁଲତା ବାରିକ ଦାବିପତ୍ର ଗ୍ରହଣ କରିଥିଲେ। ଦାବି ସମ୍ପର୍କରେ ଜିଲା ଅବକାରୀ ବିଭାଗ ସହ ଆଲୋଚନା କରାଯିବ ବୋଲି କହିଥିଲେ। ଦାବିପତ୍ର ପ୍ରଦାନବେଳେ ଚନ୍ଦାହାଣ୍ଡି ନାରୀ ମହାସଂଘ ସଭାନେତ୍ରୀ ଜୟନ୍ତୀ ମାଝୀ, ଉପସଭାପତି ଗୋମତୀ ପୂଜାରୀ, ସମ୍ପାଦିକା ପାର୍ବତୀ ଧାରୁଆ, ସଦସ୍ୟ ପାର୍ବତୀ ମାଝୀ, ମୁକ୍ତେଶ୍ୱରୀ ମାଝୀ, ସୁନାଦେଇ ପୂଜାରୀ, ଗୀତ ସୋରି, ଲୋଚନୀ ଭୋଇ, ଜୟବାଲି ନାୟକ, ଯୁବ ସାମାଜିକ କର୍ମୀ ରାଜେଶ ଜାନୀଙ୍କ ସହ ଏକାଧିକ ମହିଳା ଉପସ୍ଥିତ ଥିଲେ।

## କୋଟପାଡ଼ ବିଧାୟକଙ୍କୁ ପାର୍ଲାମେଣ୍ଟରିଆନ ଆୱାର୍ଡ


ଅତିଥିମାନେ ବିଧାୟକ ରୁପୁ ଭତ୍ରାଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

କୁନ୍ଦୁରା,୧୯।୧(ସନ୍ତୋଷ ପ୍ରହରାଜ)

ଉଦୟ ଇଣ୍ଡିଆ କନକ୍ଲେଭରେ କୋଟପାଡ଼ ବିଧାୟକ ରୁପୁ ଭତ୍ରାଙ୍କୁ ପାର୍ଲାମେଣ୍ଟରିଆନ ଆୱାର୍ଡ ମିଳିଛି। ତାଙ୍କ ଜୀବନଶୈଳୀ ଓ ରାଜନୈତିକ କାର୍ଯ୍ୟ ଓ କୋଟପାଡ଼ରେ ଚାଲିଥିବା ବିକାଶକୁ ନେଇ ଉଦୟ ଇଣ୍ଡିଆ ନ୍ୟାଶନାଲ ପକ୍ଷରୁ ବିଧାୟକଙ୍କୁ ସମ୍ମାନିତ କରାଯାଇଛି। କୋରାପୁଟ ଜିଲାର କୋଟପାଡ଼ ନିର୍ବାଚନ ମଣ୍ଡଳୀର ଲୋକଙ୍କ ନିକଟତର ହୋଇ ସେବା ଯୋଗାଇବାରେ ବିଧାୟକଙ୍କ ଅବଦାନ ରହିଛି। ନିଜ ଅଞ୍ଚଳର ଲୋକଙ୍କ ମୌଳିକ ସୁବିଧାକୁ ବୁଝିପାରୁଥିବା ଓ ନିର୍ଭିକ ଭାବେ ବିଧାନସଭାରେ ବିଧାୟକ ଦାବି ଉପସ୍ଥାପନା କରିଥାନ୍ତି। ଆଦିମ ଜନଜାତି ବହୁଳ ଅଞ୍ଚଳରେ ରହିଥିବା ଜନଜାତିଙ୍କୁ ନିଜସ୍ୱ ଚେଷ୍ଟାରେ ସ୍ୱାବଲମ୍ବୀ କରିବାରେ ବିଧାୟକଙ୍କ ଭୂମିକା ରହିଛି। ଏ ନେଇ ଉଦୟ ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ କନକ୍ଲେଭ ମୁଖ୍ୟ ଅତିଥି ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଟ୍ରଷ୍ଟ ଫାଉଣ୍ଡର ଦୀପକ କୁମାର ରଥ ବିଧାୟକଙ୍କୁ ଆୱାର୍ଡ ପ୍ରଦାନ କରିଥିଲେ।

## ବିଭିନ୍ନ ଗ୍ରାମର ୨୨ ସମସ୍ୟା ପଞ୍ଜୀକୃତ

ନନ୍ଦପୁର/ପାଡୁଆ,୧୯।୧
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ପରଜା ବଡପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ବୈଠକ ଗୃହରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ସରପଞ୍ଚ ସମିତିସଭ୍ୟ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ, ସିଡିପିଓ ମିନତି ବାଳା ପଟ୍ଟନାୟକ, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁଚରଣ ସେଠୀ ଓ ବ୍ଲକରେ କାର୍ଯ୍ୟରତ ସହଯୋଗୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଅଧିକାରୀଙ୍କୁ ପଞ୍ଚାୟତବାସୀ ୬ ଗୋଷ୍ଠୀଗତ ଅଭିଯୋଗପତ୍ର ଜରିଆରେ ପଞ୍ଚାୟତର ବିଭିନ୍ନ ଗ୍ରାମର ୨୨ ସମସ୍ୟା ରହିଥିଲା। ପରଜା ବଡପଡ଼ା ପଞ୍ଚାୟତ ସଦର ମହକୁମାରେ ଗଳିଆଲୁଅ ବ୍ୟବସ୍ଥା, ଉଚ୍ଚ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ କରି ପଟ୍ଟା ପ୍ରଦାନ, ସ୍କୁଲ ସୁରକ୍ଷା ପାଚେରୀ ନିର୍ମାଣ ଓ ବିଦ୍ୟୁତ୍ ସଂଯୋଗ କରିବା ଆଦି ଅଭିଯୋଗ ରହିଥିଲା। ନୂତନ ଏଏନ୍‌ଏମ୍ କେନ୍ଦ୍ର ନିର୍ମାଣ, ଆବାସିକ ଛାତ୍ରାବାସ ଓ ଫେଭର ବ୍ଲକ ବିଛାଇବା, ଜଳଭଣ୍ଡାରଠାରୁ ମଶାଣିର ସୁରକ୍ଷା ନେଇ ପ୍ରୋଟେକ୍ସନ ୱାଲ, ବସୁଧା ପ୍ରକଳ୍ପ ପାଇପ ମରାମତି, ଡଙ୍ଗା ଯୋଗାଇବା, ଏକାଧିକ ଗ୍ରାମର ପାନୀୟ ଜଳ ସମସ୍ୟା, ଗ୍ରାମବାସୀଙ୍କୁ ଜମି ପଟ୍ଟା ପ୍ରଦାନ, ପଡ଼ାଲପୁଟରୁ ଚିତଲପାଡୁ ରାସ୍ତା, ପେଦା ଜୋଲାପୁଟରୁ ପୁରୁଣା ଜୋଲାପୁଟ ରାସ୍ତା ନିର୍ମାଣ ଓ ମିନି ଅଙ୍ଗନୱାଡ଼ି ପ୍ରତିଷ୍ଠା ଆଦି ସମସ୍ୟା ଜଣାଇଥିଲେ। ସମସ୍ତ ପଞ୍ଜୀକୃତ ଅଭିଯୋଗ ଜିଲା ପ୍ରଶାସନ ଓ ସହଯୋଗୀ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି।



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ୨ ଗ୍ରାମ୍ ୮୩୦ମିଲିଗ୍ରାମ୍ ବ୍ରାଉନ ସୁଗାର ଜବତ: ୨ ଗିରଫ

ଜୟପୁର,୧୯।୧(ପବନ ପାଣିଗ୍ରାହୀ)

ବ୍ରାଉନ୍ ସୁଗାର କାରବାର ବେଳେ ଜୟପୁର ଟାଉନ ପୋଲିସ ଚଢାଉ କରି ୨ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଜୟପୁର ଖ୍ରୀଷ୍ଟିଆନ୍ ପେଟାର ସଞ୍ଜୀବ କୁମାର ନାୟକ(୪୦) ଓ ଇରିଗେସନ କୋଲନିର ଖଗେନ ତନ୍ତି(୧୯)। ସେମାନଙ୍କଠାରୁ ୨ ଗ୍ରାମ ୮୩୦ ମିଲିଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି।

ସୂଚନାନୁଯାୟୀ, ଜୟପୁର ସହର ଖ୍ରୀଷ୍ଟିଆନ ପେଟା ବିୟୁରିଆନ ପଡିଆରେ ୨ଜଣ ବ୍ରାଉନ ସୁଗାର ପ୍ୟାକେଟ କରି ସହରରେ ବିକ୍ରି କରିବାକୁ ଯୋଜନା କରୁଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ୩୦ ପ୍ୟାକେଟ୍‌ରୁ ୨ ଗ୍ରାମ ୮ଶହ ୩୦ ମିଲିଗ୍ରାମ ଜବତ ହୋଇଥିବା ଟାଉନ ଥାନାଧିକାରୀ ଉଲ୍ଲସଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ଏ ନେଇ ଟାଉନ ପୋଲିସ ୨୭/୨୬ରେ ମାମଲା ରୁଜୁ କରିଛି। ଅଭିଯୁକ୍ତମାନେ ବାହାର ରାଜ୍ୟରୁ ବ୍ରାଉନ ସୁଗର ଆଣି ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିବା ତଦନ୍ତରୁ ଜଣାପଡ଼ିଛି। ଜିଲା ଏସ୍‌ପି ରୋହିତ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ପାର୍ଥ କଶ୍ୟପଙ୍କ ତତ୍ତ୍ୱାବଧାନରେ ଚଢାଉ ହୋଇଥିଲା।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ସୁନାବେଡ଼ା/ସେମିଳିଗୁଡ଼ା,୧୯।୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଦୁଧାରୀ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଡବ୍ଲୁଇଓ ହରପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ମୋଟ ୮ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ବାର୍ଦ୍ଧକ୍ୟ ଭତ୍ତା, ଅଙ୍ଗନୱାଡ଼ି କେନ୍ଦ୍ରକୁ ପାଣି ସଂଯୋଗ ସହ ବାଉଣ୍ଡ୍ରି ୱାଲ ନିର୍ମାଣ, ଯୁବକ ସଂଘ ପାଇଁ ଘର ନିର୍ମାଣ, ମାର୍କେଟ କମ୍ପ୍ଲେକ୍ସ ଘର ବଣ୍ଟନ ସମ୍ପର୍କିତ ସମସ୍ୟା ରହିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ବିଏସଏସଓ ଟି.ଶୁରଭି, ସହକାରୀ ଯନ୍ତ୍ରୀ ରଶ୍ମିତା ରାଉତ, ବିପିସି ପେଶା ପ୍ରମୋଦ ଖିଲ, ପିଇଓ ମୋହନ ଖରା, ଏମଆଇଡିଓ ଅନାମିକା ଚେଟି, ବିପିଏ ସୁନୀଲ ଗରଡା, ବିଏଫଟି ମନୋଜ ସୁଂଗାଡୁ, ବନ ବିଭାଗ ସୌମ୍ୟରଞ୍ଜନ ଜେନା, ଉଦ୍ୟାନ ବିଭାଗ ଏଟ୍‌ଓ ସମରା ହନ୍ତାଳ, ଆଇସିଡିଏସ୍ ସୁପରଭାଇଜର ଉମାରାଣୀ ଘୋଷ, ସରପଞ୍ଚ ମାଧବ ନନ୍ଦିବାଲି, ନାଏବ ସରପଞ୍ଚ ମହେଶ୍ୱର ନାୟକ ଉପସ୍ଥିତ ଥିଲେ। ଶୁଣ୍ଡିପୁଟ ଗାଁରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଘର ବଣ୍ଟନ, ଦୁଧାରୀ ଗାଁର ଯୁବକ ସଂଘ ଏକ ସଭାଗୃହ ନିର୍ମାଣ ଦାବି କରିଥିଲେ। ଠିଆପାର ଅଙ୍ଗନୱାଡ଼ି କେନ୍ଦ୍ରକୁ ପାଣି ସଂଯୋଗ, ପାଇଖାନା ମରାମତି ଓ ବାଉଣ୍ଡ୍ରି ୱାଲ ନିର୍ମାଣ କରିବାକୁ ଅଙ୍ଗନୱାଡ଼ି କର୍ମୀ ପ୍ରେମମଣୀ ଖୋସଲା ଗୁହାରି କରିଥିଲେ। ଶିବିରରେ ୨୦ କି.ମି. ଦୂରରୁ ବାର୍ଦ୍ଧକ୍ୟ ଭତ୍ତା ଆଣୁଥିବାରୁ ପାଖରେ ଦେବାକୁ କେତେଜଣ ଦାବି କରିଥିଲେ। ବିଏସଏସଓ ଏହାର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ସରକାରୀ ଯୋଜନା ନେଇ ଲୋକଙ୍କୁ ସଚେତନ କରିଥିଲେ।

## କିନ୍ନର ମଧ୍ୟ ଯୁଗ ସହ ତାଳ ଦେଇ ଚାଲିପାରିବେ


ଅତିଥି, କିନ୍ନର ସଂଘ ସଦସ୍ୟଙ୍କ ଗହଣରେ ସମ୍ମାନିତ ହୋଇଥିବା ବିଶିଷ୍ଟ ବ୍ୟକ୍ତି ବିଶେଷ।

ଉମରକୋଟ/ନବରଙ୍ଗପୁର,୧୯।୧
(ସନ୍ତୋଷ ଶତପଥୀ/ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଉମରକୋଟ ସହରର କଲ୍ୟାଣ ମଣ୍ଡପରେ ନବରଙ୍ଗପୁର ଜିଲା କିନ୍ନର ସଂଘର ବାର୍ଷିକ ଉତ୍ସବ ଓ ସ୍ମୃତି ସମ୍ମାନ ସମାରୋହ ସୋମବାର ପାଳିତ ହୋଇଛି। ଜିଲା କିନ୍ନର ସଂଘ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ତଥା ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବରେଣ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନ୍, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ସାମାଜିକ କର୍ମୀ ରମେଶ ଚନ୍ଦ୍ର ସାହୁ, ଝରିଗାଁ ବିଧାୟକ ପ୍ରତିନିଧି ପ୍ରସନ୍ନ ମହାନ୍ତି, ବରିଷ୍ଠ ଅଧିବକ୍ତା ରାମ ନାୟକ, ଅନୁଷ୍ଠାନ ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ମହାପାତ୍ର, ଶର୍ମିଷ୍ଠା ଦେଓ , ଜୟଦେବ ପରିଡ଼ା, ଡାକ୍ତର ସୁରେନ୍ଦ୍ର ନାଥ ଦାସ, ଆଇନ ପରାମର୍ଶଦାତା ଶ୍ରୀନିବାସ ପଟ୍ଟନାୟକ, ରାମ ପ୍ରସାଦ ପାତ୍ର, ସଂଘ ସଭାପତି କାଜଲ କିନ୍ନର, ସମ୍ପାଦକ ଚୁମକି କିନ୍ନର ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଖିଳ କୁମାର ଭଞ୍ଜ ସଂଯୋଜନା କରିଥିଲେ। କିନ୍ନରମାନଙ୍କ ଅଧିକାଂଶ ସମସ୍ୟାର ସମାଧାନ ହୋଇଛି ଓ ଆଗାମୀ ଦିନରେ ଅନ୍ୟ ସମସ୍ତ ସମସ୍ୟାର ସମାଧାନ ଦିଗରେ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟଅତିଥି ମତ ଦେଇଥିଲେ। କିନ୍ନରଙ୍କ ବିଭିନ୍ନ ସମସ୍ୟାର ସମାଧାନ ହେଲେ ସେମାନେ ମଧ୍ୟ ଯୁଗ ସହ ତାଳ ଦେଇ ଚାଲି ପାରିବେ ବୋଲି ମତ ପ୍ରକାଶ ପାଇଥିଲା। ସଂଘ ପକ୍ଷରୁ ସମାଜର ବିଭିନ୍ନ ଶ୍ରେଣୀର ପ୍ରତିଷ୍ଠିତ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଡିଏସ୍‌ପି ରମାକାନ୍ତ ସାଏ, ସାମାଜିକ କର୍ମୀ ମନୋଜ କୁମାର ପାଢ଼ି, ସଞ୍ଜୀବ ସୁବୁଦ୍ଧି, ନିନିବାବୁ ତ୍ରିପାଠୀ, କୃଷ୍ଣପ୍ରସାଦ ପଟ୍ଟନାୟକ, ଗୀତା ନନ୍ଦ, ମନୋଜ ଧଳ, ରବି ସୁନା , ହରିଶ ବେହେରା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକ, ଅବିଭକ୍ତ କୋରାପୁଟ ଜିଲାରୁ ଶତାଧିକ କିନ୍ନର ଓ ଉମରକୋଟ ଅଞ୍ଚଳର ବହୁ ବୁଦ୍ଧିଜିବୀ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

ସୁନାବେଡ଼ା/ସେମିଳିଗୁଡ଼ା,୧୯।୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ମଲ୍ଟି ଫଙ୍କଶନ ହଲ୍ ପରିସରରେ ବରିଷ୍ଠ ନାଗରିକ ସଂଘର ୨୦ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ସଂଘ ସଭାପତି ପ୍ରତାପ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ସଡ଼କ ପରିବହନ ତଥା ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବରିଷ୍ଠ ନାଗରିକ ସମାଜର ମାର୍ଗ ଦର୍ଶକ, ସେମାନଙ୍କ ବିନା କୌଣସି କାର୍ଯ୍ୟ ସମ୍ଭବ ନୁହେଁ। ସେମାନଙ୍କୁ ସର୍ବଦା ଅଗ୍ରାଧିକାର ଦେବା ଉଚିତ ବୋଲି ସେ କହିଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ, ଭାଜପା ଜିଲା ସଭାପତି ଶିବ ମୁଦୁଲି, ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସଂଘ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ କ୍ଷ୍ୟାତି ଅର୍ଜନ କରିଥିବା ୨ଜଣଙ୍କୁ ସମ୍ମାନିତ କରାଯାଇ ସଦସ୍ୟମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସଂଘ ସଭାପତି ସହରରେ ଉତ୍ତମ ଚିକିତ୍ସା ସେବା ଅଭାବ ଥିବା ଓ ଅଭିଜ୍ଞ ଡାକ୍ତର ଥାଇ ଏକ ଅତ୍ୟାଧୁନିକ ହସ୍ପିଟାଲ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ମନ୍ତ୍ରୀ ଜେନା ହସ୍ପିଟାଲ ନିର୍ମାଣକୁ ନେଇ ପ୍ରତିଶ୍ରୁତି ଦେଇଥିଲେ। ସଂଘ ଯୁଗ୍ମ ସମ୍ପାଦକ ନୀଳମଣି ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ୧୮ନଂ ୱାର୍ଡ କାଉନସିଲର ମମତା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାଟ୍ରିକ୍‌ରେ ଭଲ ରେଜଲ୍ଟ ପାଇଁ ପିଲାଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ

କୋରୁକୋଣ୍ଡା,୧୯।୧
(ଶିବଦତ୍ତ ସାହୁ)

ମାଲକାନଗିରି ଜିଲାପାଳଙ୍କ ସୋମେଶ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷା ବିଭାଗ ତରଫରୁ ବାଲିମେଳାସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଭଲ ରେଜଲ୍ଟ ପାଇଁ ଏକ ସ୍ୱତନ୍ତ୍ର ଆବାସିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ସୋମବାର ବିଦ୍ୟାଳୟ ପ୍ରାଙ୍ଗଣରେ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ନେଇ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଛାତ୍ର ରାଜେନ୍ଦ୍ର କୁଲଦୀପ, ସମ୍ମାନିତ ଅତିଥି ଭାବେ ଏମ୍‌ଭି – ୨୭ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ନାୟକ, ନୀଳାଦ୍ରିନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ବାଲିମେଳା, ନୀଳାଦ୍ରି ନଗର, ତାର୍ଲାକୋଟା, ଏମ୍‌ଭି –୨୭ ଓ ଚିତ୍ରକୋଣ୍ଡାର ଉଚ୍ଚ ବିଦ୍ୟାଳୟରୁ ଅଭିଭାବକ ଓ ଏ-୧ ଆଶାୟୀ ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ଶିକ୍ଷକ, ବିଦ୍ୟାଳୟ ତରଫରୁ ଆଶାୟୀ ଛାତ୍ରଙ୍କ ନିମନ୍ତେ ବିଦ୍ୟାଳୟ ପରିସରରେ ରହିବା ଓ ଛାତ୍ରୀଙ୍କ ନିମନ୍ତେ ବାଳିକା ଉଚ୍ଚ ବିଦ୍ୟାଳୟ ଆବାସିକ ଗୃହରେ ଅବସ୍ଥାପିତ କରିବା ପରେ ଅଭିଭାବକଙ୍କ ନିକଟରୁ ସମ୍ମତିପତ୍ର ପ୍ରଦାନ କରାଯାଇଥିଲା । ଶିବିରରେ ମୋଟ ୫୪ ଛାତ୍ରୀଛାତ୍ର ଭାଗ ନେଇଛନ୍ତି ବୋଲି ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଲା କୁମାରୀ ହିଆଲ ସୂଚନା ଦେଇଛନ୍ତି।


ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ।

## କାଶୀନାଥ ନନ୍ଦପୁର ବ୍ଲକ୍ ବିଜେଡି ସଭାପତି

ନନ୍ଦପୁର,୧୯।୧(ତୁଷାର କାନ୍ତ ମହାନ୍ତି)



କୋରାପୁଟ ଜିଲା ନନ୍ଦପୁର ବ୍ଲକ ବିଜେଡିର ସଭାପତି ଭାବେ କ୍ରମାଗତ ୩ୟ ଥର ପାଇଁ କାଶୀନାଥ ଗୋଲରୀ ମନୋନୀତ ହୋଇଛନ୍ତି। ଜିଲା ସଭାପତି ଜିନୋ ହିକ୍‌କାଙ୍କ ପ୍ରସ୍ତୁତ ୧୪ ବ୍ଲକ ୪ ପୌରାଞ୍ଚଳର ସଭାପତି ତାଲିକାକୁ ରାଜ୍ୟ ସଭାପତିଙ୍କ ଅନୁମୋଦନ ମିଳିଛି। କାଶୀନାଥ ୨୦୧୮ରେ କାର୍ଯ୍ୟକାରୀ ସଭାପତି, ୨୦୧୯-୨୦୨୨, ୨୦୨୨-୨୦୨୫ରେ ବ୍ଲକ୍ ସଭାପତି ଥିଲେ। ରାଜ୍ୟ ସଭାପତି ଓ ଜିଲା ସଭାପତି ୩ୟ ଥର ପାଇଁ ତାଙ୍କ କାର୍ଯ୍ୟଦକ୍ଷତା ପ୍ରତି ଆସ୍ଥା ପ୍ରକଟ କରିଥିବାରୁ କାଶୀନାଥ କୃତଜ୍ଞତା ଜଣାଇ ଦଳୀୟ ନୀତିଆଦର୍ଶର ଅନୁପାଳନ କରି ଦଳକୁ ସଂଗଠିତ କରିବା ସହ ପଞ୍ଚାୟତ ନିର୍ବାଚନରେ ବ୍ଲକରେ ସଫଳ ହେବେ ବୋଲି କହିଛନ୍ତି।

## ସାନିଲୋଭା ସେଠୀଙ୍କ ଶ୍ରାଦ୍ଧବାର୍ଷିକୀ

ମାଲକାନଗିରି,୧୯।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ସାମ୍ୱାୟାଗୁଡାସ୍ଥିତ ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ସେଠୀଙ୍କ ଧର୍ମପତ୍ନୀ ତଥା ଜିଲାର ସ୍ୱନାମଧନ୍ୟ ଶିକ୍ଷୟିତ୍ରୀ ଶାନିଲୋଭା ସେଠୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶିକ୍ଷକ ନେତା ରଞ୍ଜିତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅବସରପ୍ରାପ୍ତ ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଶିକ୍ଷକ ତାରକ ମଣ୍ଡଳ, ଗଣେଶ ଚନ୍ଦ୍ର ଜେନା, ରମେଶ ଚନ୍ଦ୍ର ମଲ୍ଲ, ମନୋରଞ୍ଜନ ବେହେରା, ସୁରେନ୍ଦ୍ର ମହାରଣା, ବାଲା ପାଢ଼ି, ପ୍ରଶାନ୍ତ ବେହେରାଙ୍କ ସହ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସ୍ୱର୍ଗତ ସେଠୀ ଏକାଧାରରେ ଜଣେ କର୍ତ୍ତବ୍ୟନିଷ୍ଠ ଓ ଧର୍ମପରାୟଣ ମହିଳା ଥିଲେ। ସେ ସର୍ବଦା ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଉଥିଲେ। ଦୀର୍ଘ ଦିନ ଧରି ଅସୁସ୍ଥ ରହିଥିଲେ ସୁଦ୍ଧା କେବେ କର୍ତ୍ତବ୍ୟରେ ଅବହେଳା କରି ନ ଥିଲେ ବୋଲି ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ମତ ପ୍ରକାଶ କରିଥିଲେ।


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଶିକ୍ଷକମାନେ ।

## ସରିଲା ଯୁବ ମହୋତ୍ସବ ଅରା

ସୁନାବେଡ଼ା/ସେମିଳିଗୁଡ଼ା,୧୯।୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋରାପୁଟ ଜିଲା ସେମିଳିଗୁଡ଼ା ମହାବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ଯୁବ ମହୋତ୍ସବ ଅରା-୨୦୨୬ ସୋମବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. ଝାନ୍‌ସୀ ସିଂହଙ୍କ ଅଧ୍ୟକ୍ଷତାରେ ବାଣିଜ୍ୟ, ପରିବହନ, ଇସ୍ପାତ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇଥିଲେ। ଶିକ୍ଷା ବ୍ୟବସ୍ଥାରେ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ସୁଯୋଗ ନେଇ କହିଥିଲେ। ଛାତ୍ରୀଛାତ୍ର ନିରବଚ୍ଛିନ୍ନ ଭାବେ ଅଧ୍ୟବସାୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ଭାଜପା ଜିଲା ସଭାପତି ଶିବ ମୁଦୁଲି, ସୁନାବେଡ଼ା ନଗରପାଳ ଡ.ରାଜେନ୍ଦ୍ର ପାତ୍ର, କଲେଜ ପ୍ରତିଷ୍ଠାତା ତଥା ସାମାଜିକକର୍ମୀ କୃଷ୍ଣ ସିଂହ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରୀ ବିଭିନ୍ନ ପର୍ଯ୍ୟଟନସ୍ଥଳ ଓ ଜଳପ୍ରପାତଗୁଡ଼ିକର ସଫା କରିଥିଲେ। ବିଭିନ୍ନ ଖେଳକୁଦର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ୟୁଥ ରେଡକ୍ରସ କାଉନସିଲର ଶିବାଶିଷ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଛାତ୍ରୀଛାତ୍ର ଓ ଭାଜପାର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସେବାରୁ ବଞ୍ଚିତ ଫନ୍ଦିଗୁଡ଼ା ଗ୍ରାମବାସୀ

■ ବାରମ୍ବାର ଦାବି ପରେ ବି ଶୁଣୁନି ପ୍ରଶାସନ
■ ବିଧାୟକଙ୍କୁ ଭେଟି ସମସ୍ୟା ଜଣାଇଲେ ଗ୍ରାମବାସୀ


ଗ୍ରାମବାସୀ ବିଧାୟକଙ୍କ ସହ ଆଲୋଚନା କରୁଛନ୍ତି।

କୋରୁକୋଣ୍ଡା,୧୯।୧(ଶିବଦତ୍ତ ସାହୁ)

ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କାମ୍ବେଡା ପଞ୍ଚାୟତ ଅଧୀନରେ ଥିବା ଫନ୍ଦିଗୁଡା ଗ୍ରାମବାସୀ। ଗାଁ ବସତିଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଗାଁକୁ ଯାତାୟାତ ନିମନ୍ତେ ପକ୍କାରାସ୍ତା, ବିଜୁଳି ଆଲୁଅ ଏବଂ କୋମଳମତି ଶିଶୁଙ୍କ ପାଇଁ ଅଙ୍ଗନୱାଡି କେନ୍ଦ୍ର ନାହିଁ। ଏହି ଗ୍ରାମରେ ଦୀର୍ଘବର୍ଷ ଧରି ଲାଗି ରହିଥିବା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବହୁବାର ପଞ୍ଚାୟତ, ବ୍ଲକ୍ କର୍ତ୍ତୃପକ୍ଷ, ବିଦ୍ୟୁତ୍ ବିଭାଗ ଅଧିକାରୀ ଏବଂ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ବି କିଛି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶେଷରେ ଗ୍ରାମବାସୀ ନିରାଶ ହୋଇ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କୁ ସାକ୍ଷାତକରି ଗ୍ରାମକୁ ପକ୍କାରାସ୍ତା ନିର୍ମାଣ କରିବା ସହ ବିଜୁଳି ଆଲୋକ ଯୋଗାଇଦେବାକୁ ନିବେଦନ କରିଛନ୍ତି। ଉକ୍ତ ଗ୍ରାମର ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ। ଗାଁରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ପାଇଁ ବ୍ଲକ୍ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଏବଂ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛି। ଖୁବ୍ ଶୀଘ୍ର ଉକ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ବିଧାୟକ ମଙ୍ଗୁ ଖିଲ କହିଛନ୍ତି।

ଗ୍ରାମବାସୀଙ୍କ କହିବାନୁଯାୟୀ, ପଞ୍ଚାୟତ କାର୍ଯ୍ୟାଳୟଠାରୁ ଏହି ଗ୍ରାମ ପ୍ରାୟ ୩ କି.ମି. ଦୂରରେ ଅବସ୍ଥିତ। ଏହି ଗାଁରେ ଥିବା ମୋଟ ୩୨ରୁ ଉର୍ଦ୍ଧ୍ୱ ପରିବାରର ପ୍ରାୟ ୧୬୦ରୁ ଲୋକ ବସବାସ କରୁଛନ୍ତି। ଦୀର୍ଘ ବର୍ଷ ହେଲା ଗ୍ରାମକୁ ପକ୍କାରାସ୍ତା, ବିଜୁଳି ଆଲୁଅ କିମ୍ବା ପିଲାଙ୍କ ପାଠପଢିବା ପାଇଁ ଅଙ୍ଗନୱାଡି କେନ୍ଦ୍ର ସାତସପନ ହୋଇଛି। ରାସ୍ତା ଖରାପ ଥିବାରୁ ଜରୁରିକାଳୀନ ପରିସ୍ଥିତିରେ ରୋଗୀଙ୍କୁ ମେଡିକାଲ ନେବା ପାଇଁ ଗାଁକୁ ଆମ୍ବୁଲାନ୍ସ ଆସି ପାରୁନାହିଁ। ଗାଁରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଗର୍ଭବତୀଙ୍କୁ ଠିକ୍ ସମୟରେ ପୋଷଣଯୁକ୍ତ ଖାଦ୍ୟ ମିଳିପାରୁନାହିଁ। ସେହିପରି ଗାଁର କୋମଳମତି ଶିଶୁଙ୍କୁ ଗାଁଠାରୁ ୨ କି.ମି. ଦୂର ତାଣ୍ଡିକୋଣ୍ଡା ଗାଁରେ ଥିବା କେନ୍ଦ୍ରକୁ ଜଙ୍ଗଲିଆ ଓ ଖାଲଖମା ରାସ୍ତା ଦେଇ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରିବାକୁ ପଡୁଛି। ଦୀର୍ଘ ବର୍ଷ ଧରି ଏହି ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ସନ୍ଧ୍ୟା ହେଲେ ଗାଁ ଅନ୍ଧକାର। ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ହେଉଛି। ଏପରିକି ଗ୍ରାମବାସୀ ବାହ୍ୟଜଗତରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇଯାଉଛନ୍ତି। ଗାଁକୁ ବିଦ୍ୟୁତ୍ ସଂଯୋଗ ପାଇଁ ଗ୍ରାମବାସୀ ବହୁବାର ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ଏବଂ ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ଧାଇଁ ଧାଇଁ ନୟାନ୍ତହେବା ପରେ ଶେଷରେ ଗ୍ରାମବାସୀ ବିଧାୟକଙ୍କୁ ଭେଟି ଉପରୋକ୍ତ ସମସ୍ୟାଗୁଡିକର ତୁରନ୍ତ ସ୍ଥାୟୀ ସମାଧାନ କରିବାକୁ ଅନୁରୋଧ କରିଛନ୍ତି। ଗ୍ରାମର ଦେବା ସୋଡି, ମୁକା ମାଡ଼କାମୀ, ପଦିଆ ମାଡ଼କାମୀ, ପଦିଆ ସୋଡି,ଅଡିଆ ମାଡ଼କାମୀ, ସନିଆ ପଡିୟାମୀଙ୍କ ସମେତ ଗ୍ରାମବାସୀ ବିଧାୟକ ମଙ୍ଗୁଙ୍କ ନିକଟରେ ନିବେଦନ କରିଛନ୍ତି।

## ମାଓବାଦୀ ଡମ୍ପରୁ ୮୨ ବିଜିଏଲ୍ ଜବତ

ମାଲକାନଗିରି,୧୯।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ନାରାୟଣପୁର ଜିଲାରେ ଯବାନମାନେ କୋମ୍ବିଂ ଅପରେଶନ କରିବା ସମୟରେ ଏକ ମାଓବାଦୀ ଡମ୍ପ ଜବତ କରିଛନ୍ତି। ନାରାୟଣପୁର ଜିଲା ଆବୁଝମାଡ ଜଙ୍ଗଲ ଅନ୍ତର୍ଗତ ଆଦିଙ୍ଗପାର, କୁମେରାଦି ଅଞ୍ଚଳରେ ସୁରକ୍ଷା କର୍ମୀ କୋମ୍ବିଂ ଅପରେଶନ କରୁଥିବା ସମୟରେ ଜଙ୍ଗଲ ମଧ୍ୟରେ ଗୋଟିଏ ସ୍ଥାନରେ ଲୁଚାଇ ରଖିଥିବା ଏକ ମାଓବାଦୀ ଡମ୍ପ ଠାବ କରିଥିଲେ। ଉକ୍ତ ଡମ୍ପକୁ ଜବତ କରିବା ସହ ସେଥିମଧ୍ୟରୁ ୮୨ଟି ବିଜିଏଲ (ବେରଲ ଗ୍ରେନେଟ ଲଞ୍ଚର) ଜବତ କରିଛନ୍ତି। ତେବେ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି ମାଓବାଦୀମାନେ ଏହି ବିଜିଏଲଗୁଡିକ ଲୁଚାଇ ରଖିଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ଗାଡ଼ି ଧକ୍କାରେ ହେଟାବାଘ ମୃତ

### ଲାଞ୍ଜ, ଗୋଡ଼, ନଖ କାଟିନେଲେ ଦୁର୍ବୃତ୍ତ

କାଳିମେଳା, ୧୯।୧ (ଜୀବନ କୃଷ୍ଣ ଦାସ)


ରାସ୍ତାକଡ଼ରେ ପଡ଼ିଥିବା ମୃତ ହେଟାବାଘ।

ମାଲକାନଗିରି ଜିଲା କାଳିମେଳା ରେଞ୍ଜ ଅଧୀନ ତଥା କାଳିମେଳା-ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର ଏମ୍‌ଭି ୭୨ ନିକଟସ୍ଥ ଶାନ୍ତିନଗରଠାରେ ସୋମବାର ଭୋର ସମୟରେ ଗୋଟିଏ ହେଟାବାଘର ମୃତଦେହ ଜବତ କରାଯାଇଛି। ଏକ ବଡ ଗାଡ଼ି ଧକ୍କାରେ ହେଟାବାଘର ମୃତ୍ୟୁ ହୋଇଥିବା ଜଣାପଡିଛି। ତେବେ ଦୁର୍ବୃତ୍ତମାନେ ମୃତ ହେଟାବାଘର ଗୋଟିଏ ଗୋଡ଼, ଲାଞ୍ଜ ଏବଂ ନଖ କାଟି ନେଇଯାଇଥିବା ଦେଖିବାକୁ ମିଳିଛି। ଖବରପାଇ କାଳିମେଳା ରେଞ୍ଜର ବିଜୟ କୁମାର ନାୟକ, ଫରେଷ୍ଟର ମୃତ୍ୟୁଞ୍ଜୟ ସେଠୀ ଏବଂ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କାଳିମେଳା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଜବତ ହେଟାବାଘର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହା ଏକ ଅଣ୍ଡିରା ବାଘ ହୋଇଥିବା ବେଳେ ଏହାର ବୟସ ପ୍ରାୟ ୫ ବର୍ଷ ଏବଂ ଉଚ୍ଚତା ସାଢ଼େ ୩ଫୁଟ ବୋଲି କାଳିମେଳା ରେଞ୍ଜର ନାୟକ କହିଛନ୍ତି। ବ୍ୟବଚ୍ଛେଦ ପରେ ହେଟାକୁ ନେଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପୋତି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଭାଜପାରେ ମିଶିଲେ ୨୦ରୁ ଊର୍ଦ୍ଧ୍ୱ ଆଇନଜୀବୀ, ସମାଜସେବୀ

ମାଲକାନଗିରି,୧୯।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଜିଲା ଭାଜପାର ଏକ ମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଅଂଶଗ୍ରହଣ କରିଥିବା ବେଳେ ଜିଲା ଭାଜପା ସଭାପତି ଅଶୋକ ପରିଡାଙ୍କ ସହ ଅନ୍ୟ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ମିଶ୍ରଣ ପର୍ବରେ ୨୦ରୁ ଊର୍ଦ୍ଧ୍ୱ ଆଇନଜୀବୀ, ସମାଜସେବୀ ଦଳରେ ସାମିଲ ହୋଇଥିଲେ। ଭାଜପା ଜିଲା ସଭାପତି ଓ ଏମ୍‌ପି ନୂତନ ଭାବେ ଦଳରେ ସାମିଲ ହୋଇଥିବା ସଦସ୍ୟଙ୍କୁ ଦଳୀୟ ଟୋପି ଓ ଉପଢୌକନ ଦେଇ ସ୍ୱାଗତ ଜଣାଇଥିଲେ। ଆଗାମୀ ଦିନରେ ଦଳକୁ ମଜବୁତ କରିବାକୁ ଚେଷ୍ଟା ଜାରି ରଖିବୁ ବୋଲି ନୂତନ ସଦସ୍ୟମାନେ କହିଛନ୍ତି।

## ଉରୁବାଲି ଯୁକ୍ତ ୨ ବିଦ୍ୟାଳୟକୁ ଲକ୍ଷ୍ମୀବସ୍ ଚଳାଚଳ ଦାବି


ଦାବିପତ୍ର ଦେବାକୁ ଆସିଥିବା ଛାତ୍ରୀମାନେ।

କାଳିମେଳା/ଏମ୍.ଭି-୭୯ ,୧୯।୧ (ଜୀବନ କୃଷ୍ଣ ଦାସ/ଆଶିଷ ବାଇନ)

ମାଲକାନଗିରି ଜିଲା କାଳିମେଳା ବ୍ଲକ ପୁସୁଗୁଡା ପଞ୍ଚାୟତର ଉରୁବଲି ଯୁକ୍ତ ୨ ବିଦ୍ୟାଳୟକୁ ପୁନର୍ବାର ଲକ୍ଷ୍ମୀ ବସ୍ ଚଳାଚଳ କରିବା ପାଇଁ ଛାତ୍ରୀଛାତ୍ର ଦାବି କରିଛନ୍ତି। ଏ ନେଇ ଛାତ୍ରୀଛାତ୍ର ସୋମବାର କାଳିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କରଙ୍କୁ ଭେଟି ବସ୍ ଚାଲୁ କରିବା ପାଇଁ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ପୂର୍ବରୁ ଏଠାରେ ବସ୍ ଚାଲୁଥିଲା, ହେଲେ ଏବେ ତାହା ବନ୍ଦ ହୋଇଯାଇଛି। ବିଦ୍ୟାଳୟକୁ କାଳିମେଳାଠାରୁ ଆରମ୍ଭକରି ମୋଟୁ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରୁ ଶତାଧିକ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି। ବସ୍ ଚଳାଚଳ ବନ୍ଦହେବା ଯୋଗୁ ଉରୁବଲି ଯୁକ୍ତ ୨ ବିଦ୍ୟାଳୟକୁ ଦୈନିକ ଯାତାୟାତ ପାଇଁ ପିଲାଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗାଡି ସୁବିଧା ନ ଥିବାରୁ ଅଧା ଦିନ ବିଦ୍ୟାଳୟକୁ ଯାଇପାରୁ ନାହାନ୍ତି। ଏଥିସହ ଯେବେ ଯାଉଛୁ କ୍ଲାସ୍ ଆରମ୍ଭ ହେବାର ୨ଘଣ୍ଟା ପରେ ଆମକୁ ପହଞ୍ଚିବାକୁ ପଡୁଛି। ସେଥିପାଇଁ ଆମ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏଥିସହ ଅନ୍ୟାନ୍ୟ ଗାଡିରେ ଗଲେ ଯିବା ଆସିବାରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଆଗକୁ ଯୁକ୍ତ ୨ ବାର୍ଷିକ ପରୀକ୍ଷା ହେବାକୁ ଥିବାରୁ ଯଥାଶୀଘ୍ର ଲକ୍ଷ୍ମୀ ବସ୍ ଚଳାଚଳ ପାଇଁ ଛାତ୍ରୀଛାତ୍ର ଦାବି କରିଛନ୍ତି। ଏ ନେଇ ପଦକ୍ଷେପ ନେବେ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ କର ପିଲାମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ମାଥିଲିରେ ୯୮ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

ମାଲକାନଗିରି,୧୯।୧ (ଦୁର୍ଯ୍ୟୋଧନ ପାତ୍ର)


ଅଭିଯୋଗ ଶୁଣାଣି ଶିବିରରେ ଲୋକଙ୍କ ଭିଡ଼।

ମାଲକାନଗିରି ଜିଲା ମାଥିଲି ବ୍ଲକ କର୍ତନପାଲ୍ଲୀ ସଦର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଶ୍ମିରଞ୍ଜନ ସେନାପତିଙ୍କ ଉପସ୍ଥିତିରେ ମୋଟ ୯୮ଟି ଅଭିଯୋଗର ଶୁଣାଣି ହୋଇଥିଲା। ତନ୍ମଧ୍ୟରୁ ୨୨ଟି ବ୍ୟକ୍ତିଗତ ଓ ୭୬ଟି ଗ୍ରାମ ସମସ୍ୟା ରହିଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଯୋଜନାର ସେବା ଯୋଗାଇ ଦେବାପାଇଁ ଶିବିରରେ କ୍ୟାମ୍ପ ସ୍ଥାପନ କରାଯାଇଥିଲା। ଅଭିଯୋଗ ଶୁଣାଣି ପରେ ସମସ୍ତ ଅଧିକାରୀ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନଭୋଜନର ମାନ ପରଖିଛନ୍ତି। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲାସ୍ତରୀୟ ଅଧିକାରୀ, ମାଥିଲି ବିଡିଓ ଓ ତହସିଲଦାର ଉପସ୍ଥିତ ଥିଲେ।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

ମାଲକାନଗିରି,୧୯।୧(ସୁଚିତ୍ରା ଦାସ)

ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତ ତିରୁପତି ବିଶ୍ୱାସଙ୍କୁ ମାଲକାନଗିରି ପୋକ୍ସୋ ଅଦାଲତ ୨୦ ବର୍ଷ ଜେଲ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ପୋକ୍ସୋ ଅଦାଲତର ବିଚାରପତି ଶାନ୍ତନୁ କୁମାର ଦାଶ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏହି ରାୟ ଶୁଣାଇଛନ୍ତି। ଏଥିସହ କ୍ଷତିପୂରଣ ବାବଦକୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ମେଡିକାଲ ଚିକିତ୍ସାର ଭରଣା ପାଇଁ ଆଉ ୫୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତ ତିରୁପତି ବିଶ୍ୱାସ ତାଙ୍କର ୧୩ ବର୍ଷର ଝିଅାରୀଙ୍କୁ ବୁଲେଇ ନେବା ଆଳରେ ଗତ ୨୫।୫।୨୩ରେ ବଳାତ୍କାର କରିଥିଲେ। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଉକ୍ତ ମାମଲାକୁ ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଓକିଲ ସ୍ୱତନ୍ତ୍ର ପୋସ୍କୋ ଏସ୍ ମହେଶ୍ୱର ପରିଚାଳନା କରିଥିଲେ।

## ଜଗନ୍ନାଥ ସାଗରରେ ୧୩ ପ୍ରଜାତିର ପକ୍ଷୀ ଚିହ୍ନଟ

ଜୟପୁର,୧୯।୧(ପବନ ପାଣିଗ୍ରାହୀ)

ଜୟପୁର ବନଖଣ୍ଡରେ ପକ୍ଷୀ ଗଣନା କରାଯାଇ ଜଗନ୍ନାଥ ସାଗରରେ ୧୩ ପ୍ରଜାତିର ପକ୍ଷୀ ଚିହ୍ନଟ କରାଯାଇଛି। ଜୟପୁର ବନାଞ୍ଚଳ ଅଧୀନ ୬ଟି ରେଞ୍ଜର ୨୭ ଜଳାଶୟରେ ପକ୍ଷୀ ଚିହ୍ନଟ ହୋଇଛନ୍ତି। ଜୟପୁର ରେଞ୍ଜର ଦେବେନ୍ଦ୍ର ମାଝିଙ୍କ ସହ ସର୍ଭେ ଦଳ ଜୟନଗର ଜଙ୍ଗଲ ଜଗନ୍ନାଥ ସାଗର ଜଳାଶୟରେ ବିଭିନ୍ନ ପ୍ରଜାତିର ପକ୍ଷୀ ଚିହ୍ନଟ କରିଛନ୍ତି। ଏସିସିଏଫ ଡ.ଅମିତ ପ୍ରକାଶ ନାୟକଙ୍କ ନେତୃତ୍ୱରେ ଜୟନଗର ଫରେଷ୍ଟର ଗୌତମ ସ୍ୱାଇଁ, ବନ ରକ୍ଷକ ଜଗନ୍ନାଥ ସାହୁ ଓ ବନ କର୍ମଚାରୀ ଉପସ୍ଥିତ ଥିଲେ।

## ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକ ଉତ୍ସବ


ମୁଖ୍ୟ ଅତିଥିଙ୍କଠାରୁ ଜଣେ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଡାବୁଗାଁ,୧୯।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକ ଉତ୍ସବ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ସୋମବାର ପାଳିତ ହୋଇଛି। ମୁଖ୍ୟ ଅତିଥିଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ରାଷ୍ଟ୍ର ଗୀତ, ରାଷ୍ଟ୍ର ଭକ୍ତି ଉପରେ ମତ ଦେଇଥିଲେ। ଏଥିରେ ଅନ୍ୟ ଅତିଥିଭାବେ ଜିଲାପରିଷଦ ସଭ୍ୟ ଧନସିଂ ଭତ୍ରା, ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ, ବୋରୀଗାଁ ମଣ୍ଡଳ ସଭାପତି ଜଗଦୀଶ ଭତ୍ରା, ରାଜ୍ୟସଭା ସଦସ୍ୟଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ବିଡିଓ ସମୀର କୁମାର ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମାଝି, ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଓ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ ମାନେ ଉପସ୍ଥିତ ଥିଲେ। ଅମୂଲ୍ୟ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓମଫେଡ୍ କ୍ଷୀର ଗାଡ଼ି ଜବତ


ଜବତ ଓମ୍‌ଫେଡ୍ ଗାଡି।

ମାଲକାନଗିରି,୧୯।୧ (ଦୁର୍ଯ୍ୟୋଧନ ପାତ୍ର)

କୋରାପୁଟ ଜୟପୁରରୁ ଦୈନିକ ୬୦୦ ଲିଟର କ୍ଷୀର ସହ ଦହି, ଛେନା ଧରି ମାଲକାନଗିରି ଆସୁଥିବା ଓମଫେଡ୍ ଗାଡିକୁ ସୋମବାର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଜବତ କରାଯାଇଛି। ତେବେ ବାସ୍ତବ କ୍ଷେତ୍ରରେ ଏହି ଓମ୍‌ଫେଡ ଗାଡି କ୍ଷୀର, ଦହି, ଛେନା ପ୍ରଭୃତି ସର୍ବନିମ୍ନ ୫ ଡିଗ୍ରୀ ତାପମାତ୍ରା ରହିଥିବା ଦୁଗ୍ଧ ଶୀତଳ ଗାଡି ପରିବହନ କରିବା ନିୟମ ଥିବାବେଳେ ବର୍ଷବର୍ଷ ଧରି ବିନା ତାପରୁଦ୍ଧ ଗାଡିରେ ଓମଫେଡ୍ ଉତ୍ପାଦନ ସାମଗ୍ରୀକୁ ବଣ୍ଟନ କରୁଥିବା ନେଇ ଅଭିଯୋଗ ହେବାପରେ ବିଭାଗ ପକ୍ଷରୁ ଚଢାଉ କରାଯାଇ ଗାଡିକୁ ଥାନାର ଜିମା ଦିଆଯାଇଛି। ଶୁଶିଳା ପଣ୍ଡା ନାମକ ଜଣେ ମହିଳା ଏହି ଓମଫେଡ୍ ବିତରକ ଥିବା ବେଳେ ଡ୍ରାଇଭର ଲାଇସେନ୍ସ ମଧ୍ୟ ବୈଧ ନ ଥିବା ଜଣାପଡିଛି। ତେବେ ଦୀର୍ଘ ବର୍ଷ ହେଲା ଏଭଳି ବିନା ଶୀତତାପ ନିୟନ୍ତ୍ରଣ ବିହିନ ଗାଡିରେ କ୍ଷୀର ପରିବହନ ହେଉଥିବାବେଳେ ଏହି କ୍ଷୀର ଏବଂ କ୍ଷୀରଜାତ ଦ୍ରବ୍ୟଗୁଡିକ ବହୁଦିନ ରହି ନ ପାରି ତୁରନ୍ତ ନଷ୍ଟ ହୋଇଯାଉଥିବା ନେଇ ଅଭିଯୋଗ ପରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆଗାମୀ ଦିନରେ ଓମଫେଡ୍ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଦିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି।


**ନିରୁଦ୍ଦିଷ୍ଟ**

ପ୍ରାଚୀ ରିସୋର୍ଟସ ପ୍ରାଇଭେଟ୍ ଲିମିଟେଡ୍, ୬, ଜନପଥ, ଭୁବନେଶ୍ୱର ସର୍ବସାଧାରଣଙ୍କ ଅବଗତି ପାଇଁ ଜଣାଉଛି ଯେ ଆମର ନିମ୍ନଲିଖିତ ଜମିର ମୂଳ କବଲା ଉଇ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେଇଛି। କବଲା ସଂଖ୍ୟା-୪୯୨୯ ଏବଂ ୪୯୩୦, ତା-୨୭/୦୫/୧୯୭୨, ପ୍ଲଟ୍ ନଂ- ୬, ୭, ୧୮ ଏବଂ ୧୯, ରାଜସ୍ୱ ପ୍ଲଟ୍ ନଂ - ୩୮୦, ଖାତା ନଂ - ୨୯୮, କ୍ଷେତ୍ର - ୨.୩୩ ଏକର, ମୌଜା - ଖାରବେଳ ନଗର, ଭୁବନେଶ୍ୱର।

**TENDER**
**EXTERIOR AND INTERIOR PAINTING.**

The "Z1RWA for their 'Adavit Complex', Bhubaneswar 751024" invites application from Reputed "Paint Manufcturers only" who are engaged in "Turn Key Painting job" to express their EOI (Expression Of Interest) to Paint both the "Exterior and Interior" walls of the complex comprising of apx "13,00,000 ( Thirteen Lakh) Sq ft area."
For more details, PROCEDURES and Avalabilty of Tender Papers, please connect with: Help Desk Z1- "**helpdesk@z1rwa.com** OR **+91 81051 30275**" within seven days from the date of publishing this notice .

**ESTATE MANAGER**

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 27/2025-26**
**No : 55/Date 06.01.2026/**

**No.B-953** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.22.01.2026 at 05.00 P.M. to dt.07.02.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.09.02.2026 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.

OIPR- **Sd./- Superintending Engineer, Electrical Circle (R&B), Odisha, BBSR**

**Government of Odisha**
**Office of the Superintending Engineer**
**Rural Works Division-I, Nabarangpur**
e-mail - eerwngp@rediffmail.com
No.O-2086
Letter No. : 317 Date : 16.01.2026

**e-Procurement Notice**

Name of the work : Road Works, Total No. of works : 20 (Twenty) No's., Approx. Estimated Cost : Rs. 5.08 lakhs to Rs. 31.78 lakhs, Class of Contractor : "B", "C" & "D" Class Contractor, Period of completion : 1 (One) Calendar Month

| Procurement Officer | Bid Identification No. | No. of Works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | 5 | 6 | 7 |
| Rural Works Division-I, Nabarangpur | EERWNGP - Online-11/2025-26 | 20 (Twenty) No's | 22.01.2026 at 10.00 A.M. | 30.01.2026 up to 03.00 P.M. | 31.01.2026 at 11.00 A.M. | |

For details can be seen from the Government website www.tendersorissa.gov.in.
Sd./- Executive Engineer, Rural Works Division-I, Nabarangpur
OIPR-

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**
No.O-2058
email : se_nerwkjr@rediffmail.com
**eProcurement Notice for Road Works**
**Bid Identification No. NCB-39 / RWCKJR / 2025-26**
**No. 237 / Date : 15.01.2026**

1. Name of the Work : **S/R to roads in the District of Keonjhar for the year 2025-26.** 2. No. of Work : **02 (Two) Nos.** 3. Estimated Cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details :

| Procurement Officer | Bid Identification No. | Availability of Tender On-line for Bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-39 / RWCKJR / 2025-26 | Dt.22.01.26 at 11.00 A.M. | Dt.05.02.26 up to 5.00 P.M. | Dt.04.02.26 up to 5.00 P.M. | Dt.06.02.26 at 11.00 A.M. | Will be intimated later |

• **Further details can be seen from the website : www.tendersorissa.gov.in**
**Sd./- Chief Construction Engineer, R.W. Circle, Keonjhar**
OIPR-

**DISTRICT PROJECT OFFICE**
**SAMAGRA SHIKSHA, SUNDARGARH, ODISHA**
In front of B.S. High School, At/PO/Dist - Sundargarh, PIN - 770001
Email - dpcsndgssa.opepa@nic.in Phone No. - 06622-273718
**Letter No.162/PDG/Date : 19.01.2026**

**NOTICE INVITING TENDER (NIT)**

Sealed tenders are invited from the reputed & credible printers/firms/agencies for printing & supply of "Question cum Answer Sheet, Answer key & Oral questions" for SA-II 2025-26 for Class-I to IV & Cl-VI & VII and Annual examination of V & VIII for General Students MLE students, Hindi/Urdu (Persian) medium students for the year 2025-26 of all Govt. & Govt. Aided Schools of Sundargarh district in two systems (Technical & Financial Bid) through Speed Post/Registered Post/Courier only as detailed below.

| Name of Tender | Bid processing fees | Amount of EMD | Last Date & time of receipt of Bid | Date & Time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2025-26 for Class-I to IV & VI & VII Annual Examination of V & VIII Students | Rs.2000/- | Rs.55000/- | 29.01.2026 (Upto 5.00 P.M.) | 30.01.2026 at 11.00 A.M. |

The detailed BID document is available in the website www.sundargarh.odisha.gov.in & www.osepa.odisha.gov.in. Intersted and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.
By the Order of Collector-cum-Chairperson, Sundargarh
**Sd./-DEO-cum-DPC, SS Sundargarh**

**वरीय पुलिस अधीक्षक का कार्यालय, राँची**
**सर्वसाधारण के लिए सूचना**



नाम–सुभम कुमार पाण्डे, उम्र–26 वर्ष, उँचाई–5 फीट, 6 ईंच, रंग–सॉवला, पहनावा–कथा रंग का फुल शर्ट एवं काला रंग का पैंट पहने हुए है।
उपरोक्त लापता व्यक्ति सुभम कुमार पाण्डे, उम्र–26 वर्ष, पिता–सुलखन लोहरा, सा0–मण्डाटाड मोराबादी, बरियातु, जिला–राँची जो दिनांक–24.12.2025 को अपने घर से बगैर बताए कहीं चले गए जो आजतक अपने घर वापस नहीं आए है। जिसके संबंध में बरियातु थाना सनहा संख्या–21/2025, दिनांक–24.12.2025 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें। **Email ID(rnc-dcb@jhpolice.gov.in)**
पुलिस उपाधीक्षक, सदर, राँची। –9431102090
थाना प्रभारी, बरियातु, राँची। –9431706170
वरीय पुलिस अधीक्षक, राँची
**PR 371052 Police(25-26)#D**

**वरीय पुलिस अधीक्षक का कार्यालय, राँची**
**सर्वसाधारण के लिए सूचना**



नाम–सरस्वती लोहार, उम्र–19 वर्ष, उँचाई–5 फीट, 2 ईंच, रंग–सॉवला, पहनावा–बैंगनी रंग का सूट, भूरा रंग का पायजामा एवं भूरा रंग का स्वेटर पहनी हुई है।
उपरोक्त लापता महिला सरस्वती लोहार, पिता–विजय लोहार, वर्तमान पता–चन्दवे, थाना–पिठौरिया, जिला–राँची, स्थाई पता–हेसला करमाडीह, थाना–झालदा, जिला–पुरूलिया (पं0बंगाल) जो दिनांक–05.01.2025 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में पिठौरिया थाना सनहा संख्या–27/2026, दिनांक–07.01.2026 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
**Email ID(rnc-dcb@jhpolice.gov.in)**
पुलिस उपाधीक्षक, मु0, प्रथम, राँची। –9431742777
थाना प्रभारी, पिठौरिया, राँची। –9431706157
वरीय पुलिस अधीक्षक, राँची
**PR 371060 Police(25-26)#D**

# ୫ ବର୍ଷରେ ୪୭ରୁ ଅଧିକ ବଡ଼ ବ୍ୟାଙ୍କ ଡକାୟତି

**ଖଣି, ଶିଳ୍ପାନୁଷ୍ଠାନ ଅଞ୍ଚଳରେ ଥିବା ବ୍ୟାଙ୍କ ଉପରେ ଡକାୟତଙ୍କ ନଜର**

- ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଥିବା ବ୍ୟାଙ୍କରୁ ଅଧିକ ଲୁଟ୍
- ସବୁ ବ୍ୟାଙ୍କରେ ସୁରକ୍ଷା ବଢ଼ାଇବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ: ଡିଜିପି
- ସୁରକ୍ଷା ଢିଲା ଥିଲେ ଏସପିଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୯।୧(ତ୍ରିନାଥ ମହାନ୍ତି)



ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ଡକାୟତି ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

କେନ୍ଦୁଝର ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ସୋମବାର ଡକାୟତମାନେ ସାଢ଼େ ୭କୋଟି ଟଙ୍କାର ସୁନାଗହଣା ଏବଂ ୪.୩୪ଲକ୍ଷ ଟଙ୍କାର ନଗଦ ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣା ପରେ ରାଜ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ଲୁଟି ନେଇଥିବା ୬ ଡକାୟତ ଯେପରି ରାଜ୍ୟ ବାହାରକୁ ଯାଇ ନ ପାରିବେ, କେନ୍ଦୁଝର ଏବଂ ଅନ୍ୟ ସହରରେ ସିଲ୍ କରାଯାଇଛି। ଏହି ଡକାୟତି ପଛରେ ସ୍ଥାନୀୟ କେତେଜଣ ଅପରାଧୀ ଏବଂ ଆନ୍ତଃରାଜ୍ୟ ଅପରାଧୀ ଥିବା ପୋଲିସ ଜାଣିବାକୁ ପାଇଛି। ଏହି ବ୍ୟାଙ୍କ୍ ଲୁଟ୍ ଓଡ଼ିଶାରେ ପ୍ରଥମ ନୁହେଁ। ବିଗତ ୫ବର୍ଷରେ ୪୭ରୁ ଅଧିକ ବ୍ୟାଙ୍କ୍ ଲୁଟ୍ ହୋଇଥିବା ପୋଲିସ ନିକଟରୁ ସୂଚନା ମିଳିଛି। କେବଳ ବ୍ୟାଙ୍କ୍ ଲୁଟ୍ ନୁହେଁ, ୫ ବର୍ଷରେ ୭୯ ଏଟିଏମ୍ ମଧ୍ୟ ଲୁଟ୍ ହୋଇଥିବା ଜଣାପଡ଼ିଛି।

୨୦୨୫ ଜୁଲାଇ ୪ରେ ନୟାଗଡ଼ ଜିଲା ରାଜପାଟଣା ଇଣ୍ଡିଆନ୍ ବ୍ୟାଙ୍କ୍‌ରୁ ୨୭ ଲକ୍ଷ ଟଙ୍କା ଡକାୟତି ହୋଇଥିଲା। ସେହିପରି ୨୦୨୫ ଜୁନ ୧୧ରେ ଭଦ୍ରକ ତିହିଡ଼ି ମାର୍କେଟରେ ଥିବା ଏକ ବ୍ୟାଙ୍କ୍‌ରୁ ଡକାୟତି ହୋଇଥିଲା। ଦୁଇ ଅଭିଯୁକ୍ତ ବ୍ୟାଙ୍କ୍ ଭିତରକୁ ଗ୍ରାହକ ହୋଇ ଯାଇଥିଲେ। ବ୍ୟାଙ୍କ୍ ମ୍ୟାନେଜରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୧୦ଲକ୍ଷ ଟଙ୍କା ଲୁଟ୍‌ପାଟ କରି ନେଇଥିଲେ। ୨୦୨୫ ଡିସେମ୍ବର ୨୩ରେ ବାଲେଶ୍ୱର ବାଲିଆପାଳ ୟୁକୋ ବ୍ୟାଙ୍କ୍‌ରୁ ଲୁଟ୍‌ପାଟ ହୋଇଥିଲା। ରାତିରେ ବ୍ୟାଙ୍କ୍‌ର ଗ୍ରିଲ୍ କାଟି ସୁନାଗହଣା ଏବଂ ଟଙ୍କା ଲୁଟ୍‌ପାଟ ହୋଇଥିଲା। ୨୦୨୩ ଏପ୍ରିଲ ୨୬ରେ ବାଲେଶ୍ୱର ଚନ୍ଦନେଶ୍ୱର ୟୁନିୟନ୍ ବ୍ୟାଙ୍କ୍‌ରୁ ୪୯ ଲକ୍ଷ ଲୁଟ୍‌ପାଟ ହୋଇଥିଲା। ଦୁର୍ବୃତ୍ତମାନେ ବ୍ୟାଙ୍କ୍ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୪୯ ଲକ୍ଷ ଟଙ୍କା ଏବଂ ୮୫୪ ଗ୍ରାମର ସୁନାଗହଣା ଲୁଟି ନେଇଥିଲେ। ସେହିପରି ୨୦୨୨ରେ ଢେଙ୍କାନାଳ ରାସଲ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ଶାଖାରୁ ଲୁଟ୍‌ପାଟ ହୋଇଥିଲା। ୬ଜଣ ଅଭିଯୁକ୍ତ ବ୍ୟାଙ୍କ୍ ଭିତରକୁ ପଶି ବନ୍ଧୁକ ଦେଖାଇ ୭ କେଜି ସୁନାଗହଣା ଏବଂ ୧୬ ଲକ୍ଷରୁ ଅଧିକ ଟଙ୍କା ଲୁଟ୍‌ପାଟ ହୋଇଥିଲା। ସେହିପରି ୨୦୨୨ରେ କୋରାପୁଟ, ଲକ୍ଷ୍ମୀପୁର ଏସ୍‌ବିଆଇ ଶାଖାରୁ ସୁନାଗହଣା ଏବଂ ଟଙ୍କା ଲୁଟ୍‌ପାଟ ହୋଇଥିଲା। କିଛି ମାସ ତଳେ ଭୁବନେଶ୍ୱର ବରିମୁଣ୍ଡ ଅଞ୍ଚଳରେ ଥିବା ବିଓଆଇ ବ୍ୟାଙ୍କରେ ମଧ୍ୟ ଲୁଟ୍ ହୋଇଥିଲା। ଦୁଇ ଜଣ ଯୁବକ ବ୍ୟାଙ୍କରେ ପଶି ବନ୍ଧୁକ ଦେଖାଇ ୧୦ ଲକ୍ଷ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ।

ବ୍ୟାଙ୍କ୍‌କୁ ସୁରକ୍ଷିତ ଭାବି ଲୋକେ ଲକର ଏବଂ ଷ୍ଟ୍ରଙ୍ଗ୍‌ରୁମ୍‌ରେ ସୁନାଗହଣା ରଖୁଛନ୍ତି। ହେଲେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ସୁରକ୍ଷାରେ ଢିଲା କରୁଛନ୍ତି, ଯେଉଁଥିପାଇଁ ଗୋଟିଏ ପରେ ଗୋଟିଏ ଲୁଟ୍ ହେଉଛି। ଅଧିକାଂଶ ଲୁଟ୍ ଗ୍ରାମାଞ୍ଚଳର ବ୍ୟାଙ୍କ୍‌ରେ ହେଉଛି। ଆହୁରି ମଧ୍ୟ ଖଣି ଏବଂ ଶିଳ୍ପାଞ୍ଚଳରେ ଥିବା ବ୍ୟାଙ୍କରେ ଲୁଟ୍‌ପାଟ ହେଉଛି। ତେଣୁ ଏହିସବୁ ଅଞ୍ଚଳରେ ଥିବା ବ୍ୟାଙ୍କ୍‌ରେ ସୁରକ୍ଷା ବଢାଇବାକୁ ଡିଜିପି ଗୁରୁତ୍ୱ ଦେଇଛନ୍ତି। ସମସ୍ତ ବ୍ୟାଙ୍କକୁ ହାଇ ସିକ୍ୟୁରିଟି କ୍ୟାମେରା ଏବଂ ଆଲାର୍ମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ବ୍ୟାଙ୍କ୍ ସୁରକ୍ଷାରେ ଢିଲା କରିଥିବ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଡିଜିପି ସବୁ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଡିଜିପି ୱାଇ.ବି ଖୁରାନିଆ କହିଛନ୍ତି, ବଡ଼ବିଲରୁ ହୋଇଥିବା ଲୁଟ୍ ସମ୍ପର୍କରେ ଏସ୍‌ପିଙ୍କୁ ରିପୋର୍ଟ ମଗାଯାଇଛି। ବିଭିନ୍ନ ଜିଲାରେ ନାକାବନ୍ଦୀ କରାଯାଇ ଯାଞ୍ଚ କରାଯାଉଛି। ଅଭିଯୁକ୍ତ ଯେପରି ରାଜ୍ୟ ବାହାରକୁ ଯାଇପାରିବେ ନାହିଁ ତାହାର ବ୍ୟବସ୍ଥା ହୋଇଛି। ପୋଲିସ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରିବ। ଆହୁରି ମଧ୍ୟ ଖଣି ଏବଂ ଶିଳ୍ପାଞ୍ଚଳରେ ଥିବା ବ୍ୟାଙ୍କ୍‌ରେ ସୁରକ୍ଷା ବଢାଇବାକୁ ବ୍ୟାଙ୍କ୍‌କୁ କୁହାଯାଇଛି। ଖୁବ୍‌ଶୀଘ୍ର ବ୍ୟାଙ୍କ୍ ଅଧିକାରୀଙ୍କୁ ନେଇ ଏକ ବୈଠକ କରାଯାଇ ସୁରକ୍ଷା ବିଷୟରେ କଡ଼ା ନିର୍ଦ୍ଦେଶ ଦିଆଯିବ ବୋଲି ଡିଜିପି କହିଛନ୍ତି।

# ୩୦ ଗ୍ରାମ୍ ବ୍ରାଉନ୍‌ସୁଗାର, ୨୬ ଲକ୍ଷ ଟଙ୍କା ଜବତ



ଜବତ ହୋଇଥିବା ଟଙ୍କା ଗଣତି ପାଇଁ ମେଶିନ ନେଇ ପୋଲିସ ଅଧିକାରୀମାନେ ଯାଉଛନ୍ତି।

ଅନୁଗୋଳ,୧୯।୧(ଜ୍ୟୋତିରଞ୍ଜନ ସାହୁ)

- ଜଳେଶ୍ୱରରୁ ଆସୁଥିଲା, ଅନୁଗୋଳରେ ପ୍ୟାକିଂ ହେଉଥିଲା
- ଟଙ୍କା ଗଣିବାକୁ ମେଶିନ ମଗାଇଲା ପୋଲିସ
- ୩ ଜଣଙ୍କୁ ଅଟକ ରଖି ଚାଲିଛି ପଚରାଉଚରା

ଅନୁଗୋଳ ସହର ହାତୀଶାଳପଡ଼ା ଅଞ୍ଚଳର ଏକ ଭଡ଼ାଘରେ ଚାଲିଥିଲା ବ୍ରାଉନସୁଗାର କାରବାର। ଜଳେଶ୍ୱରରୁ ଆସୁଥିବା ଏହି ବେଆଇନ ନିଶା ସାମଗ୍ରୀକୁ ଉକ୍ତ ଭଡ଼ା ଘରେ ଛୋଟ ଛୋଟ ପୁଡ଼ିଆରେ ପ୍ୟାକିଂ କରାଯାଇ ଜିଲାର ବିଭିନ୍ନ ସ୍ଥାନକୁ ପଠାଯାଉଥିଲା। ଏଥିସହ ବିକ୍ରି ଟଙ୍କାକୁ ଉକ୍ତ ଭଡ଼ାଘରେ ଥାକମାରି ରଖାଯାଉଥିଲା। ଏହି ଖବର ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ହାତରେ ଲାଗିଥିଲା। ଏହାପରେ ସୋମବାର ଅନୁଗୋଳ ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ୩୦ ଗ୍ରାମ ବ୍ରାଉନସୁଗାର ସହ ୨୬ ଲକ୍ଷରୁ ଅଧିକ ଟଙ୍କା ଜବତ କରାଯାଇଥିଲା।

ହାତୀଶାଳପଡ଼ା ଅଞ୍ଚଳରେ ଥିବା ଏକ ଭଡ଼ା ଘର ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳ ପାଲଟିଥିବା ସ୍ୱତନ୍ତ୍ର ସ୍କ୍ୱାଡ୍ ପାଖରେ ଗୁପ୍ତ ସୂଚନା ଥିଲା। କିଛିଦିନ ଧରି ଉକ୍ତ ଘର ଉପରେ ନଜର ରଖାଯାଇଥିଲା। ଗୁପ୍ତ ସୂଚନାର ପ୍ରମାଣ ମିଳିବା ପରେ ପୋଲିସ ସହ ମିଶି ଚଢ଼ାଉ କରିଥିଲା ସ୍ପେଶାଲ ସ୍କ୍ୱାଡ୍। ଉକ୍ତ ଘର ଭିତରକୁ ପ୍ରବେଶ କରିବା ପରେ ପୋଲିସ ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଘରର ଭିନ୍ନ ଭିନ୍ନ କୋଣରେ ରଖାଯାଇଥିବା ବ୍ୟାଗ, ବକ୍ସ ଓ ଆଲମାରି ଭିତରୁ ବିପୁଳ ପରିମାଣର ନଗଦ ଟଙ୍କା ମିଳିଥିଲା। ଏତେ ପରିମାଣର ଟଙ୍କା ହାତରେ ଗଣିବା ସମ୍ଭବ ନ ହେବାରୁ ପୋଲିସକୁ ମେଶିନ ମଗାଇବାକୁ ପଡ଼ିଥିଲା। ଏଥିସହ ଉକ୍ତ ଘରେ ଥିବା ୩୦ ଗ୍ରାମ ବ୍ରାଉନ ସୁଗାର ମଧ୍ୟ ଜବତ କରାଯାଇଥିଲା। ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରୁ ଅନୁଗୋଳକୁ ଆସୁଥିବା ବ୍ରାଉନସୁଗାର ଏଠାରେ ରଖାଯାଇ ଛୋଟ ଛୋଟ ପ୍ୟାକେଟ କରାଯାଇ ଜିଲାର ବିଭିନ୍ନ ଅଞ୍ଚଳକୁ ପଠାଯାଉଥିଲା। ବସ୍ତି ଅଞ୍ଚଳ ହୋଇଥିବାରୁ ଏଠାକୁ ଅଜଣା ଲୋକଙ୍କ ଯାତାୟାତକୁ କହି ସନ୍ଦେହ କରୁ ନ ଥିଲେ। ଏପରି କି ପଡ଼ୋଶୀମାନେ ମଧ୍ୟ କିଛି ଜାଣିପାରୁ ନ ଥିଲେ। ପୋଲିସ ଏହି ମାମଲାରେ ସକାସିଙ୍ଗା ଅଞ୍ଚଳର ମାନସ ନାୟକ, ରାଜେଶ ସାହୁ ଓ କୁମଣ୍ଡ ଅଞ୍ଚଳର ରମେଶ ଚନ୍ଦ୍ର ସାହୁଙ୍କୁ ଅଟକ ରଖିଛି। ଏହି କାରବାରରେ ସମ୍ପୃକ୍ତ ୩ ଜଣଙ୍କ ଭୂମିକା, ଟଙ୍କାର ଉତ୍ସ, ବ୍ୟାଙ୍କିଂଲିଙ୍କ୍ ଓ ଚାଲାଣ ରୁଟ ନେଇ ସେମାନଙ୍କୁ ପଚରାଉଚରା କରାଯାଉଛି। ଏହି ନେଟ୍‌ୱର୍କରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଜାଣିବାକୁ ପୋଲିସ ଉଦ୍ୟମ କରୁଥିବା ବେଳେ ଟଙ୍କା ଗଣତି ସରିବା ପରେ ସମସ୍ତ ତଥ୍ୟ ପ୍ରକାଶ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# କମିଟ୍‌ମେଣ୍ଟ ପରେ ଜିଲା କୋର୍ଟକୁ ଗଲା ମାମଲା

ବ୍ରହ୍ମପୁର,୧୯।୧(ସୁବାସ ଚନ୍ଦ୍ର ପାଢ଼ୀ)

**ପୀତବାସ ପଣ୍ଡା ହତ୍ୟା ମାମଲା**

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ସୋମବାର ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ କମିଟ୍‌ମେଣ୍ଟ ହୋଇଛି। ୧୬ ଅଭିଯୁକ୍ତଙ୍କୁ ଆଭାସୀ (ଭିସି) ଜରିଆରେ କୋର୍ଟରେ ହାଜର କରାଯାଇଥିଲା। କମିଟମେଣ୍ଟ ପରେ ମାମଲାର ସମସ୍ତ ଫାଇଲ ବିଚାର ପାଇଁ ଜିଲା ଜଜ୍ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଆଗାମୀ ଦିନରେ ମାମଲାର ଚାର୍ଜଫ୍ରେମ ପରେ ବିଚାର ଆରମ୍ଭ ହେବ ବୋଲି ଜଣାପଡ଼ିଛି। ୨୦୨୫ ଅକ୍ଟୋବର ୬ ରାତିରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଭାଜପା ନେତା ପୀତବାସଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ବୈଦ୍ୟନାଥପୁର ଥାନା ପୋଲିସ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବର୍ତ୍ତମାନ ୧୫ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଥିବା ବେଳେ ପିଣ୍ଟୁ ଫୁଲବାଣୀ ଜେଲରେ ଅଛନ୍ତି।

# ଲିଜ୍‌ରେ କାର୍ ନେଇ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯।୧(ସତ୍ୟଜିତ ରାଉତ)

ଲିଜ୍‌ରେ କାର୍ ନେଇ ଠକେଇ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଅଞ୍ଚଳର ଚନ୍ଦନ ଓରଫ ତ୍ରିନାଥ ମହାରଣା (୨୬)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କଠାରୁ ଉକ୍ତ କାର୍ ଜବତ କରାଯାଇଛି।

ମିଳିଥିବା ସୂଚନାନୁସାରେ ଅଭିଯୋଗକାରୀ ବଟକୃଷ୍ଣ ସେନାପତି ପାଞ୍ଚବର୍ଷ ହେବ ସମେଇଗାଡ଼ିଆ ଅଞ୍ଚଳରେ ରହୁଛନ୍ତି। ସେଠାରେ ତ୍ରିନାଥଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ବଟକୃଷ୍ଣଙ୍କ କାର୍‌କୁ ଛଅ ମାସ ଲାଗି ତ୍ରିନାଥ ଲିଜ୍‌ରେ ନେଇଥିଲେ। ଚୁକ୍ତି ଅନୁଯାୟୀ ତ୍ରିନାଥ ପ୍ରଥମ ଦୁଇ ମାସର ଅଗ୍ରିମ ବାବଦକୁ ୩୬ ହଜାର ଟଙ୍କା ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ଦେବାକୁ ଥିବା କିସ୍ତି ଆଉ ପରେ ଦେଇ ନ ଥିଲେ। ତେବେ ଲିଜ୍‌ରେ ଦେଇଥିବା କାର୍‌ଟିକୁ କ୍ଷତିଗ୍ରସ୍ତ ଅବସ୍ଥାରେ ଫୁଲବାଣୀର ଏକ ଗ୍ୟାରେଜରେ ପଡ଼ିଥିବା ବଟକୃଷ୍ଣ ଜାଣିବାକୁ ପାଇଥିଲେ। ଏପରି କି ତ୍ରିନାଥ କିଛି ଟଙ୍କା ନେଇ ଉକ୍ତ କାର୍‌କୁ ଅନ୍ୟ ଜଣଙ୍କୁ ଦେଇଥିବା ଜଣାପଡ଼ିଥିଲା। ଘଟଣା ସମ୍ପର୍କରେ ଆଲୋଚନା ପାଇଁ ତ୍ରିନାଥଙ୍କୁ ଘରକୁ ଡାକି ବଟକୃଷ୍ଣ ପଚରାଉଚରା କରିବାବେଳେ ସେ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗକ୍ରମେ ମଞ୍ଚେଶ୍ୱର ଥାନା ସେପ୍ଟେମ୍ବର ୨୫ରେ ମାମଲା (ନଂ.୬୧୧/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ଅନୁଗୋଳ/ଛେଣ୍ଡିପଦା,୧୯।୧
(ଜ୍ୟୋତିରଞ୍ଜନ ସାହୁ/ ଅଜିତ ଧଳ)



ଏକ ହତ୍ୟା ମାମଲାର ବିଚାରକରି ଅନୁଗୋଳ ଜିଲା ଦୌରାଜଜ୍ ଦାମୋଦର ରଥ ସୋମବାର ଅଭିଯୁକ୍ତ ଛେଣ୍ଡିପଦା ଥାନା ଟାଙ୍ଗୁଡ଼ିଆ ଗ୍ରାମର ଚତୁର୍ଭୁଜ ମାଝୀ (୪୫)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ମାମଲାରୁ ପ୍ରକାଶ, ୨୦୨୪ ନଭେମ୍ବରରେ କାଳୀପୂଜା ମଣ୍ଡପକୁ ନେଇ ଟାଙ୍ଗୁଡ଼ିଆ ଗ୍ରାମର ଅଭିଯୁକ୍ତ ଚତୁର୍ଭୁଜଙ୍କ ସହ ଚିକୁନ ମାଝୀ (୨୪)ଙ୍କ ବଚସା ହୋଇଥିଲା। ସନ୍ଧ୍ୟାବେଳେ କାଳୀପୂଜା ଭସାଣି ପାଇଁ ସାଜସଜ୍ଜା ସାରି ଘରକୁ ଯାଉଥିବା ସମୟରେ ଅଭିଯୁକ୍ତ ଚତୁର୍ଭୁଜ ଏକ କତୁରିରେ ଚିକୁନଙ୍କୁ ହାଣି ଦେଇଥିଲେ। ଏହି ମାମଲାରେ ୧୪ଜଣ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

## Business

# ରୁପା କେଜି ୩ଲକ୍ଷ

**ସୁନା ଭରି ୧ଲକ୍ଷ ୪୮ହଜାର ଟପିଲା**

ଭୁବନେଶ୍ୱର,୧୯।୧
(ଅନୁରାଧା ମହାରଣା)



ଗ୍ରୀନ୍‌ଲାଣ୍ଡକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁରୋପୀୟ ସଂଘ ମଧ୍ୟରେ ବୃଦ୍ଧି ପାଉଥିବା ଶୁଳ୍କ ଯୁଦ୍ଧ ଯୋଗୁ ସୋମବାର ସୁନା ଓ ରୁପା ମୂଲ୍ୟ ସର୍ବକାଳୀନ ସ୍ତରରେ ପହଞ୍ଚିଛି। ରୁପା ଦର କିଲୋଗ୍ରାମ ପ୍ରତି ୧୦,୦୦୦ ଟଙ୍କା ବୃଦ୍ଧି ପାଇ ୩,୦୨,୬୦୦ରେ ପହଞ୍ଚିଛି। ସେହିପରି ସୁନା ମଧ୍ୟ ୧,୯୦୦ ଟଙ୍କା ବୃଦ୍ଧି ପାଇବାରୁ ପ୍ରତି ୧୦ ଗ୍ରାମ(ଭରି) ମୂଲ୍ୟ ୧,୪୮,୧୦୦ ଟଙ୍କା ସହ ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି।

ବିଶେଷଜ୍ଞଙ୍କ ମତାନୁସାରେ, ଘରୋଇ ଏବଂ ବିଶ୍ୱ ବଜାରରେ ପ୍ରବଳ ଚାହିଦା ଯୋଗୁ ରୁପା ମୂଲ୍ୟରେ ତୀବ୍ର ବୃଦ୍ଧି ହୋଇଛି। ରୁପା ୨୦୨୫ ମସିହାର ଗତି ବଜାୟ ରଖିବା ସହ ପ୍ରାୟ ୩୦% ରିଟର୍ନ ପ୍ରଦାନ କରୁଛି। ଗତ ଡିସେମ୍ବରରେ ଏହାର ମୂଲ୍ୟ ପ୍ରତି କିଲୋଗ୍ରାମ ୨,୩୫,୭୦୧ ଟଙ୍କା ରହିଥିଲା। ଚଳିତ ମାସର ଗତ ସପ୍ତାହରେ ରୁପା ଫ୍ୟୁଚର୍ସ ପ୍ରାୟ ୧୪% ବୃଦ୍ଧି ପାଇଥିଲା। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ମାର୍ଚ୍ଚ ମାସରେ ଡେଲିଭରି ପାଇଁ ରୁପା ଫ୍ୟୁଚର୍ସ ପ୍ରାୟ ୬% ବୃଦ୍ଧି ପାଇ ଏବେ ପ୍ରତି କିଲୋଗ୍ରାମ ୩,୦୬,୩୬୭ରେ ପହଞ୍ଚିଛି।

ସେହିପରି ସୁନା ଫ୍ୟୁଚର୍ସରେ ମଧ୍ୟ ପ୍ରବଳ ବୃଦ୍ଧି ଦେଖିବାକୁ ମିଳିଛି।ଗତ ସପ୍ତାହରେ ସୁନା ମୂଲ୍ୟରେ ୨.୭% ବୃଦ୍ଧି ପାଇଛି। ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ପଛରେ ବିଶ୍ୱ କାରକ ରହିଛି। ମୂଲ୍ୟବାନ୍ ଧାତୁର ଚାହିଦା ବୃଦ୍ଧି ଏବଂ ବିଶ୍ୱ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ନିବେଶକମାନେ ସୁରକ୍ଷିତ ନିବେଶ ଆଡ଼କୁ ମୁହାଁଇଛନ୍ତି, ଯାହା ଫଳରେ ସୁନା ଓ ରୁପା ମୂଲ୍ୟରେ ନିରନ୍ତର ବୃଦ୍ଧି ଘଟିଛି।

ଅନ୍ତର୍ଜାତୀୟ ଅନିଶ୍ଚିତତା, ବାଣିଜ୍ୟ ଯୁଦ୍ଧ ଭୟ ଏବଂ ଭୂ-ରାଜନୈତିକ ଉତ୍ତେଜନା ନିବେଶକମାନଙ୍କୁ ନିରାପଦ ସ୍ଥାନ ଆଡ଼କୁ ଟାଣିଛି। ଏହା ବ୍ୟତୀତ ଅନେକ କେନ୍ଦ୍ରୀୟ ବ୍ୟାଙ୍କ ସୁନା କ୍ରୟ ବୃଦ୍ଧି କରୁଛନ୍ତି। ସୌର, ଇଲେକ୍ଟ୍ରୋନିକ୍ସ ଏବଂ ବୈଦ୍ୟୁତିକ ଯାନବାହନ କ୍ଷେତ୍ରରେ ରୁପା ଚାହିଦା ବୃଦ୍ଧି ପାଇଛି, ଯାହା ମୂଲ୍ୟ ବୃଦ୍ଧିର ଆଉ ଏକ କାରଣ ବୋଲି କୁହାଯାଉଛି।

# ୨୪ରୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଓ ସାଇ ଇଣ୍ଟର ନ୍ୟାଶନାଲ୍ ସ୍କୁଲର ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଚତୁର୍ଥ ଶ୍ରେଣୀରୁ ନବମ ଶ୍ରେଣୀରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ସାଇ ଏଣ୍ଟ୍ରାନ୍ସ ଟେଷ୍ଟ (ଏସ୍‌ଇଟି) ଜାନୁଆରୀ ୨୪ ଓ ୨୫ରେ ଅନୁଷ୍ଠିତ ହେବ। ସୂଚନା ଥାଉକି, ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ସିବିଏସ୍‌ଇ ଓ କ୍ରେମ୍ବ୍ରିଜ ବୋର୍ଡ ସହ ଅନୁବନ୍ଧିତ । ଉଭୟ ସ୍କୁଲରେ ଏକାଦଶ ଶ୍ରେଣୀର ବିଜ୍ଞାନ, ବାଣିଜ୍ୟ ଓ ହ୍ୟୁମାନିଟି ଷ୍ଟ୍ରିମ୍‌ରେ ଛାତ୍ରୀଛାତ୍ରମାନେ ପାଠପଢନ୍ତି। ଏଠାରେ ଇଞ୍ଜିନିୟରିଂ, ମେଡିସିନ୍, ଲ, ସିୟୁଇଟି ଓ ଅନ୍ୟ କ୍ୟାରିୟର ପ୍ରବେଶିକା ପରୀକ୍ଷା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଏ। ପ୍ରତିବର୍ଷ ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ୩୦୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥାନ୍ତି । ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ତରଫରୁ ବୃତ୍ତି ମଧ୍ୟ ପ୍ରଦାନ କରାଯାଇଥାଏ । ଏହି ପ୍ରବେଶିକା ପରୀକ୍ଷାରେ ଭାଗ ନେବା ପାଇଁ ସ୍କୁଲ ୱେବସାଇଟ୍‌ରେ ପ୍ରବେଶ କରି ନାମ ପଞ୍ଜୀକରଣ କରିପାରିବେ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# କଳାହାଣ୍ଡି ଉତ୍ସବରେ ବେଦାନ୍ତ ଆଲୁମିନିୟମ ପ୍ୟାଭିଲିୟନ୍

ଭୁବନେଶ୍ୱର, ୧୯।୧
(ଅନୁରାଧା ମହାରଣା)




କଳାହାଣ୍ଡି ଉତ୍ସବ-ଘୁମୁରା ୨୦୨୬ର ୨୮ତମ ସଂସ୍କରଣରେ ବେଦାନ୍ତ ଆଲୁମିନିୟମ ଅଂଶଗ୍ରହଣ କରି ଏହାର ଲାଞ୍ଜିଗଡ଼ ବିଶୋଧନାଗାରର ପରିଚାଳନା ଏବଂ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମର ପ୍ରମୁଖ ଦିଗକୁ ପ୍ରଦର୍ଶିତ କରିଥିଲା। କମ୍ପାନୀର ପ୍ୟାଭିଲିୟନକୁ ୩୦,୦୦୦ରୁ ଅଧିକ ଲୋକ ପରିଦର୍ଶନ କରିଥିଲେ। ଏହି ପ୍ୟାଭିଲିୟନରେ ବକ୍ସାଇଟରୁ ଆଲୁମିନିୟମ ଉତ୍ପାଦନ ଏବଂ ଏହାର ପ୍ରୟୋଗ ବିଷୟରେ ଏକ ସ୍ପଷ୍ଟ ଦୃଷ୍ଟିକୋଣ ପ୍ରଦାନ କରାଯାଇଥିଲା । ଭବାନୀପାଟଣାରେ ଅନୁଷ୍ଠିତ ଏହି ପାଞ୍ଚ ଦିନିଆ ଉତ୍ସବରେ ପ୍ରକଳ୍ପ ସଖୀ ମାର୍କେଟପ୍ଲେସରେ ଗ୍ରାମୀଣ ଓଡ଼ିଶାର ୪୦୦୦ ରୁ ଅଧିକ ମହିଳା ଉଦ୍ୟୋଗୀଙ୍କ ଦ୍ୱାରା ମିଲେଟ ଆଧାରିତ ଜୈବିକ ଉତ୍ପାଦଠାରୁ ଆରମ୍ଭ କରି ହସ୍ତଶିଳ୍ପ ସାମଗ୍ରୀ ପର୍ଯ୍ୟନ୍ତ ବ୍ୟାପକ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। କମ୍ପାନୀ କଳାହାଣ୍ଡିର ଦଶମ ଶ୍ରେଣୀର ୮ ଜଣ ଜିଲା ଟପ୍ପରଙ୍କୁ ବେଦାନ୍ତ ଜ୍ଞାନଶ୍ରୀ ପୁରସ୍କାର ପ୍ରଦାନ କରିଥିଲା। କଳାହାଣ୍ଡି ଜିଲା ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ, ଜିଲାପାଳ ସଚିନ ପ୍ରକାଶ ପାୱାର, ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ, ସୁବର୍ଣ୍ଣପୁର ଜିଲାପାଳ ନୃପରାଜ ଏସ. ସାହୁ ଏବଂ ବେଦାନ୍ତ ଆଲୁମିନା ବିଜ୍‌ନେସ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବେଦାନ୍ତ ଆଲୁମିନା ବିଜ୍‌ନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, କଳାହାଣ୍ଡି ଉତ୍ସବ ୨୦୨୬ରେ ଅଂଶଗ୍ରହଣ ମାଧ୍ୟମରେ କମ୍ପାନୀ ପୁଣି ଥରେ ଏକ ଦାୟିତ୍ୱବାନ ଶିଳ୍ପ ଅଂଶୀଦାର ଭାବରେ ଏହାର ଭୂମିକାକୁ ଦୋହରାଇଛି, ଯାହା କଳାହାଣ୍ଡି ଜିଲାର ସାଂସ୍କୃତିକ ସଂରକ୍ଷଣ, ସାମାଜିକ ବିକାଶ ଏବଂଅର୍ଥନୈତିକପ୍ରଗତିପାଇଁପ୍ରତିଶ୍ରୁତିବଦ୍ଧ।

# 'ରାହୁ କେତୁ' ସହ 'ପେଟ୍ ସଫା'ର ସହଭାଗିତା

ଭୁବନେଶ୍ୱର,୧୯।୧




ପ୍ରସିଦ୍ଧ ଲେଖକ ଏବଂ ନିର୍ଦ୍ଦେଶକ ବିପୁଲ ଭିଜଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଜୀ ଷ୍ଟୁଡିଓ ଏବଂ ବ୍ଲାଇଭ ପ୍ରଡକସନ୍ସ ବ୍ୟାନରରେ ନିର୍ମିତ ହିନ୍ଦୀ କମେଡି ଚଳଚ୍ଚିତ୍ର 'ରାହୁ କେତୁ' ସହ 'ପେଟ୍ ସଫା' ସହଭାଗିତା କରିଛି। ଏହି ଚଳଚ୍ଚିତ୍ରରେ ପୁଲକିତ ସମ୍ରାଟ, ବରୁଣ ଶର୍ମା, ଶାଳିନୀ ପାଣ୍ଡେ ଏବଂ ଚଙ୍କି ପାଣ୍ଡେ ପ୍ରମୁଖ ଭୂମିକାରେ ଅଛନ୍ତି। ଉଦ୍ୟୋଗୀ ଡ. ସଞ୍ଜୀବ ଜୁନେଜା ରାହୁ କେତୁ ଚଳଚ୍ଚିତ୍ରର ସଫଳତା ପାଇଁ ସମଗ୍ର ଦଳକୁ ତାଙ୍କର ଶୁଭକାମନା ଜଣାଇଛନ୍ତି। ଡିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ମୁଖପାତ୍ର କହିଛନ୍ତି ଯେ, ରାହୁ କେତୁ ଚଳଚ୍ଚିତ୍ରର ସକାରାତ୍ମକ ଶକ୍ତି ଏବଂ ଦର୍ଶକଙ୍କ ସହିତ ଏହାର ଦୃଢ଼ ସମ୍ପର୍କକୁ ବିଚାର କରି, ସେ ତାଙ୍କର ପ୍ରିମିୟମ ଉତ୍ପାଦ ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟ୍ୟାବଲେଟ୍ସକୁ ଫିଲ୍ମର ପ୍ରଚାର ପାଇଁ ବାଛିଛନ୍ତି। ଆୟୁର୍ବେଦିକ ପେଟ ସଫା କୋଷ୍ଠକାଠିନ୍ୟ, ଗ୍ୟାସ ଏବଂ ଏସିଡିଟି ଭଳି ସାଧାରଣ ପାଚନ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ, ଯାହା ପୀଡ଼ିତଙ୍କୁ ଆରାମ ଏବଂ ଖୁସିରେ ଜୀବନକୁ ଉପଭୋଗ କରିବାକୁ ସୁଯୋଗ ଦିଏ। ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟ୍ୟାବଲେଟ୍ସ ୧୬ଟି ଆୟୁର୍ବେଦିକ ଔଷଧିର ମିଶ୍ରଣରେ ତିଆରି କରାଯାଏ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଚିଲିକାରେ ପ୍ରଥମ ରାଜଦଳ କ୍ରାଫ୍ଟ ଇକୋ-ସୁଭେନିର ସପ୍

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)



ଫିଶିଂ କ୍ୟାଟ ପ୍ରୋଜେକ୍ଟ ଓ ହ୍ୟୁମାନ ଆଣ୍ଡ ଏନଭାଇରନମେଣ୍ଟ ଆଲାଏନ୍ସ ଲିଗ (ହିଲ) ଏବଂ ଦି ହ୍ୟାବିଟାଟ୍ସ ଟ୍ରଷ୍ଟ ଓ ଭୁବନେଶ୍ୱର ରାଉଣ୍ଡ ଟେବୁଲ ୫୩ର ସହଯୋଗରେ ଓଡ଼ିଶାରେ ପ୍ରଥମ ଥର ପାଇଁ ଏକ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି। ଚିଲିକା ହ୍ରଦରୁ ସଂଗ୍ରହ କରାଯାଇଥିବା ଜଳହାଇସିନ୍ଥ (ରାଜଦଳ)ରୁ ତିଆରି କ୍ରାଫ୍ଟ ଏବେ ଟାଙ୍ଗୀ ସହରରେ (ମଙ୍ଗଳାଯୋଡ଼ି ଯାତ୍ରାପଥରେ) ଏକ ଇକୋ-ସୁଭେନିର ଦୋକାନରେ ପ୍ରଦର୍ଶନ ଓ ବିକ୍ରି ପାଇଁ ଉପଲବ୍ଧ। ଏହି ଉଦ୍ଭିଦ ହ୍ରଦରେ ମାଛ ପଥ ବନ୍ଦ କରି ମତ୍ସ୍ୟଜୀବୀମାନଙ୍କୁ କ୍ଷତି ପହଞ୍ଚାଇଥାଏ। କେନ୍ୟାର ଲେକ ଭିକ୍ଟୋରିଆରେ ମହିଳାମାନେ ଏହି ରାଜଦଳରୁ କ୍ରାଫ୍ଟ, ଆସବାବପତ୍ର, କାଗଜ ଓ ବାୟୋ-ଫୁଏଲ ତିଆରି କରି ଆୟ କରୁଛନ୍ତି। ଏହାରି ପ୍ରେରଣାରେ ଚିଲିକାରେ ଏହି ପ୍ରୋଜେକ୍ଟ ଆରମ୍ଭ ହୋଇଛି। ଫିଶିଂ କ୍ୟାଟ ପ୍ରୋଜେକ୍ଟର ସହ-ପ୍ରତିଷ୍ଠାତା ତିଆସା ଆଧ୍ୟା କହିଛନ୍ତି ଯେ, ଆସାମ ଓ ବଙ୍ଗରୁ ଟ୍ରେନର୍ ଆଣି ଖୋର୍ଦ୍ଧା ଜିଲାର ହାଟବରଡ଼ି ଗ୍ରାମର ୧୨ ଜଣ ମତ୍ସ୍ୟଜୀବୀ ମହିଳାଙ୍କୁ ତାଲିମ ଦିଆଯାଇଛି। ହିଲର ପ୍ରୋଜେକ୍ଟ ଅଫିସର ଆର୍ଯ୍ୟ ସ୍ୱାଇଁ ଓ ରବି ଶଙ୍କରନ-ଇନଲାକ୍ସ ଫେଲୋ ଇପ୍ସିଶାମୁନ ନେଶା ମଧ୍ୟ ଏହି ଗୋଷ୍ଠୀକୁ ମାର୍ଗଦର୍ଶନ ଦେଉଛନ୍ତି। ସ୍ଥାନୀୟ ପର୍ଯ୍ୟଟନ ସ୍ଥଳୀ ଓ ଗ୍ରାମ ମେଳାରେ ସେମାନେ ନିଜ ଉତ୍ପାଦ ବିକ୍ରି କରିପାରୁଛନ୍ତି। ଭୁବନେଶ୍ୱର ରାଉଣ୍ଡ ଟେବୁଲ ୫୩ର ଚେୟାରମ୍ୟାନ ସଂଯୋଗ ସାହୁ କହିଛନ୍ତି, ହାଟବରଡ଼ିର ମହିଳାମାନଙ୍କର ନିଷ୍ଠା ଓ ନିପୁଣତା ପ୍ରଶଂସନୀୟ। ଏବେ ସରକାରୀ ସଂସ୍ଥାମାନେ ଅନ୍ୟ ଗୋଷ୍ଠୀକୁ ତାଲିମ ପାଇଁ ସେମାନଙ୍କୁ ନିମନ୍ତ୍ରଣ କରୁଛନ୍ତି। ମହିଳା ଗୋଷ୍ଠୀ ନେତ୍ରୀ ଉର୍ମିଳା ବେହେରା କହିଛନ୍ତି ଯେ ସେମାନେ ସ୍ଥାନୀୟ ମେଳା, ପର୍ଯ୍ୟଟକ ଓ ବ୍ୟବସାୟୀଙ୍କଠାରୁ ବରାଦ ପାଉଛନ୍ତି।

# 'ସ୍କୁଲ୍ ୟୁଥ୍ ଆଇଡିଆଥନ୍'ରେ ଓଡ଼ିଏମ୍ ଓଡିଶାରେ ପ୍ରଥମ

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)

ଭାରତର ଶିକ୍ଷାକ୍ଷେତ୍ରରେ ଓଡିଶା ପାଇଁ ଗର୍ବର ମୁହୂର୍ତ୍ତ ସୃଷ୍ଟି କରିଛି ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍। 'ସ୍କୁଲ୍ ୟୁଥ୍ ଆଇଡିଆଥନ୍-୨୦୨୫' (ଇନ୍‌ଷ୍ଟିଚ୍ୟୁଶନାଲ୍ ଲିଡରସିପ୍ ଇନ୍ ଏଣ୍ଟ୍ରେପ୍ରିନରଶିପ୍ ଏବଂ ଇନୋଭେସନ୍)ର ଗ୍ରାଣ୍ଡ ଫାଇନାଲ୍‌ରେ ସାରା ଭାରତର ୧୩୦୦୦ ସ୍କୁଲ୍ ଭାଗ ନେଇଥିଲା ବେଳେ ସର୍ବଶ୍ରେଷ୍ଠ ୧୦ଟି ବିଦ୍ୟାଳୟ ମଧ୍ୟରୁ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ତୃତୀୟ ସ୍ଥାନ ଅଧିକାର କରିଛି । ସୂଚନା ଥାଉ କି, ଏହି ପ୍ରତିଯୋଗିତାରେ ସମଗ୍ର ଓଡିଶାରୁ ଭାଗନେଇଥିବା ସ୍କୁଲ୍ ମାନଙ୍କ ଭିତରୁ ମଧ୍ୟ ଓଡିଏମ୍ ହିଁ ଏକମାତ୍ର ସ୍କୁଲ୍, ଯାହାକୁ ଏହି ସଫଳତା ମିଳିଛି । ଏହି ଉପଲକ୍ଷେ ଜାନୁଆରୀ ୧୮ ରେ ନୂଆଦିଲ୍ଲୀସ୍ଥିତ ଆଇ.ଆଇ.ଟି. ଦିଲ୍ଲୀରେ ଆୟୋଜିତ ଭବ୍ୟ ସମ୍ମାନ ସମାରୋହରେ ଓଡିଏମ୍ ଶିକ୍ଷାସମୂହର ପ୍ରତିଷ୍ଠାତା ଡ.ସତ୍ୟବ୍ରତ ମୀନକେତନଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି । ଏହି ସଫଳତା ସମ୍ପର୍କରେ ମତ ପ୍ରକାଶ କରି ଡ.ମୀନକେତନ କହିଛନ୍ତି ଯେ, ଏହି ଗାରିମାମୟ ସଫଳତାର ସମ୍ପୂର୍ଣ୍ଣ ଶ୍ରେୟ 'ଆଇଡିଆଥନ୍'ରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର, ତାଙ୍କର ଶିକ୍ଷକ-ଶିକ୍ଷୟିତ୍ରୀଗଣ ଓ ଅଭିଭାବକମାନଙ୍କୁ ଯାଉଛି । ସେ ଓଡିଏମ୍‌ରେ ଛାତ୍ର-ଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତା, ନବୋନ୍ମେଷ ଓ ଉଦ୍ୟମଶୀଳତାକୁ ପ୍ରୋତ୍ସାହନ ଦେବା ପ୍ରତି ଓଡିଏମ୍‌ର ଦୃଢ଼ ସଙ୍କଳ୍ପକୁ ପୁନଃପ୍ରକାଶ କରିଛନ୍ତି । ଏହି ସଫଳତା ଓଡିଶା ତଥା ଭାରତବର୍ଷରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ସ୍ୱତନ୍ତ୍ର ପରିଚୟକୁ ଆହୁରି ମଜବୁତ୍ କରିଥିବା ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି ।

**କାବୁଲ୍‌ରେ ବିସ୍ଫୋରଣ ୭ ମୃତ, ୧୩ ଆହତ**

ଆଫଗାନିସ୍ତାନ ରାଜଧାନୀ କାବୁଲରେ ସୋମବାର ଅପରାହ୍ନରେ ବିସ୍ଫୋରଣ ଘଟି ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୧୩ ଆହତ ହୋଇଛନ୍ତି। ଶହର-ଇ-ନଏରେ ଏକ ହୋଟେଲକୁ ଟାର୍ଗେଟ କରି ଏହି ବିସ୍ଫୋରଣ ଘଟାଯାଇଥିଲା। ବିସ୍ଫୋରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି।





ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍‌)କୁ ବିରୋଧ କରି ସୋମବାର କୋଲକାତାରେ ମୁସଲମାନ ସମ୍ପ୍ରଦାୟର ସଦସ୍ୟମାନେ ବିକ୍ଷୋଭରେ ସାମିଲ ହୋଇଛନ୍ତି।

# ତାର୍କିକ ଅସଙ୍ଗତି ତାଲିକାରେ ଥିବା ଲୋକଙ୍କ ନାଁ ପ୍ରକାଶ କର

**ପଶ୍ଚିମବଙ୍ଗ ଏସ୍‌ଆଇଆର୍ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୧୯।୧(ପି.ଟି.)

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ଯେଉଁମାନଙ୍କ ନାମ ତାର୍କିକ ଅସଙ୍ଗତି ତାଲିକାରେ ରହିଛି, ସେଗୁଡ଼ିକୁ ଗ୍ରାମପଞ୍ଚାୟତ ଭବନ, ବ୍ଲକ୍ ଅଫିସ ଓ ୱାର୍ଡ ଅଫିସ୍‌ରେ ପ୍ରଦର୍ଶିତ କରିବା ପାଇଁ ସୁପ୍ରିମକୋର୍ଟ ସୋମବାର ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ୧.୨୫ କୋଟି ଭୋଟର ଉକ୍ତ ତାଲିକାରେ ରହିଥିବା ଜଣାପଡ଼ିଛି। ୨୦୦୨ର ଭୋଟର ତାଲିକା ସହ ସନ୍ତାନଙ୍କୁ ନେଇ ତାର୍କିକ ବିସଙ୍ଗତି ରହିଛି। ଉଦାହରଣ ସ୍ୱରୂପ ମାତାପିତାଙ୍କ ନାମରେ ମେଳ ରହୁ ନ ଥିବାବେଳେ କେଉଁଠି ଭୋଟର ଏବଂ ସେମାନଙ୍କ ମାତାପିତାଙ୍କ ବୟସ ମଧ୍ୟରେ ୧୫ ବର୍ଷରୁ କମ୍ କିମ୍ବା ୫୦ ବର୍ଷରୁ ଅଧିକ ବ୍ୟବଧାନ ରହୁଛି। ବର୍ତ୍ତମାନର ଭୋଟର ତାଲିକା ସଂଶୋଧନ ଦ୍ୱାରା ପ୍ରଭାବିତ ହେବା ସମ୍ଭାବନା ଥିବା ଲୋକମାନେ ସେମାନଙ୍କ ଦସ୍ତାବିଜ୍ ଓ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଅନୁମତି ଦେବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଜୟମାଲ୍ୟ



ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ଏଥିପାଇଁ ପ୍ରତି ପଞ୍ଚାୟତ କିମ୍ବା ବ୍ଲକ୍ ଅଫିସରେ ଦସ୍ତାବିଜ୍ ଓ ଆପତ୍ତି ଦାଖଲ ପାଇଁ ଅଫିସ ଖୋଲିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିପାଇଁ ପଞ୍ଚାୟତ ଭବନ ଓ ବ୍ଲକ୍ ଅଫିସ ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ଲୋକ ନିୟୋଜିତ କରିବେ। ରାଜ୍ୟରେ ଯେପରି ଆଇନ ଶୃଙ୍ଖଳା ସମସ୍ୟା ସୃଷ୍ଟି ନ ହୁଏ ଏବଂ ସବୁ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୁଏ, ତାହା ସୁନିଶ୍ଚିତ କରିବାକୁ ଅଦାଲତ ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଦଣ୍ଡ ସ୍ଥଗିତ ରଖିବା ଲାଗି ସେନ୍‌ଗାରଙ୍କ ଆବେଦନ ଖାରଜ

**ଉନ୍ନାଓ ବଳାତ୍କାର ମାମଲା**

ନୂଆଦିଲ୍ଲୀ,୧୯।୧(ପି.ଟି.)

ଉତ୍ତରପ୍ରଦେଶର ଉନ୍ନାଓ ବଳାତ୍କାର ମାମଲାରେ ପୀଡ଼ିତାଙ୍କ ବାପାଙ୍କର ହାଜତ ମୃତ୍ୟୁ ଘଟଣାରେ ଭାଜପାର ବହିଷ୍କୃତ ନେତା କୁଲଦୀପ ସିଂ ସେନ୍‌ଗାର ୧୦ ବର୍ଷ ଜେଲ ଦଣ୍ଡାଦେଶକୁ ସ୍ଥଗିତ ରଖିବା ପାଇଁ କରିଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ବିଚାର ପ୍ରକ୍ରିୟା ବିଳମ୍ବ ହେଉଥିବା ଦର୍ଶାଇ ସେନ୍‌ଗାର ଦଣ୍ଡ ସ୍ଥଗିତ ରଖିବା ପାଇଁ ଆବେଦନ କରିଥିଲେ। କେବଳ ବିଳମ୍ବ କାରଣକୁ ନେଇ ଦଣ୍ଡ ସ୍ଥଗିତ ରଖାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ରବିନ୍ଦର ଦୁଦେଜା କହିବା ସହ ପରବର୍ତ୍ତୀ ଶୁଣାଣି ଫେବୃଆରୀ ୩କୁ ଧାର୍ଯ୍ୟ କରିଛନ୍ତି। ସେନ୍‌ଗାର ଦଣ୍ଡ ସ୍ଥଗିତ ରଖିବା ଏବଂ ଜାମିନ ସମୟ ବଢ଼ାଇବା ପାଇଁ ବାରମ୍ବାର ଆବେଦନ କରିଆସୁଛନ୍ତି। କୋର୍ଟଙ୍କ ରାୟକୁ ନେଇ ଉନ୍ନାଓ ପୀଡ଼ିତା ସନ୍ତୋଷ ବ୍ୟକ୍ତ କରିଛନ୍ତି।

୨୦୧୭ରେ ଉନ୍ନାଓ ନାବାଳିକାଙ୍କୁ ସେନ୍‌ଗାର ଅପହରଣ କରିନେଇ ବଳାତ୍କାର କରିଥିଲେ। ଏହା ପରେ ପୀଡ଼ିତାଙ୍କ ବାପାଙ୍କୁ ଅସ୍ତ୍ରଶସ୍ତ୍ର ଆଇନରେ ଗିରଫ କରାଯାଇଥିଲା ଏବଂ ୨୦୧୮ ଏପ୍ରିଲ ୯ରେ ହାଜତରେ ତାଙ୍କର ମୃତ୍ୟୁ ଘଟିଥିଲା। ପୀଡ଼ିତାଙ୍କ ବାପାଙ୍କୁ ହତ୍ୟା ମାମଲାରେ ତଳକୋର୍ଟ ୨୦୨୦ ମାର୍ଚ୍ଚ ୧୩ରେ ସେନ୍‌ଗାରଙ୍କୁ ୧୦ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ସହ ୧୦ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଥିଲେ। ହାଜତ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ସେନ୍‌ଗାରଙ୍କ ଭାଇ ଅତୁଲ ସିଂ ସେନ୍‌ଗାର ଓ ଅନ୍ୟ ୫ ଜଣଙ୍କୁ ମଧ୍ୟ ୧୦ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଥିଲା।

**ଖାତରେ କାର୍ ଖସି ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣା**

# ନଏଡ଼ା ସିଇଓ ବହିଷ୍କୃତ

ଲକ୍ଷ୍ନୌ,୧୯।୧(ପି.ଟି.)

ନଏଡ଼ା ସେକ୍ଟର ୧୫୦ସ୍ଥିତ ଏକ ନିର୍ମାଣ ସ୍ଥଳରେ ଜଳଭର୍ତ୍ତି ଗର୍ତ୍ତ ମଧ୍ୟକୁ କାର୍ ଖସି ୨୭ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣାରେ ନଏଡ଼ା ଅଥରିଟିର ସିଇଓ ଏମ୍. ଲୋକେଶଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରାଯାଇଛି। ଇଞ୍ଜିନିୟରଙ୍କ ମୃତ୍ୟୁକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଉତ୍ତରପ୍ରଦେଶ ସରକାର ସୋମବାର ଆଇଏଏସ୍ ଅଫିସର ଲୋକେଶଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କୁ ପ୍ରତୀକ୍ଷା ତାଲିକାରେ ରଖିଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ରିଅଲ ଇଷ୍ଟେଟ୍ ଡେଭେଲପରମାନଙ୍କ



ୟୁବରାଜ ମେହେଟ୍ଟା


ସିଇଓ ଏମ୍. ଲୋକେଶ

ଅବହେଳାରୁ ସଫ୍ଟୱେର ଇଞ୍ଜିନିୟର ୟୁବରାଜ ମେହେଟ୍ଟାଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ପରିବାର ଏବଂ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହା ବିରୋଧରେ ସେମାନେ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାକୁ ବିଚାରକୁ ନେଇ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଘଟଣାର ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ନଏଡ଼ା ଅଥରିଟି ସିଇଓ ଲୋକେଶ ହେଉଛନ୍ତି ୨୦୦୩ ବ୍ୟାଚ୍‌ର ଆଇଏଏସ୍ ଅଫିସର। ସେ ନଏଡ଼ା ମେଟ୍ରୋ ରେଳ କର୍ପୋରେଶନ (ଏନ୍‌ଏମ୍‌ଆର୍‌ସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ।

ୟୁବରାଜଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ହୃଦ୍‌ଘାତ ମାମଲା ସମ୍ପର୍କରେ ମଧ୍ୟ ରିପୋର୍ଟରେ କୁହାଯାଇଛି। ଶୁକ୍ରବାର ରାତିରେ ଘନ କୁହୁଡ଼ି ମଧ୍ୟରେ ୟୁବରାଜ କାର୍ ଚଳାଇ ଘରକୁ ଫେରୁଥିବାବେଳେ ଜଳଭର୍ତ୍ତି ଖାତରେ ଖସିପଡ଼ିଥିଲେ। ସାହାଯ୍ୟ ପାଇଁ ସେ ବାରମ୍ବାର ଚିତ୍କାର କରିଥିଲେ ମଧ୍ୟ ତୁରନ୍ତ କୌଣସି ସହାୟତା ମିଳି ନ ଥିଲା। କାର୍ ଓଲଟି ପଡ଼ି ପାଣିରେ ଭାସୁଥିବାବେଳେ ୟୁବରାଜ କୌଣସି ପ୍ରକାରେ ସେଥିରୁ ବାହାରି ଆସି ବାପା ରାଜକୁମାରଙ୍କୁ ଫୋନ୍ କରି ଦୁର୍ଘଟଣା ସମ୍ପର୍କରେ ଜଣାଇଥିଲେ ଓ ସେ ମରିବାକୁ ଚାହାନ୍ତି ନାହିଁ ବୋଲି କହିଥିଲେ। ତାଙ୍କ ବାପା ତୁରନ୍ତ ୧୧୨କୁ ଡାଏଲ କରିବା ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଅନ୍ଧକାର, ଘନ କୁହୁଡ଼ି ଏବଂ ସ୍ୱଳ୍ପ ଦୃଶ୍ୟମାନ୍ୟତା ଯୋଗୁ ଉଦ୍ଧାର କାର୍ଯ୍ୟ ପ୍ରଭାବିତ ହୋଇଥିଲା। ପାଣି ବରଫ ଭଳି ଥଣ୍ଡା ଥିବାରୁ ପୋଲିସ ଓ ଅଗ୍ନିଶମ କର୍ମଚାରୀ ସେଥିରେ ପ୍ରବେଶ କରିପାରି ନ ଥିଲେ। ବେସ୍‌ମେଣ୍ଟର ନିର୍ମାଣାଧୀନ ସ୍ତମ୍ଭଗୁଡ଼ିକରୁ ମଧ୍ୟ ବିପଦ ଆଶଙ୍କା କରାଯାଇଥିଲା। ରାତି ୧ଟା ୪୫ ବେଳକୁ ୟୁବରାଜ ଓ ତାଙ୍କ କାର୍ ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା।

## ଆତଙ୍କବାଦୀଙ୍କ ଗୁଳିରେ ୮ ଯବାନ ଆହତ

ଜମ୍ମୁ,୧୯।୧(ପି.ଟି.)

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ଅନ୍ତର୍ଗତ ଚତ୍ରୁ ଜଙ୍ଗଲ ଅଞ୍ଚଳରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ସେନାର ୮ ଯବାନ ଆହତ ହୋଇଛନ୍ତି। ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଚାଲିଥିଲା। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ସହ ଆତଙ୍କବାଦୀଙ୍କୁ ନିପାତ କରିବା ନିମନ୍ତେ ଅଧିକ ସୈନ୍ୟଙ୍କୁ ନିୟୋଜିତ କରାଯାଇଛି। ମଧ୍ୟାହ୍ନ ସମୟରୁ ଆରମ୍ଭ ହୋଇଥିବା ଉକ୍ତ ଅଭିଯାନର ନାଁ ଅପରେଶନ ତ୍ରାଶି-୧ ଦିଆଯାଇଛି। ସୂଚନା ଅନୁଯାୟୀ, ତଲାସି ଅଭିଯାନରେ ସାମିଲ ଟିମ୍ ସହ ୨/୩ ଜଣ ବିଦେଶୀ ଆତଙ୍କବାଦୀ ମୁହାଁମୁହିଁ ହୋଇଥିଲେ। ଜୈଶ-ଇ-ମହମ୍ମଦ ସଂଗଠନର ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ।

# ଦ୍ରୁତ ହ୍ରାସ ପାଉଛି ଚାଇନା ଜନସଂଖ୍ୟା

ବେଜିଂ,୧୯।୧(ପି.ଟି.)

**ଶିଶୁ ଜନ୍ମହାର ୧୭ ପ୍ରତିଶତ ହ୍ରାସ**

୨୦୨୫ରେ ଚାଇନାରେ ଜନ୍ମହାର ୧୦ ବର୍ଷ ପୂର୍ବ ତୁଳନାରେ ୧୦ ନିୟୁତ ହ୍ରାସ ପାଇଥିବାବେଳେ କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଜନସଂଖ୍ୟା ହ୍ରାସ ପାଇଛି। ପୂର୍ବରୁ ଦେଶରେ ଲାଗୁ ହୋଇଥିବା ଏକ-ସନ୍ତାନ ନୀତିର ଦୀର୍ଘମିଆଦୀ ପ୍ରଭାବକୁ ଏଥିପାଇଁ ଦାୟୀ କରାଯାଇଛି।

ଜାତୀୟ ପରିସଂଖ୍ୟାନ ବ୍ୟୁରୋ (ଏନ୍‌ବିଏସ୍) ତଥ୍ୟ ଅନୁଯାୟୀ, ୨୦୨୫ରେ ୭.୯୨ ନିୟୁତ ପିଲା ଜନ୍ମ ହୋଇଛନ୍ତି, ଯାହାକି ୨୦୨୪ରେ ୯.୫୪ ନିୟୁତ ଥିଲା। ଅର୍ଥାତ ବର୍ଷକ ମଧ୍ୟରେ ଶିଶୁ ଜନ୍ମହାର ୧୭ ପ୍ରତିଶତ ହ୍ରାସ ପାଇଛି। ୧୯୪୯ରୁ ଦେଶରେ ଜନ୍ମହାର ଲିପିବଦ୍ଧ ହେବା ପରଠାରୁ ଏହା ସର୍ବନିମ୍ନ। ୨୦୨୩ରେ ଜନ୍ମହାର ଯଥେଷ୍ଟ କମିଥିଲାବେଳେ ଗତବର୍ଷ ଏହା ଉକ୍ତ ରେକର୍ଡକୁ ଭାଙ୍ଗିଦେଇଛି। ଜନସଂଖ୍ୟାରେ ଭାରତ ୨୦୨୩ରେ ଚାଇନାକୁ ଅତିକ୍ରମ କରିଥିବା ଜାତିସଂଘ ରିପୋର୍ଟରେ କୁହାଯାଇଥିଲା। ବର୍ତ୍ତମାନର ପ୍ରଜନନ ହାର ଆଧାରରେ ଚାଇନାର ଲୋକସଂଖ୍ୟା ୨୧୦୦ ସୁଦ୍ଧା ୬୩.୩ କୋଟିକୁ ହ୍ରାସ ପାଇବ ବୋଲି ଜାତିସଂଘର ଅର୍ଥନୀତି ଓ ସାମାଜିକ ବ୍ୟାପାର ବିଭାଗ (ଡିଇଏସ୍‌ଏ) ଆକଳନ କରିଛି। ସୋମବାର ପ୍ରକାଶିତ ଏନ୍‌ବିଏସ୍ ତଥ୍ୟ ଅନୁଯାୟୀ, ଚାଇନାର ଲୋକସଂଖ୍ୟା ୨୦୨୫ରେ ୩.୩୯ ନିୟୁତ ହ୍ରାସ ପାଇ ୧୪୦.୪୯ କୋଟିରେ ପହଞ୍ଚିଥିଲା। ଏହା ପୂର୍ବବର୍ଷ ଲୋକସଂଖ୍ୟା ୧୪୦.୮୩ କୋଟି ଥିଲା।

ଦ୍ରୁତ ବୃଦ୍ଧି ପାଉଥିବା ବରିଷ୍ଠ ଲୋକଙ୍କୁ ନେଇ ଚାଇନା ସମସ୍ୟାର ସମ୍ମୁଖୀନ ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ ଶେଷଭାଗରେ ଦେଶର ବରିଷ୍ଠ ନାଗରିକଙ୍କ ସଂଖ୍ୟା ୩୧୦ ନିୟୁତରେ ପହଞ୍ଚିଥିଲ। ୨୦୨୫ ବେଳକୁ ଏହି ସଂଖ୍ୟା ୪୦୦ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ୧୯୫୯ ଏବଂ ୧୯୬୧ର ପ୍ରଳୟଙ୍କର ଦୁର୍ଭିକ୍ଷ ବାଦ୍ ଗତବର୍ଷ ଚାଇନାରେ ସର୍ବାଧିକ ଜନସଂଖ୍ୟା ହ୍ରାସ ପାଇଥିଲା ବୋଲି ସାଉଥ୍ ଚାଇନା ମର୍ନିଂ ପୋଷ୍ଟ ରିପୋର୍ଟରେ କୁହାଯାଇଛି। ଇତିମଧ୍ୟରେ ଗତବର୍ଷ ପ୍ରାୟ ୧୧.୩୧ ନିୟୁତ ଲୋକଙ୍କ ମୃତ୍ୟୁ ଘଟିଛି, ଯାହାକି ୫ ଦଶନ୍ଧି ମଧ୍ୟରେ ସର୍ବାଧିକ। ଜନସାଂଖ୍ୟିକ ସଙ୍କଟ ଅର୍ଥନୀତିକୁ ଗମ୍ଭୀର ଭାବେ ପ୍ରଭାବିତ କରିବ ବୋଲି ସତର୍କ କରାଇ ଦିଆଯାଇଥିବାବେଳେ ବେଜିଂ ୨୦୧୬ରେ ଏକ ସନ୍ତାନ ନୀତିକୁ ଉଚ୍ଛେଦ କରି ଦମ୍ପତିମାନଙ୍କୁ ୨ ସନ୍ତାନ ଜନ୍ମ ପାଇଁ ଅନୁମତି ଦେଇଥିଲା। ଏହା ଫଳପ୍ରଦ ନ ହେବାରୁ ୨୦୨୧ରେ ଦମ୍ପତିଙ୍କୁ ୩ଟି ସନ୍ତାନ ଜନ୍ମ ଅନୁମତି ମିଳିଥିଲା।

## ଭାରତ ଗସ୍ତରେ ୟୁଏଇ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୯।୧(ପି.ଟି.)

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନହ୍ୟାନ ସୋମବାର ନୂଆଦିଲ୍ଲୀ ଆସିଛନ୍ତି। ତାଙ୍କର ଏହି ଗସ୍ତ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁଏଇ ରାଷ୍ଟ୍ରପତିଙ୍କୁ ଦିଲ୍ଲୀ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ଅଲ୍ ନହ୍ୟାନ ଦିଲ୍ଲୀରେ ୨ ଘଣ୍ଟାରୁ କମ୍ ସମୟ ରହିବା ଅବସରରେ ପ୍ରଧାନମନ୍ତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଆଲୋଚନାରେ ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା ଶିଳ୍ପ ସହଯୋଗ ଏବଂ ଆତଙ୍କବାଦ ପ୍ରସଙ୍ଗ ସ୍ଥାନ ପାଇଛି।



ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନହ୍ୟାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**ଫୁରସତ୍**

# ଜନ୍ମ, ମୃତ୍ୟୁକୁ ଅନୁମତି ନ ଥିବା ଅଜବ ଗାଁ

ବିଶ୍ୱରେ ୧୯୫ଟି ଦେଶ ଅଛି। ପ୍ରତ୍ୟେକ ସ୍ଥାନର ନିଜସ୍ୱ ସ୍ୱତନ୍ତ୍ର ପରିଚୟ ଅଛି। ଏଗୁଡ଼ିକ ମଧ୍ୟରେ ଏପରି ଏକ ସ୍ଥାନ ଅଛି ଯେଉଁଠାରେ ନା କୌଣସି ଶିଶୁକୁ ଜନ୍ମ ନେବାକୁ କିମ୍ବା କୌଣସି ବ୍ୟକ୍ତିକୁ ମରିବାକୁ ଅନୁମତି ଦିଆଯାଇଛି। ଏହା ଶୁଣି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ, କିନ୍ତୁ ଏହା ସତ୍ୟ। ଲୋକଙ୍କ ଚିନ୍ତାଧାରାଠାରୁ ଏହି ଗାଁ ସମ୍ପୂର୍ଣ୍ଣ ଭିନ୍ନ ନିୟମ ଅନୁଯାୟୀ ଚାଲେ। ଏହାର ବ୍ୟବସ୍ଥା ଏବଂ ଜୀବନଶୈଳୀକୁ ବିଶ୍ୱର ଅନ୍ୟ ଦେଶଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ବିବେଚନା କରାଯାଏ। ଏହି କାରଣରୁ ଉକ୍ତ ସ୍ଥାନଟି ପ୍ରାୟତଃ ଚର୍ଚ୍ଚାରେ ରହିଥାଏ।

ଉତ୍ତର ମେରୁରୁ ପ୍ରାୟ ୧୩୦୦ କିଲୋମିଟର ଦୂରରେ ସ୍ୱାଲବାର୍ଡ ନାମକ ଏକ ନରୱେଜିଆନ ଦ୍ୱୀପପୁଞ୍ଜ ଅବସ୍ଥିତ। ଏହି ସ୍ଥାନଟି ନରୱେର ଅଂଶ, କିନ୍ତୁ ଭିଜା ବିନା ଯାତ୍ରା ସମ୍ଭବ। ସେଠାରେ ପହଞ୍ଚିବା ସହଜ ହେଲେ, ସେଠାରେ ଜନ୍ମଦେବା ଏବଂ ମରିବା ପ୍ରାୟ ଅସମ୍ଭବ। ଏହି ସ୍ଥାନକୁ ବିଶ୍ୱର ସବୁଠାରୁ ଅଜବ ଗାଁ ବୋଲି କୁହାଯାଏ।



ସ୍ୱାଲବାର୍ଡରେ କୌଣସି ଡାକ୍ତରଖାନା ନାହିଁ ଏବଂ ଏହା ଅତ୍ୟନ୍ତ ଥଣ୍ଡା। ଏଠାର ଭୂମି ପର୍ମାଫ୍ରୋଷ୍ଟ, ଅର୍ଥାତ୍ ଏହା ବର୍ଷସାରା ଜମାଟ ବାନ୍ଧି ରହିଥାଏ। ଏହା ସେଠାରେ ପୋତାଯାଇଥିବା ମୃତଦେହଗୁଡ଼ିକୁ ପଚିଯିବାରୁ ରୋକିଥାଏ। ଏହା ପୂର୍ବରୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥିଲା, ଫଳରେ କବର ଦେବା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଯଦି କେହି ଗୁରୁତର ଅସୁସ୍ଥ କିମ୍ବା ଅତ୍ୟଧିକ ବୃଦ୍ଧ ହୁଅନ୍ତି, ତେବେ ସେମାନଙ୍କୁ ଦ୍ୱୀପ ଛାଡ଼ି ମୁଖ୍ୟ ଭୂମି ନରୱେକୁ ଯିବାକୁ ପଡ଼ିବ। ଉନ୍ନତ ଚିକିତ୍ସା ସୁବିଧା ଅଭାବରୁ ଗର୍ଭବତୀ ମହିଳାଙ୍କୁ ପ୍ରସବ ପୂର୍ବରୁ ବିଦାକରି ଦିଆଯାଏ। କାରଣ ଏଠାରେ କୌଣସି ଉନ୍ନତମାନର ମେଡିକାଲ ନାହିଁ। ସ୍ୱାଲବାର୍ଡ ମଧ୍ୟରାତ୍ରି ସୂର୍ଯ୍ୟର ଦେଶ ଭାବରେ ମଧ୍ୟ ଜଣାଶୁଣା। ଶୀତଦିନେ ମାସ ମାସ ଧରି ସୂର୍ଯ୍ୟ ଉଦୟ ହୁଏ ନାହିଁ ଏବଂ ଗ୍ରୀଷ୍ମଦିନେ ସୂର୍ଯ୍ୟ ଅସ୍ତ ହୁଏ ନାହିଁ। ଏଠାରେ ପ୍ରାୟ ୨୫୦୦ରୁ ୩୦୦୦ ଲୋକ ବାସ କରନ୍ତି ଏବଂ ୫୦ରୁ ଅଧିକ ଦେଶର ନାଗରିକ ଭିଜା ବିନା ଏକାଠି ରୁହନ୍ତି। ମଣିଷ ଅପେକ୍ଷା ମେରୁ ଭାଲୁଙ୍କ ସଂଖ୍ୟା ଅଧିକ। ତେଣୁ ରାଇଫଲ ବିନା ବାହାରକୁ ବାହାରିବା ବେଆଇନ। ଏଠାରେ ଅପରାଧ ବହୁତ କମ୍ ଏବଂ ଲୋକମାନେ ସେମାନଙ୍କର ଦ୍ୱାର ବନ୍ଦ ମଧ୍ୟ କରନ୍ତି ନାହିଁ। ଅଜବ ନିୟମ ସତ୍ତ୍ୱେ ଏହି ଭିନ୍ନତା ଉକ୍ତ ଗାଁକୁ ବିଶ୍ୱରେ ଅନନ୍ୟ କରିଥାଏ।

ନେହା କକ୍କର



# ବ୍ରେକ୍ ନେଲେ ନେହା

ମୁମ୍ବାଇ

ଗାୟିକା ନେହା କକ୍କର ନିଜ ସଙ୍ଗୀତ କ୍ୟାରିୟରରୁ ବ୍ରେକ୍ ନେଇଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଏନେଇ ସୂଚନା ଦେଇଛନ୍ତି। ନେହା ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଦାୟିତ୍ୱ, ସମ୍ପର୍କ, କାମ ଏବଂ ଅନ୍ୟ ସବୁକିଛିରୁ ବିରତି ନେବାର ସମୟ ଆସିଛି। ଜାଣିନାହିଁ ମୁଁ ଫେରିବି କି ନାହିଁ। ଆଶା କରୁଛି ମୋ ଗୋପନୀୟତାକୁ ସମ୍ମାନ ଦେବା ସହ ଏହି ଦୁନିଆରେ ମୁକ୍ତ ଭାବରେ ବଞ୍ଚିବାକୁ ଦେବେ। ଏହା ସହ ନେହା ଫଟୋଗ୍ରାଫର ଏବଂ ପ୍ରଶଂସକମାନଙ୍କୁ ଫଟୋ ନ ଉଠାଇବାକୁ ଅନୁରୋଧ କରିଛନ୍ତି। ନେହା କକ୍କର ପ୍ରାୟତଃ କୌଣସି ନା କୌଣସି କାରଣରୁ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ତାଙ୍କର 'କ୍ୟାଣ୍ଡି ସପ୍' ଗୀତ ରିଲିଜ ହୋଇଥିଲା। ଏହି ଗୀତଟି ତାଙ୍କ ଭାଇ ଟୋନି କକ୍କରଙ୍କ ଦ୍ୱାରା ରଚିତ। ଏହି ଗୀତ ପାଇଁ ନେହାଙ୍କୁ ଟ୍ରୋଲ୍‌ର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତାଙ୍କର ଡ୍ୟାନ୍ସ ଷ୍ଟେପ୍ ପସନ୍ଦ କରାଯାଇ ନ ଥିଲା। ନେହା ପ୍ରାୟତଃ ତାଙ୍କ ଭାଇ ଟୋନିଙ୍କ ସହ ମ୍ୟୁଜିକ ଭିଡିଓ ତିଆରି କରନ୍ତି। ସେମାନଙ୍କର ମ୍ୟୁଜିକ୍ ଭିଡିଓ ସବୁବେଳେ ଚର୍ଚ୍ଚାରେ ରହିଥାଏ। ତାଙ୍କ ବ୍ୟକ୍ତିଗତ ଜୀବନରେ ନେହା ପଞ୍ଜାବୀ ସଙ୍ଗୀତ କଳାକାର ରୋହନ ପ୍ରୀତ ସିଂହଙ୍କୁ ବିବାହ କରିଛନ୍ତି। ସେମାନଙ୍କର ବିବାହ ୨୦୨୦ଅକ୍ଟୋବରରେ ହୋଇଥିଲା। ସେମାନଙ୍କ ବିବାହ ବିଷୟ ନେଇ ସେତେବେଳେ ଢେର ଚର୍ଚ୍ଚା ହୋଇଥିଲା। ୨୦୨୫ରେ ନେହାଙ୍କ ଭଉଣୀ ସୋନୁ କକ୍କର ନେହା ଏବଂ ଟୋନିଙ୍କଠାରୁ ଅଲଗା ହେବାର ଘୋଷଣା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାବୁଙ୍କ ଦକ୍ଷତା ମାପିବେ ସରକାର

## ତହସିଲଦାରଙ୍କ ପାଇଁ ଆସିବ ର୍‍ୟାଙ୍କିଙ୍ଗ୍ ବ୍ୟବସ୍ଥା

ଭୁବନେଶ୍ୱର,୧୯।୧ (ରବିନାରାୟଣ ଜେନା)

ରାଜ୍ୟବାସୀଙ୍କୁ କିଭଳି ହାତ ପାଆନ୍ତାରେ ରାଜସ୍ୱ ସେବା ମିଳିବ ତାକୁ ନେଇ ଗତ ୧୮ମାସ ମଧ୍ୟରେ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିବିଧ ପ୍ରମାଣପତ୍ର ପ୍ରଦାନ କରିବା ଓ ପୁରୁଣା ଆଇନକୁ ବନ୍ଦ କରିବା ଭଳି ୧୩ଟି ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ହେଲେ ଏବେ ବି ବିବିଧ ପ୍ରମାଣପତ୍ରଠାରୁ ଆରମ୍ଭ କରି ଦାଖଲ ଖାରଜମାମଲାର ଫଇସଲା ଏବଂ ଅନ୍ୟାନ୍ୟ ରାଜସ୍ୱ ସେବା ପାଇବାରେ ଲୋକେ ହଇରାଣ ହରକତ ହେଉଛନ୍ତି। ଆଗାମୀ ଦିନରେ ଲୋକେ ଯେପରି ରାଜସ୍ୱ ସେବା ପାଇବାରେ କୌଣସି ସମସ୍ୟା ନ ଉପୁଜିବ ତାକୁ ନେଇ ରାଜସ୍ୱ ବିଭାଗ ପକ୍ଷରୁ ତହସିଲଦାର ବାବୁମାନଙ୍କ ଦକ୍ଷତା ମପାଯିବ। କେଉଁ ତହସିଲଦାର କେଉଁସବୁ ମାମଲାକୁ ତ୍ୱରିତ ସମାଧାନ କରୁଛନ୍ତି ଏବଂ ତାହା ମଧ୍ୟରେ କେତେସବୁ ଗୁଣାତ୍ମକ ସେବା ରହିଛି ତାକୁ ଆଧାର କରି ର୍‍ୟାଙ୍କିଙ୍ଗ ପ୍ରଦାନ କରାଯିବ। ଯେଉଁ ତହସିଲଦାରମାନେ ଅଭ୍ୟାସଗତ ଭାବେ ଠକୁଥିବେ ସେମାନେ ଏହି ର୍‍ୟାଙ୍କିଙ୍ଗରେ ଧରାପଡ଼ିବେ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାବାଦ୍ ଯେଉଁ ଅଧିକାରୀମାନେ ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ପ୍ରଶଂସାପତ୍ର ସହିତ ପଦୋନ୍ନତି ଦେବାର ମଧ୍ୟ ବ୍ୟବସ୍ଥା କରାଯିବ। ଏହାସହିତ ରାଜସ୍ୱ ବିଭାଗରେ ଥିବା ପୁରୁଣା ମାମଲା ହଟାଇବା ସହିତ ରାଜସ୍ୱ ସଂସ୍କାରକୁ ଲୋକାଭିମୁଖୀ କରିବାପାଇଁ ବିଭାଗ ଏଭଳି ପଦକ୍ଷେପ ଖୁବ୍‌ଶୀଘ୍ର ନେବ ବୋଲି ଜଣାଯାଇଛି।

ଲୋକସେବା ଭବନରେ ସୋମବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଓଡ଼ିଶା ସରକାରୀ ଭୂ-ପରିଚାଳନା ଆଇନରେ କେତେକ ସଂସ୍କାର ଅଣାଯିବାପାଇଁ ବିଭାଗ ପକ୍ଷରୁ କେତେକ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏହାକୁ ନେଇ ଖୁବ୍‌ଶୀଘ୍ର ଏକ ଡ୍ରାଫ୍ଟ ପ୍ରସ୍ତୁତ କରାଯିବ ଏବଂ ଏହାକୁ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାବିନେଟ୍‌ରେ ଅଣାଯିବ। ଆସନ୍ତା ବଜେଟ ଅଧିବେଶନ ପୂର୍ବରୁ ନୂତନ ଓଡ଼ିଶା ସରକାରୀ ଭୂ-ପରିଚାଳନା ଆଇନ ଆଣିବାକୁ ବିଭାଗ ଉଦ୍ୟମ କରୁଛି ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, ତହସିଲଦାରମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ନିକଟରେ ଅଣାଯାଇଥିବା ବିଭିନ୍ନ ରାଜସ୍ୱ ସେବା ଓ ନୂତନ ଆଇନ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇବା ପାଇଁ ତାଲିମ ପ୍ରଦାନ କରାଯିବ। ପ୍ରତ୍ୟେକ ଦିନ ଅପରାହ୍ନ ୫ଟାରେ ଜିଲାସ୍ତରୀୟ ତହସିଲଦାର, ଭୂ-ବନ୍ଦୋବସ୍ତ ଅଧିକାରୀ, ଅତିରିକ୍ତ ଜିଲାପାଳ ଏବଂ ଜିଲାପାଳଙ୍କୁ ନେଇ ଏକ ଆଭାସୀ ବୈଠକ କରାଯିବ। ବୈଠକରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ଉନ୍ନୟନ ଆୟୁକ୍ତଙ୍କ ପର୍ଯ୍ୟନ୍ତ ବରିଷ୍ଠ ଅଧିକାରୀ ରହିବେ। କେଉଁ ଦିନ କେଉଁ ଅଧିକାରୀଙ୍କୁ ନେଇ ଆଭାସୀ ବୈଠକ କରାଯିବ ତାହା ନିର୍ଦ୍ଦିଷ୍ଟ କରାଯିବ। ଏନେଇ ଖୁବ୍‌ଶୀଘ୍ର ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହେବ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି।


## ଜନ୍ମଦିନ ଶୁଭେଚ୍ଛା



**ଶ୍ରୀଜିତ୍ ପଟ୍ଟନାୟକ (ରାଜ୍)**
ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର
ରାଜ୍, ତୋର ଆଜି ୧୬ତମ ଜନ୍ମବାର୍ଷିକୀ, ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶିରିଡ଼ି ବାବାଙ୍କ ପାଖରେ ପ୍ରାର୍ଥନା ସେ ତୋର ଚଲାପଥ ସର୍ବଦା କୁସୁମିତ କରିବା ସହ ତୋତେ ଯଶସ୍ୱୀ କରାନ୍ତୁ।
ଶୁଭେଚ୍ଛା ସହ- ବୋଉମା, ମାମି, ପାପା, ମାମା, ମଣ୍ଟୁକାକୁ, ସାନମା, ଟଣ୍ଟୁକାକୁ, କାକି, ଚିଣ୍ଟୁକାକୁ, ସାନକାକି, ଭାଇନା, ଅପା, ଗୁଡୁଭାଇ, ଭାଉଜ, ଦିଦି, ପ୍ରେମ୍, ସ୍ୱେତା, ସିଦ୍ଧେଶ, ଅଜା, ଆଇ, ମାମୁ, ମାଇଁ, ମଉସା, ମାଉସୀ, ବନ୍ଧୁ ଓ ପରିବାରବର୍ଗ।
ଧ-୩୧୫୬


# ଗଛରେ ଧକ୍କା ହେଲା ବାଇକ୍, ୨ ମୃତ

କ.ନୂଆଗାଁ/ବାଲିଗୁଡ଼ା,୧୯।୧ (କାଳୀ ପ୍ରସାଦ ତ୍ରିପାଠୀ/ ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ୍ ସାରଙ୍ଗଗଡ଼ ଥାନା କାଣିବାରୁଡ଼ି ଛକ ନିକଟରେ ସୋମବାର ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛରେ ଧକ୍କା ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସୁଷମା କହଁର (୨୦) ଓ ଆଶୁତୋଷ ପ୍ରଧାନ (୧୯)। ସୂଚନା ଅନୁସାରେ, ଆଶୁତୋଷ ବାଇକ୍‌ରେ ସୁଷମାଙ୍କୁ ବସାଇ ଫିରିଙ୍ଗିଆ ଅଞ୍ଚଳରୁ ଗୁଟିଙ୍ଗିଆ ଯାଉଥିଲେ। କାଣିବାରୁଡ଼ି ଛକ ନିକଟସ୍ଥ ବୁଲାଣି ରାସ୍ତାରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଆଶୁତୋଷଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସୁଷମା ଗୁରୁତର ଆହତ ହୋଇଥିଲେ। ଖବରପାଇ ସାରଙ୍ଗଗଡ଼ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଆଶୁତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ସୁଷମାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ବେଳେ ଅଧା ବାଟରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଥାନାରେ ନଂ.୨୧/୨୬ରେ ଏକ ମାମଲା ରୁଜୁ ହୋଇଛି।

# ଗାଡ଼ି ଧକ୍କାରେ ହେଟାବାଘ ମୃତ

## ଲାଞ୍ଜ, ଗୋଡ଼, ନଖ କାଟିନେଲେ ଦୁର୍ବୃତ୍ତ



କାଳିମେଳା, ୧୯।୧ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ରେଞ୍ଜ ଅଧୀନ ତଥା କାଳିମେଳା-ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର ଏମ୍‌ଭି ୭୨ ନିକଟସ୍ଥ ଶାନ୍ତିନଗରଠାରେ ସୋମବାର ଭୋର ସମୟରେ ଗୋଟିଏ ହେଟାବାଘର ମୃତଦେହ ଜବତ କରାଯାଇଛି। ଏକ ବଡ ଗାଡ଼ି ଧକ୍କାରେ ହେଟାବାଘର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ଦୁର୍ବୃତ୍ତମାନେ ମୃତ ହେଟାବାଘର ଗୋଟିଏ ଗୋଡ଼, ଲାଞ୍ଜ ଏବଂ ନଖ କାଟି ନେଇଯାଇଥିବା ଦେଖିବାକୁ ମିଳିଛି। ଖବରପାଇ କାଳିମେଳା ରେଞ୍ଜର ବିଜୟ କୁମାର ନାୟକ, ଫରେଷ୍ଟର ମୃତ୍ୟୁଞ୍ଜୟ ସେଠୀ ଏବଂ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କାଳିମେଳା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଜବତ ହେଟାବାଘର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହା ଏକ ଅଣ୍ଡିରା ବାଘ ହୋଇଥିବା ବେଳେ ଏହାର ବୟସ ପ୍ରାୟ ୫ ବର୍ଷ ଏବଂ ଉଚ୍ଚତା ସାଢ଼େ ୩ଫୁଟ ବୋଲି କାଳିମେଳା ରେଞ୍ଜର ନାୟକ କହିଛନ୍ତି। ବ୍ୟବଚ୍ଛେଦ ପରେ ହେଟାକୁ ନେଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପୋତି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ୨୧ରୁ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା'

ଭୁବନେଶ୍ୱର,୧୯।୧ (ଅନୁରାଧା ମହାରଣା)

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ ଜନତା ମଇଦାନରେ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ। ଏହା ୨୩ ପର୍ଯ୍ୟନ୍ତ ଚାଲିବ ବୋଲି ଓୟୁଏଟି ଭେଟେରିନାରି କଲେଜ ଅଡିଟୋରିୟମରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଲେ, କ୍ଷୀର, ମାଂସ, ଅଣ୍ଡା ଓ ମାଛ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ହେବ। ଏକ୍ଷେତ୍ରରେ ଚାଷୀଙ୍କୁ ଉତ୍ସାହିତ କରିବା ସହ ବଜାର ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି ସମାବେଶକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ସେହିପରି ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଉପସ୍ଥିତ ରହିବେ। ଚଳିତ ବର୍ଷର ଥିମ୍ ରହିଛି 'ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା ; ବିକଶିତ ହେବ ଆମ ଓଡ଼ିଶା'। ସମାବେଶରେ ପ୍ରତି ବ୍ଲକରୁ ୨୬ଜଣ ଲେଖାଏ ମୋଟ ୮୧୬୪ ଜଣ ମତ୍ସ୍ୟଚାଷୀ ଓ ପ୍ରାଣିପାଳକ ଯୋଗଦେବେ। ପ୍ରତ୍ୟେକ ଉପଖଣ୍ଡରୁ ୬ଜଣ ସଫଳ ପ୍ରାଣିପାଳକ ଓ ମତ୍ସ୍ୟଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଭାଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୦ଜଣ ଶ୍ରେଷ୍ଠ ଅଧିକାରୀ ଏବଂ ବକ୍ତୃତା ଓ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ।

୨୧ ତାରିଖ ସକାଳେ କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ୱାକାଥନ ଆୟୋଜିତ ହେବ। ସମାବେଶରେ ୧୨ଟି ଇଣ୍ଟରାକ୍ଟିଭ ପ୍ୟାନେଲ ଆଲୋଚନାଚକ୍ର ଅନୁଷ୍ଠିତ ହେବ। 'ମନ୍ତ୍ରୀଙ୍କୁ ପଚାରନ୍ତୁ' କାର୍ଯ୍ୟକ୍ରମରେ ଚାଷୀଙ୍କ ପ୍ରଶ୍ନର ସିଧାସଳଖ ଉତ୍ତର ରଖିବେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ୩ଟି ହ୍ୟାଙ୍ଗର୍‌ରେ ପ୍ରାୟ ୨୦୮ ଷ୍ଟଲ୍‌ରେ ମତ୍ସ୍ୟ, ପ୍ରାଣିପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହେବ। ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ମତ୍ସ୍ୟ ଓ ପ୍ରାଣୀ ଲାଇଭ୍ ଡେମନଷ୍ଟ୍ରେଶନ କରାଯିବ। ପ୍ରତି ସନ୍ଧ୍ୟାରେ ଲୋକନୃତ୍ୟ ଏବଂ ଶାସ୍ତ୍ରୀୟ ନୃତ୍ୟ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମାବେଶକୁ ଅଧିକ ଆକର୍ଷଣୀୟ କରିବା ପାଇଁ ହରିୟାଣାର ଦୁଇଟି ମଇଁଷି ଷଣ୍ଢ ସୁରବୀର ଏବଂ ଇନ୍ଦର, ଆନ୍ଧ୍ରପ୍ରଦେଶର ଛୋଟ ପ୍ରଜାତିର ପୁଙ୍ଗାନୁର ଗାଈ ଓ ଗୁଜରାଟରୁ କାଙ୍କରେଜ ଷଣ୍ଢ ଆସୁଛି। ୨୩ ତାରିଖ ସକାଳ ୮ଟା ୩୦ରେ ଡଗ ଶୋ ଓ ସନ୍ଧ୍ୟା ୬ଟା ୩୦ରେ ପେଟ୍ ଫ୍ୟାଶନ ଶୋ ହେବ। ଲାଇଭ ସି ଫୁଡ୍ କିଚେନ, ଭର୍ଚୁଆଲ ରିଅଲିଟି ଫାର୍ମ ଟୁର୍, ଡ୍ରୋନ୍ ଶୋ, ଲେଜର୍ ଶୋ, ଚିତ୍ରକଳା ପ୍ରଦର୍ଶନୀ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଗଣଙ୍କ ସହ ସେଲ୍‌ଫି ଜୋନ ଆଦି ଆକର୍ଷଣ ସାଜିବ। ଖବରଦାତା ସମ୍ମିଳନୀରେ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣିପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲମ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମାବେଶ ସମ୍ପର୍କରେ ସୂଚନା ଦେଉଛନ୍ତି।

# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ: ୧୧।୧୦।୧୯୭୫
ତିରୋଧାନ: ୦୯।୦୧।୨୦୨୬

**୰ସଞ୍ଜୟ ଅଗ୍ରୱାଲ**
ଗ୍ରାଣ୍ଡରୋଡ୍, ପୁରୀ

-:ଶୋକସନ୍ତପ୍ତ:-
ଅଜୟ ଅଗ୍ରୱାଲ, ନମନ ଅଗ୍ରୱାଲ, ଅକ୍ଷତ ଅଗ୍ରୱାଲ, ଅଭୟ ଅଗ୍ରୱାଲ ଓ ଅଂଶିକା ଅଗ୍ରୱାଲ।
ଧ-୩୧୫୩

## ଦଶାହ ଉପଲକ୍ଷେ



**୰ଶରତ ଚନ୍ଦ୍ର ମହାନ୍ତି**
(ପୂର୍ବତନ କୃଷି ଅଧିକାରୀ)
ଗ୍ରାମ- ନାଇଲୋ, ଅଡ଼ଙ୍ଗଗଡ଼, ଜଗତ୍‌ସିଂହପୁର
ଆବିର୍ଭାବ- ୧୪।୦୩।୧୯୫୬
ତିରୋଧାନ- ୧୧।୦୧।୨୦୨୬
ଆଜି ତୁମର ଦଶାହ ଅବସରରେ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଭାଇ- ଅଶୋକ, ଶିଶିର ଓ ସଚ୍ଚିଦାନନ୍ଦ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୩୨୪୬

# Classified Everyday

0674-2580101, 9692975378



## REAL ESTATE SALE

Semi- Commercial Land for Sale At ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614.
D-3115

11decimal (4800 Sqft.) Commercial/ residential plot facing NH and having side road near Kathagada bypass, Dhenkanal is ready for sale. Contact: Mob- 9437521402/ 9337769022.
D-3149

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140.
D-3023

## PURCHASE

**Wanted GA Plot 40' x 60' and 75' x 50' at Ghatikia and Sampur, Bhubaneswar before or after freehold for purchase. Contact: 7656861995 this week.**
D-75859

## AFFIDAVIT

By virtue of an affidavit sworn before Notary Public, Daringbadi, dated- 22.11.2025, I, Jakab Pradhan, Address: Village- Katabadi, P.O.- Partamaha, P.S.- Daringbadi, Dist.- Kandhamal, Odisha, PIN- 762104 declare that I have changed the name of my son from Rupesh Pradhan (Old name) to Rishant Pradhan (New name). Henceforth, he shall be known as Rishant Pradhan (New name) for all purposes.
Jakab Pradhan
D-3147

By virtue of an affidavit sworn before the Executive Magistrate, Saintala, Dtd.- 16.05.2025, I, Prafulla Kumar Nag, S/o.- Late Arakhita Nag, R/o. Village- Deogaon, P.O.- Dhumabhata, P.S.- Saintala, Dist.- Balangir (Odisha), PIN- 767026 declare that now I have changed my son's name from Pratyush Nag to Pratyush Kumar Nag. Henceforth, he shall be known as Pratyush Kumar Nag for all purposes.
Prafulla Kumar Nag
D-3148

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, Dtd.- 12.01.2026, I, Kunti Dighal, D/o.- Yakub Dhanuwar, wife of Alboo Digal, Residential address: Sahid Laxman Behera Basti, IRC Village, P.S.- Nayapalli, Bhubaneswar, Dist.- Khordha, PIN- 751015, my name wrongly mentioned in Aadhaar card xxxx xxxx 2236 Saraswoti Digal. I declare that I have one name KUNTI DIGHAL. Henceforth, I shall be known as Kunti Dighal for all future purposes.
D-3150

By virtue of an order dt. 30th day of June 2017 of Hon'ble Civil Judge (JD) Nimapara, in Civil Suit No. 36 of 2017, the father of Suratha Chandra Jena, Village- Durgapur, P.O.- Dakhinaradas, P.S.- Balanga, Dist.- Puri shall be known as Muralidhar Jena instead of Giridhari Jena for all purpose. A Gazette Notification in this regard shall be published for necessary correction in all official and non-official records.
D-3154

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No. 84, dated- 16.01.2026

ନୋଟିସ

ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ (I.A.S.)
ଅତିରିକ୍ତ ରିଭିଜନ୍ କୋର୍ଟ ନଂ.- ୪, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ଓ.ଏସ୍.ଏସ୍. କେସ୍ ନଂ.- ୨୧୬/୨୦୨୫

ଜୟଶ୍ରୀ ମାଝି ........ବାଦୀ
ବନାମ
ସେଟଲ୍‌ମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ .....ପ୍ରତିବାଦୀ ସମୂହ

ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

ପ୍ରତିବାଦୀ ନଂ.୫- ସୋମନାଥ ସୁନ୍ଦରାୟ, ପିତା: ୰ଭଜି ସୁନ୍ଦରାୟ, ପ୍ରତିବାଦୀ ନଂ.୬- ଲକ୍ଷ୍ମୀଧର ସୁନ୍ଦରାୟ, ପିତା: ୰ହାଡ଼ିବନ୍ଧୁ ଓରଫ ହାଡୁ ସୁନ୍ଦରାୟ, ଉଭୟଙ୍କର ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ପିନ୍- ୭୫୧୦୨୪, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ପ୍ରତିବାଦୀ ନଂ.୭- ନାରାୟଣ ଓରଫ ନାରଣ ସୁନ୍ଦରାୟ, ପିତା- ୰ହାଡ଼ିବନ୍ଧୁ ଓରଫ ହାଡୁ ସୁନ୍ଦରାୟ, ସା- ବାଲିପଡ଼ା, ପୋ- ଦାଢ଼ା, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.୮- ପୁରସ୍ତମ ସୁନ୍ଦରାୟ, ପିତା- ୰କାହ୍ନୁ ସୁନ୍ଦରାୟ, ପ୍ରତିବାଦୀ ନଂ.୯- ଅଧିକାରୀ ସୁନ୍ଦରାୟ, ପିତା- ୰କାହ୍ନୁ ସୁନ୍ଦରାୟ, ପ୍ରତିବାଦୀ ନଂ.୧୦- ଭାଗୀରଥି ସୁନ୍ଦରାୟ, ପିତା- ୰ଅନାଥବନ୍ଧୁ ସୁନ୍ଦରାୟ, ପ୍ରତିବାଦୀ ନଂ.୧୧- ଦାଶରଥି ସୁନ୍ଦରାୟ, ପିତା- ୰ଅନାଥବନ୍ଧୁ ସୁନ୍ଦରାୟ, ପ୍ରତିବାଦୀ ନଂ.୧୨- ମରୁଆ ବେୱା ଓରଫ ସୁନ୍ଦରାୟ, ସ୍ୱାମୀ- ୰ମୋହନି ଓରଫ ମହନ ସୁନ୍ଦରାୟ, ପ୍ରତିବାଦୀ ନଂ.୧୩- କୁଞ୍ଜ ସୁନ୍ଦରାୟ, ପିତା- ଗୋପୀ ସୁନ୍ଦରାୟ, ପ୍ରତିବାଦୀ ନଂ.୧୪- ଦିବାକର ପ୍ରଧାନ, ପିତା- ମଦନ ପ୍ରଧାନ, ପ୍ରତିବାଦୀ ନଂ.୧୫- ଲିଙ୍ଗରାଜ ପ୍ରଧାନ, ପିତା- ମୋହନ ଓରଫ ମହନ ପ୍ରଧାନ, ପ୍ରତିବାଦୀ ନଂ. ୮, ୯, ୧୦, ୧୧, ୧୨ ଓ ୧୫ମ୍ବରଙ୍କ ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ପିନ୍- ୭୫୧୦୨୪, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ. ୫, ୬, ୭, ୮, ୯, ୧୦, ୧୧, ୧୨, ୧୩, ୧୪ ଓ ୧୫ ରୂପେ ରହିଅଛି। କିନ୍ତୁ ରେଜିଷ୍ଟ୍ରୀ ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ ଦିଆଗଲେ ମଧ୍ୟ ତୁମ୍ଭେମାନେ ଗ୍ରହଣ କରୁନାହଁ। ଆମ୍ଭେ ବାଦୀ ବାରମ୍ବାର ଚେଷ୍ଟାକରି ମଧ୍ୟ ପ୍ରତିବାଦୀମାନେ ଜୀବିତ କି ମୃତ ଜାଣିପାରୁନାହୁଁ। ଯଦି ପ୍ରତିବାଦୀମାନେ ଜୀବିତ ନାହାନ୍ତି ତେବେ ସେମାନଙ୍କର ଉତ୍ତରାଧିକାରୀମାନେ ଏବଂ ଯଦି ପ୍ରତିବାଦୀ ଜୀବିତ ତେବେ ନିଜେ ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା ୨୩।୦୨।୨୦୨୬ରିଖରେ ୧୧:୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ/ଉତ୍ତରାଧିକାରୀ ନିଜେ କିମ୍ବା ତାଙ୍କର ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉପରୋକ୍ତ କେସ୍‌ର ଫଇସଲା କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓ.ଏସ୍.ଏସ୍. କେଶ୍‌ର ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ନଂ.୩୩ମ୍ବର, ମୌଜା- ଭୁଆଷୁଣୀ।

ସାବକ ଖାତା- ମୂଳ ସାବକ ଖାତା ୨୨୦ ସାବକ ମ୍ୟୁଟେସନ୍ ଖାତା ନଂ.୨୨୮/୧୪୪, ସାବକ ପ୍ଲଟ୍- ୫୧୩, ଏରିଆ- ଏ ୧.୭୨୫ ସ୍ଥ ଏ ୦.୦୩୦, ହାଲ୍ ଖାତା- ୧୫୨୨, ହାଲ୍ ପ୍ଲଟ୍- ୨୨୪୪, ଏରିଆ- ୦.୦୯୫ ସ୍ଥ ଏ ୦.୦୩୦।

ଏଣୁ ଉପରୋକ୍ତ ମାମଲାର ଉପର ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ସ୍ଥାନ: ଭୁବନେଶ୍ୱର — ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ କ୍ରମେ
ତାରିଖ: — ସ୍ୱା./- କୋର୍ଟ ଅଧିକାରୀ
ଧ-୩୧୫୧

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧
ଶ୍ରୀମତୀ କନକଚମ୍ପା ମେହେର, ଓ.ଏସ୍.ଏସ୍. (ଏସ୍.ଏ.ଜି),
ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ. - ୧୧୯୬/୨୦୨୨

ସୂର୍ଯ୍ୟକାନ୍ତ ବିଶୋଇ ଏବଂ ଅନ୍ୟ ଜଣେ ........ବାଦୀ /ଦରଖାସ୍ତକାରୀ
ବନାମ
ଦେବରାଜ ନାୟକ ଓ ଅନ୍ୟମାନେ ........ପ୍ରତିବାଦୀମାନେ/ଅପରପକ୍ଷ

ନୋଟିସ୍ ଅଣ୍ଡର ଅର୍ଡର-୫, ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
ପ୍ରତିବାଦୀମାନେ: ୧) ଦେବରାଜ ନାୟକ, ପିତା- ୰ ଜଇ ନାୟକ, ୨) ଉପେନ୍ଦ୍ର ନାୟକ, ପିତା- ୰ ଜଇ ନାୟକ, ୩) ଟୁକୁନା ନାୟକ, ସ୍ୱାମୀ- ଦେବରାଜ ନାୟକ, ପିତା- ୰ ଜୟୀ ନାୟକ, ଠିକଣା- ସା- କୁଜିମହଲ, ପୋ/ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୪) କୁନିଲତା ବେହେରା, ସ୍ୱାମୀ- ଡମ୍ବରୁଧର ବେହେରା, ପିତା- ୰ ଜୟୀ ନାୟକ, କ୍ର. ନଂ. ୧), ୨) ଓ ୪)ଙ୍କ ଠିକଣା- ସା- ଚକେଇସିହାଣି, ପୋ- ରସୁଲଗଡ଼, ଥା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୫) ଅଚ୍ୟୁତ ନାୟକ, ପିତା- ହାଡୁ ନାୟକ, ଠିକଣା: ସା- ପଥରଗାଡ଼ିଆ, ପୋ- ଦାରୁଠେଙ୍ଗ, ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୬) କାମିନୀ ଦେହୁରୀ, ସ୍ୱାମୀ- କୁନାଲ ଦେହୁରୀ, ପିତା- ମହେଶ୍ୱର ନାୟକ, ଠିକଣା- ସା- ଘଙ୍ଗାପାଟଣା, ପୋ- ପାଇକରାପୁର, ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୭) ଦିଗମ୍ବର ମଲ୍ଲ, ପିତା- କୃଷ୍ଣଚନ୍ଦ୍ର ମଲ୍ଲ, ଠିକଣା: ସା- ବଲ୍ଲଭପୁର, ପୋ/ଥା- ସାଲେପୁର, ଜିଲ୍ଲା- କଟକ

ନୋଟିସ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୧ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜିଲାସରେ ଆସନ୍ତା ତା.୧୧.୦୩.୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ


ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ. ୪୦, ମୌଜା- ପଥରଗାଡ଼ିଆ, ହାଲ୍ ଖାତା ନଂ. ୨୮, ହାଲ୍ ପ୍ଲଟ୍ ନଂ. ୪୪୦୧, ରକବା- ଏ୦.୩୭୦ ଡିସିମିଲ ସ୍ଥଧରୁ ଏ୦.୦୭୧ ଡିସିମିଲ ଯାହାର ସାବକ ଖାତା ନଂ. ୩୮୭, ସାବକ ପ୍ଲଟ୍ ନଂ. ୧୧୧୧, ଏରିଆ ଏ୦.୧୭୯ ଡିସିମିଲ ସ୍ଥଧରୁ ଏ୦.୦୭୧ ଡିସିମିଲ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତାରିଖ: — ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର — ସ୍ୱା./- କୋର୍ଟ ଅଫିସର
ଧ-୩୧୫୨

# ଫିଡ୍‌ବ୍ୟାକ୍

**ଘରେ ହେଉ କି ବାହାରେ ଲୋକେ କ'ଣ କହିବେ ସେଥିପାଇଁ ଆମେ ଖୁବ୍ ବ୍ୟସ୍ତ ହୋଇପଡ଼ୁ। ଖାସ୍ ଏଇଥିପାଇଁ ତ ମହିଳାମାନେ ଭିନ୍ନ ଭିନ୍ନ ଭୂମିକାରେ ନିଜକୁ ସାବ୍ୟସ୍ତ କରିବା ଲାଗି ଖୁବ୍ ଚେଷ୍ଟା କରନ୍ତି। ଆଉ ସମସ୍ତଙ୍କଠାରୁ ପଜିଟିଭ୍ ଫିଡ୍‌ବ୍ୟାକ୍ ଆଶା କରିଥାନ୍ତି। କିନ୍ତୁ ସମସ୍ତଙ୍କୁ ସନ୍ତୁଷ୍ଟ କରିବା ବଦଳରେ ନିଜେ ସନ୍ତୁଷ୍ଟ ରହିବା ଅଧିକ ଗୁରୁତ୍ୱପୂର୍ଣ୍ଣ...**



ନିଜ କାମର ଫିଡ୍‌ବ୍ୟାକ୍ ଜାଣିବା ପାଇଁ ସମସ୍ତଙ୍କର ଆଗ୍ରହ ଥାଏ। ସାଧାରଣତଃ ମହିଳାମାନେ ଘରେ, ବାହାରେ ଓ ଅଫିସରେ କାମ କରନ୍ତି। ସବୁ ସ୍ଥାନରେ ପଜିଟିଭ୍ ଫିଡ୍‌ବ୍ୟାକ୍ ଶୁଣିବାର ଇଚ୍ଛା ବି ରଖିଥାନ୍ତି। କିନ୍ତୁ ସବୁ ଦାୟିତ୍ୱରେ ସଫଳତାର ସହିତ ଆଗକୁ ଯିବାକୁ ହେଲେ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ହେବ। ଆଉ ଏଥିପାଇଁ ଅନ୍ୟମାନଙ୍କ ତୁଳନାରେ ନିଜକୁ ନିଜେ ଫିଡ୍‌ବ୍ୟାକ୍ ଦେବା ଅଧିକ ଗୁରୁତ୍ୱପୂର୍ଣ୍ଣ। ପରିବାରରେ ନାରୀଟିଏ ଭିନ୍ନ ଭିନ୍ନ ଭୂମିକାରେ ନିଜର ଦାୟିତ୍ୱ ନିର୍ବାହ କରିଥାଏ। ସମସ୍ତଙ୍କୁ ସନ୍ତୁଷ୍ଟ କରିବା ଲକ୍ଷ୍ୟରେ ନିଜର କର୍ତ୍ତବ୍ୟ ପୂରଣ କରିବାକୁ ଯଥାସମ୍ଭବ ପ୍ରୟାସ ବି କରିଥାଏ। ବିଭିନ୍ନ ପ୍ରକାରର କାମ କରିବା ପରେ ନିଜ ଅବଦାନକୁ ନେଇ ସମସ୍ତଙ୍କ ଠାରୁ ଏକ ସକାରାତ୍ମକ ଫିଡ୍‌ବ୍ୟାକ୍‌ର ଆଶା କରିଥାଏ। ଅନୁରୂପଭାବେ କର୍ମଜୀବୀମାନେ ବି ନିଜ ସହକର୍ମୀ ତଥା ବସ୍‌ଙ୍କଠାରୁ ଏମିତି ଏକ ଫିଡ୍‌ବ୍ୟାକ୍ ଇଚ୍ଛା ରଖନ୍ତି। କିନ୍ତୁ ସବୁ ସମୟରେ ଓ ସବୁସ୍ଥାନରେ ପଜିଟିଭ୍ ଫିଡ୍‌ବ୍ୟାକ୍ ଯେ ମିଳିବ ତାହା ହୋଇ ନ ପାରେ। ତେଣୁ ସବୁ କ୍ଷେତ୍ରରେ ଅନ୍ୟର ଫିଡ୍‌ବ୍ୟାକ୍ ତୁଳନାରେ ନିଜକୁ ନିଜେ ବୁଝେଇ ସନ୍ତୁଷ୍ଟ ରହିବା ଦରକାର। ଏପରି ଭାବନା ରହିଲେ ଆତ୍ମସନ୍ତୋଷ ରହିବା ସହ ଅନ୍ୟମାନଙ୍କ ଠାରୁ କୌଣସି ଆଶା ରହିବନି ଯାହାଫଳରେ ସମ୍ପର୍କ ବି ଠିକ୍ ରହିବ। ତେଣୁ ଫିଡ୍‌ବ୍ୟାକ୍‌କୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରି ଆଗକୁ ବଢ଼ିବାକୁ ହେବ। ଏଥି ନିମନ୍ତେ କେଉଁ ସବୁ ଦିଗପ୍ରତି ଧ୍ୟାନ ରଖିବାକୁ ହେବ ଜାଣନ୍ତୁ।

## ନିଜକୁ ମାନ୍ୟତା ଦିଅନ୍ତୁ

ବେଳେବେଳେ ଅନ୍ୟମାନଙ୍କ ମତାମତକୁ ନେଇ ମନ ବିଚଳିତ ହୋଇଯାଏ। ନିଜ ବିଷୟରେ ନକାରାତ୍ମକ କଥା ଶୁଣି ଆତ୍ମବିଶ୍ୱାସ କମିଯାଏ। ତେଣୁ ପ୍ରଥମ କଥା ହେଉଛି ନିଜକୁ ମାନ୍ୟତା ଦିଅନ୍ତୁ। ଅର୍ଥାତ୍ ନିଜ କାମ କି ବ୍ୟବହାରରେ ସେଭଳି କିଛି ତ୍ରୁଟି ନାହିଁ ଓ ଆପଣ ଯଥାସମ୍ଭବ ଚେଷ୍ଟା କରିଛନ୍ତି ବୋଲି ଭାବିବା ଅଧିକ ମହତ୍ତ୍ୱପୂର୍ଣ୍ଣ। ନିଜର ଛୋଟ ଛୋଟ ଖୁସିକୁ ଏନ୍‌ଜୟ କରନ୍ତୁ। ଆତ୍ମସମ୍ମାନ ବଢ଼ାଇବାର ଏହା ଏକ ସୁନ୍ଦର ଉପାୟ। ଏପରି ହେଲେ ଧୀରେ ଧୀରେ ଅନ୍ୟମାନେ ବି ଆପଣଙ୍କୁ ସ୍ୱୀକାର କରିବା ଆରମ୍ଭ କରିବେ। ତେଣୁ ଅନ୍ୟମାନଙ୍କ ସ୍ୱୀକୃତି ବଦଳରେ ନିଜର ସ୍ୱୀକୃତି ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ।





## ଦାୟିତ୍ୱ ବାଣ୍ଟନ୍ତୁ

ପରିବାର ତଥା କର୍ମକ୍ଷେତ୍ର ଓ ବିଭିନ୍ନ ସ୍ଥାନରେ ମହିଳାଙ୍କୁ ଭିନ୍ନ ଭିନ୍ନ ଭୂମିକାରେ ନିଜର କାମ କରିବାକୁ ପଡ଼ିଥାଏ। ସବୁ ସ୍ଥାନରେ ସମସ୍ତଙ୍କର ଶହେ ପ୍ରତିଶତ ଇଚ୍ଛା ପୂରା କରିବା ସମ୍ଭବ ନୁହେଁ। ତେଣୁ ସବୁ ସ୍ଥାନରେ ଏକ ସନ୍ତୁଳନ ରଖିବାକୁ ହେବ। ଏଥିପାଇଁ ପ୍ରଥମେ ନିଜର ସୀମା ସ୍ଥିର କରନ୍ତୁ। ବାସ୍ତବିକ ରୂପେ ନିଜ ଦାୟିତ୍ୱକୁ ବାଣ୍ଟିବା ଜରୁରୀ। ଏପରି ହେଲେ ଆପଣ ମାନସିକ ଓ ଭାବନାତ୍ମକ ଦୃଷ୍ଟିରୁ ଏକ ସନ୍ତୁଳନ ରକ୍ଷା କରିପାରିବେ। ଫଳରେ ସବୁ ସମ୍ପର୍କରେ ଏକ ସନ୍ତୁଳନ ରକ୍ଷା ହୋଇପାରିବ।

## ପ୍ରକୃତ କାରଣ

ନିଜକୁ ପ୍ରଶ୍ନ କରନ୍ତୁ ଯେ ଯାହା ବି କାମ କରୁଛନ୍ତି, କାହିଁକି କରୁଛନ୍ତି ଅବା ସେହି କାମ ପଛର ଉଦ୍ଦେଶ୍ୟ କ'ଣ। ଯଦି ନିଜର ଖୁସି ପାଇଁ କିମ୍ବା ଦାୟିତ୍ୱ ପୂରା କରିବା ଉଦ୍ଦେଶ୍ୟରେ କୌଣସି କାମ କରୁଥାନ୍ତି ତେବେ ଅନ୍ୟ କାହାର ସ୍ୱୀକୃତି ନିହାତି ଜରୁରୀ ନୁହେଁ। ସମ୍ପର୍କ ମଜଭୁତ କରିବା ପାଇଁ ଆପଣ ନିଜ ହିସାବରେ ଦାୟିତ୍ୱ ଅନୁସାରେ ହିଁ କାମ କରନ୍ତୁ। ଯଦି ନିଜ ଦାୟିତ୍ୱ ପୂରା କରିବା ନେଇ ନିଜେ ସନ୍ତୁଷ୍ଟ ହୋଇ ପାରୁଛନ୍ତି ତା'ହେଲେ ଅନ୍ୟ ଲୋକଙ୍କ ଫିଡ୍‌ବ୍ୟାକ୍ ନକାରାତ୍ମକ ହେଲେ ବି ଅନୁଶୋଚନା କରନ୍ତୁ ନାହିଁ। ନିଜର ପରିଶ୍ରମ ଓ କାମ ସବୁକିଛି କରିବା କ୍ଷେତ୍ରରେ ଆପଣ ଯଥେଷ୍ଟ ଯୋଗଦାନ ଦେଇଛନ୍ତି, ଏହି ଭାବନା ହିଁ ଆଗକୁ ଅଧିକ ସଫଳତା ପାଇବା କ୍ଷେତ୍ରରେ ସହାୟକ ହୋଇପାରିବ। ଆତ୍ମବିଶ୍ୱାସର ଅର୍ଥ ହେଉଛି ନିଜ ଉପରେ ଭରସା କରିବା କିନ୍ତୁ ଅନ୍ୟର ସ୍ୱୀକୃତି ନିହାତି ଜରୁରୀ ନୁହେଁ। ନିଜ କାମକୁ ନେଇ ସନ୍ତୁଷ୍ଟ ରୁହନ୍ତୁ କିନ୍ତୁ ନିଜର ଦୁର୍ବଳତାକୁ ନେଇ ସଚେତନ ବି ରୁହନ୍ତୁ। ଦୁର୍ବଳତାକୁ ଜାଣି ପରିବର୍ତ୍ତନ କରିବା ଦିଗରେ ମଧ୍ୟ ସଚେତନ ରହିବାକୁ ହେବ। ଏଭଳି ହେବା ଫଳରେ ଆପଣ ନିଜର ସବୁ ଭୂମିକାକୁ ନେଇ ସନ୍ତୁଷ୍ଟ ରହିପାରିବେ।

### ଏମାନେ କ'ଣ କରନ୍ତି



**ମନକୁ ବୁଝାଇ ଦେଇଛି:** ବିବାହ ପରେ ଫିଡ୍‌ବ୍ୟାକ୍‌କୁ ନେଇ ଭାରି ବ୍ୟସ୍ତ ଲାଗୁଥିଲା। କାଳେ କେହି କ'ଣ କହିବେ ଭାବି ସବୁବେଳେ ଗୋଟେ ଭୟରେ କାମ କରୁଥିଲି। ହେଲେ କିଛିଦିନ ପରେ ପରିସ୍ଥିତି ସହିତ ନିଜକୁ ବଦଳାଇବାକୁ ବାଧ୍ୟ ହେଇଛି। କାହିଁକି ନା ସବୁବେଳେ ଏକ ଭୟ ମାନସିକତା ଭିତରେ ରହି ମୁଁ ନିଜର କ୍ଷତି କରୁଥିଲି। ଏ ନେଇ ମତେ ପ୍ରଥମେ ମୋ ସ୍ୱାମୀ ବୁଝାଇଥିଲେ। ସେଦିନରୁ ମୁଁ ଜାଣିଥିଲି କି ସମସ୍ତଙ୍କୁ ଶହେ ପ୍ରତିଶତ ସନ୍ତୁଷ୍ଟ କରିବା ସମ୍ଭବ ନୁହେଁ। ତେଣୁ ମୋର କର୍ତ୍ତବ୍ୟ ଅନୁସାରେ ସବୁ କାମ କରୁଛି। କିଏ ଭଲ କହୁ କି ନ କହୁ ସେଥିପ୍ରତି ଆଉ ଏବେ ବେଶି ଚିନ୍ତା କରୁନି।

– ସ୍ମିତାଞ୍ଜଳି ବେହେରା
*ଗୃହିଣୀ, ପ୍ରତାପନଗରୀ, କଟକ*



**ଭୁଲ୍ ସୁଧାରିବାକୁ ଚେଷ୍ଟା କରେ:** ଅଧ୍ୟାପିକାଭାବେ କଲେଜରେ ମୋ କାମକୁ ନେଇ କିଏ କ'ଣ କହୁଛି ସେକଥା ଜାଣିବାର ଭାରି ଆଗ୍ରହ ରହୁଥିଲା। କିନ୍ତୁ ଏତେ ବର୍ଷ ଚାକିରି କରିବା ପରେ ଆଉ କାହାର ଫିଡ୍‌ବ୍ୟାକ୍ ପାଇଁ କିଛି ସେମିତି ବିଚଳିତ ହେଉନି। ଏମିତିକି ଆମ ସିନିଅରମାନେ ଯଦି ନେଗେଟିଭ୍ ଫିଡ୍‌ବ୍ୟାକ୍ ଦିଅନ୍ତି ତେବେ ବି ଏତେ ବ୍ୟସ୍ତ ହୁଏନି। ମୋର ଯଦି ପ୍ରକୃତରେ କୌଣସି କ୍ଷେତ୍ରରେ ଭୁଲ୍ ଥାଏ ତା'ହେଲେ ମୁଁ ସ୍ୱୀକାର କରେ ଓ ସେଥିପ୍ରତି ସଚେତନ ହେବାକୁ ଚେଷ୍ଟା କରେ। ଭବିଷ୍ୟତରେ ଭୁଲ୍ ନ କରିବା ଆଉ ଭଲ କାମ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରେ। କଲେଜରେ କାହା ବିଷୟରେ କୌଣସି ଚୁଗୁଲି କରେନି କି କିଏ କିଛି କହିଲେ ସେ କଥାକୁ ଏତେ ଧ୍ୟାନ ଦିଏନି। ଆଉ ବସ୍ ଯଦି କିଛି କହନ୍ତି ତେବେ ତାଙ୍କୁ ପ୍ରକୃତ ସତ୍ୟ ଜଣାଇଥାଏ। ତେଣୁ ସିଏ ମତେ କେବେ ଦୋଷାରୋପ କରନ୍ତି ନାହିଁ। ବରଂ ଅଧିକ ଭଲ କାମ କରିବା ପାଇଁ ପ୍ରେରଣା ଦେଇଥାନ୍ତି।

– ମଧୁସ୍ମିତା ସ୍ୱାଇଁ
ଅଧ୍ୟାପିକା, ଭୁବନେଶ୍ୱର





# କମାନ୍ତୁ ସ୍କ୍ରିନ୍ ଟାଇମ୍

**ମୋବାଇଲ ବ୍ୟବହାର ନେଇ ପିଲାଙ୍କର ଆକର୍ଷଣ ଦିନକୁ ଦିନ ବଢିଚାଲିଛି। ସମୟ ଏବେ ଏମିତି ହୋଇଛି ଯେ ଫୋନ୍‌କୁ ସେମାନଙ୍କ ଠାରୁ ସମ୍ପୂର୍ଣ୍ଣ ଦୂରେଇ ରଖିବା କଷ୍ଟକର ହୋଇପଡିଛି। ଏଭଳି କ୍ଷେତ୍ରରେ ପିଲାଙ୍କର ଫୋନ୍ ବ୍ୟବହାର କମ୍ କରିବା ପାଇଁ କ'ଣ କରିବେ ଜାଣନ୍ତୁ...**



➔ ପିଲାଙ୍କ ପାଇଁ ସେମାନଙ୍କ ସହିତ କଥାବାର୍ତ୍ତା ହୋଇ ଏକ ଟାଇମ୍ ଟେବଲ ସ୍ଥିର କରନ୍ତୁ। ପାଠପଢା ଖେଳକୁଦ ସହିତ ଫୋନ୍ ଦେଖିବାର ଏକ ସମୟ ନିର୍ଦ୍ଦିଷ୍ଟ କରନ୍ତୁ, ଯେପରି ପିଲାମାନେ କେବଳ ସେହି ସମୟ ମଧ୍ୟରେ ଫୋନ୍ ବ୍ୟବହାର କରିବେ। ଏପରି ହେଲେ ଅନ୍ୟ ସମୟରେ ସେମାନେ ନିଜ କାମ କରିବେ।

➔ପିଲାଙ୍କୁ ଆଉଟ୍‌ଡୋର୍ ଗେମ୍ ନିମନ୍ତେ ଉତ୍ସାହିତ କରନ୍ତୁ। କ୍ରିକେଟ୍, ଫୁଟବଲ୍ ଓ ସାଇକେଲିଂ ଆଦି ବିଭିନ୍ନ ଖେଳପାଇଁ ବ୍ୟବସ୍ଥା କରି ଦିଅନ୍ତୁ। ଫଳରେ ପିଲାମାନେ ଫୋନ୍‌ଠାରୁ କିଛି ସମୟ ଦୂରରେ ରହିବାର ସୁଯୋଗ ପାଇବେ।

➔ମୋବାଇଲ୍‌କୁ ପିଲାଙ୍କ ପାଇଁ ଏକ ପୁରସ୍କାର ଭଳି ବ୍ୟବହାର କରନ୍ତୁ। ସେମାନେ ହୋମୱାର୍କ କରିସାରିବା ପରେ କିମ୍ବା କୌଣସି ପାଠ ପୂରା କରିସାରିବା ପରେ କିଛି ସମୟ ପାଇଁ ଫୋନ୍ ବ୍ୟବହାର କରିବାର ସୁଯୋଗ ଦିଅନ୍ତୁ। ଏପରି କଲେ ସେମାନଙ୍କର ପାଠପ୍ରତି ଆଗ୍ରହ ବଢ଼ିବ।

➔ନିଜେ ପିଲାଙ୍କ ସହିତ କିଛି ସମୟ କଟାନ୍ତୁ। ସେମାନଙ୍କୁ ବାହାରକୁ ବୁଲାଇବା ପାଇଁ ନିଅନ୍ତୁ କିମ୍ବା ଖେଳନ୍ତୁ। ଏସବୁ ନ ହେଲେ ସେମାନଙ୍କ ସହିତ କେବଳ ଗପନ୍ତୁ। ଫଳରେ ମୋବାଇଲ୍ ବ୍ୟବହାର କରିବାର ସୁଯୋଗ ପାଇବେ ନାହିଁ ପିଲାମାନେ।

➔ମୋବାଇଲ୍ ବ୍ୟବହାରର ଖରାପ ପ୍ରଭାବ ସମ୍ପର୍କରେ ପିଲାଙ୍କୁ ବୁଝାନ୍ତୁ। ପିଲାମାନେ ଖରାପ ପ୍ରଭାବ ସମ୍ପର୍କରେ ବୁଝିପାରିଲେ ନିଜେ ଫୋନ୍ ବ୍ୟବହାର କମ୍ କରିବା ନେଇ ସଚେତନ ହୋଇପାରିବେ।

➔ପିଲାଙ୍କ ଆଗରେ ଅଭିଭାବକମାନେ ନିଜେ ଫୋନ୍ ବ୍ୟବହାର କରନ୍ତୁ ନାହିଁ। ଆବଶ୍ୟକ ହେଲେ ପିଲାଙ୍କୁ ନିଜର ଉଦାହରଣ ଦେଇପାରିବେ।

➔ଶୋଇବା ସମୟରେ ନିଜେ ଫୋନ୍ ଦେଖନ୍ତୁ ନାହିଁ କି ପିଲାଙ୍କୁ ଦେଖାନ୍ତୁ ନାହିଁ। ତେଣୁ ଶୋଇବା ଘରକୁ ଯିବା ପୂର୍ବରୁ ହିଁ ଫୋନ୍‌କୁ ବାହାରେ ରଖି ଯାଆନ୍ତୁ।

# ରୁମ୍ ହିଟର ବ୍ୟବହାର କରୁଥିଲେ..

**ଶୀତଦିନେ ଅତ୍ୟଧିକ ଥଣ୍ଡାରୁ ରକ୍ଷା ପାଇବା ପାଇଁ କେତେକେ ରୁମ୍ ହିଟର ବ୍ୟବହାର କରିଥାନ୍ତି। କିନ୍ତୁ ଏହାର ବ୍ୟବହାର କରୁଥିଲେ କେତେକ ଦିଗରୁ ସାବଧାନ ହେବାକୁ ପଡିବ...**



➤ରୁମ୍ ହିଟରକୁ ଘରର କେଉଁ ସ୍ଥାନରେ ରଖିବେ ପ୍ରଥମେ ତାହା ସ୍ଥିର କରନ୍ତୁ। ଏହାକୁ ଖଟ, ସୋଫା କିମ୍ବା ଘରର ପରଦା ପାଖରେ ରଖନ୍ତୁ ନାହିଁ। ଏପରି ହେଲେ ନିଆଁ ଲାଗିବାର ଆଶଙ୍କା ରହିଥାଏ। ଏହାକୁ ଘରର ଏକ ଖୋଲା ତଥା ସମତଳ ସ୍ଥାନରେ ରଖନ୍ତୁ ଓ ଧ୍ୟାନ ରଖନ୍ତୁ ଯେପରି ପାଖରେ କୌଣସି ଜ୍ୱଳନଶୀଳ ପଦାର୍ଥ ନ ଥିବ।

➤ଲୋକେ ବେଳେବେଳେ ରାତିସାରା ରୁମ୍ ହିଟର ଲଗାଇ ଛାଡି ଦିଅନ୍ତି। କିନ୍ତୁ ସେପରି କରନ୍ତୁ ନାହିଁ। ଓଭରହିଟିଂ ହେବାର ଆଶଙ୍କା ମଧ୍ୟ ରହିଥାଏ। ତେଣୁ ଶୋଇବା ପୂର୍ବରୁ ରୁମ୍ ହିଟର ବନ୍ଦ କରି ଦିଅନ୍ତୁ।

➤ବନ୍ଦ ହୋଇଥିବା ଘରେ ହିଟର ଲଗାନ୍ତୁ ନାହିଁ। ଏପରି ହେଲେ ଘର ଭିତରେ ଅମ୍ଳଜାନର ଅଭାବ ହୋଇଥାଏ। ଫଳରେ ଅଣନିଃଶ୍ୱାସୀ ହେବାର ଆଶଙ୍କା ରହିଥାଏ। ତେଣୁ ଝରକା କିମ୍ବା କବାଟ ଅଳ୍ପ ଖୋଲା ରଖନ୍ତୁ।

➤ରୁମ୍ ହିଟରରେ ସବୁବେଳେ ଭଲ କ୍ୱାଲିଟିର ସକେଟ୍ ଲଗାନ୍ତୁ। କଟା ହୋଇଥିବା କିମ୍ବା ଖରାପ କ୍ୱାଲିଟିର ଏକ୍ସଟେନଶନ୍ ବୋର୍ଡ ବ୍ୟବହାର କରନ୍ତୁ ନାହିଁ।

➤ପାଣି ପାଖରେ ଏହାକୁ ରଖନ୍ତୁ ନାହିଁ।

### ସୌନ୍ଦର୍ଯ୍ୟ

# ଶୀତରେ ଗ୍ଲୋଇଂ ମେକ୍‌ଅପ୍

**ଠିକ୍ ଭାବରେ ମେକ୍‌ଅପ୍ ନ ନେଲେ ଶୀତଦିନେ ସୌନ୍ଦର୍ଯ୍ୟ ଖରାପ ହୋଇ ଯାଇଥାଏ। ତେଣୁ ସୁନ୍ଦର ତଥା ଗ୍ଲୋଇଂ ମେକ୍‌ଅପ୍ ନିମନ୍ତେ କେଉଁ ସବୁ ଦିଗ ପ୍ରତି ଅଧିକ ଧ୍ୟାନ ଦେବାକୁ ହେବ ଜାଣନ୍ତୁ...**

➔ପ୍ରଥମେ ମେକ୍‌ଅପ୍ ଲଗାଇବା ପୂର୍ବରୁ ମୁହଁରେ ସବୁଆଡେ ଏକ ପ୍ରାଇମର ଲଗାନ୍ତୁ। ଭିଟାମିନ୍-ଇ ଥିବା ପ୍ରାଇମର ସ୍କିନ୍‌କୁ ହାଇଡ୍ରେଟ୍ ରଖିଥାଏ। ତେଣୁ ସବୁବେଳେ ଭଲ କ୍ୱାଲିଟିର ପ୍ରାଇମର ଲଗାନ୍ତୁ।

➔କ୍ରିମ୍‌ଥିବା ଫାଉଣ୍ଡେଶନ୍ ବ୍ୟବହାର କରନ୍ତୁ। ଏହା ସ୍କିନ୍‌କୁ ଏକ ସୁନ୍ଦର ଲୁକ୍ ଦେବ। କିନ୍ତୁ ସାଧାରଣ ଫାଉଣ୍ଡେଶନ୍ ହେଲେ ଶୀତଦିନେ ଶୁଷ୍କତା କାରଣରୁ ଗାର ପଡିବା ଭଳି ଦେଖାଯିବ।

➔ସୁନ୍ଦର ମେକ୍‌ଅପ୍ ନିମନ୍ତେ ବ୍ଲଶ୍ କରିବା ମଧ୍ୟ ଜରୁରୀ। ତେଣୁ ୱାର୍ମ ଟୋନ୍ ଥିବା ପିଚ୍ ବ୍ଲଶ ମୁହଁରେ ଲଗାନ୍ତୁ। ଏହାକୁ ହାଲୁକା ଭାବରେ ଲଗାଇବେ। ଅଧିକ ଲଗାଇଲେ ମେକ୍‌ଅପ୍ ଭଲ ଲାଗିବ ନାହିଁ।

➔ନ୍ୟୁଟଲ ଆଇ ମେକ୍‌ଅପ୍ କରନ୍ତୁ। କାରଣ ଶୀତଦିନେ ସୂର୍ଯ୍ୟାଲୋକ ସବୁବେଳେ ଅଧିକ ଉଜ୍ଜ୍ୱଳ ନ ଥାଏ। ତେଣୁ ଏହି ପ୍ରକାରର ଆଖି ମେକଅପ୍ ମୁହଁକୁ ଅଧିକ ଗ୍ଲୋ ଦେଖାଯିବାରେ ସାହାଯ୍ୟ କରେ। ଆଖି ଚାରିପାଖରେ ପ୍ରାଇମର୍ ମଧ୍ୟ ଲଗାନ୍ତୁ। ୱାର୍ମ ଓ ନ୍ୟୁଡ୍ ଟୋନ୍ ଆଇସାଡୋ ଲଗାନ୍ତୁ।

➔ଶୀତଦିନେ ଥଣ୍ଡା ପ୍ରଭାବରୁ ଓଠ ଫାଟିବା ଭଳି ସମସ୍ୟା ମଧ୍ୟ ଦେଖା ଦେଇଥାଏ। ତେଣୁ ଏସ୍‌ପିଏଫ୍ ଥିବା ମଶ୍ଚରାଇଜର ଓ ଲିପ୍ ବାମ୍ ଲଗାନ୍ତୁ। ଟେଣ୍ଟେଡ୍ କିମ୍ବା କଲର୍ ଚେଞ୍ଜିଂ ବାମ୍ ବ୍ୟବହାର କରିପାରିବେ। ଶେଷରେ ନ୍ୟୁଡ ମ୍ୟାଟ୍ ଲିପଷ୍ଟିକ୍ କିମ୍ବା ଟିକ୍ ଲିପ୍ ଟିଣ୍ଟ ଲଗାଇ ଓଠରେ ମେକଅପ୍ ଦିଅନ୍ତୁ।

➔ଶୀତଦିନେ ଖରାଦିନିଆ ମେକଅପ୍ ସାମଗ୍ରୀ ଖରାପ ଲୁକ୍ ଦେଇଥାଏ। ତେଣୁ ତାହାର ବ୍ୟବହାର କରନ୍ତୁ ନାହିଁ।

➔ଅଧିକ ବ୍ରଞ୍ଜର ଲଗାଇଲେ ମେକ୍‌ଅପ୍ ଖରାପ ଲାଗିଥାଏ। ଏପରି କରନ୍ତୁ ନାହିଁ।

➔ସ୍କିନ୍‌କୁ ହାଇଡ୍ରେଟ୍ ରଖିବା ପାଇଁ ଶୀତଦିନେ ଯତ୍ନ ନିଅନ୍ତୁ।

➔ଭିଟାମିନ୍ ଇ, ସି, ଆଣ୍ଟି ଅକ୍ସିଡାଣ୍ଟ ଓ ଓମେଗା-୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଯେପରିକି ବିଭିନ୍ନ ପ୍ରକାରର ମଞ୍ଜି, ସବୁଜ ପନିପରିବା, ଫଳ, କନ୍ଦମୂଳ ଆଦି ଅଧିକ ଖାଆନ୍ତୁ। ଏଭଳି କେତେକ ଖାଦ୍ୟ ସ୍କିନ୍‌କୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।



### ଖାଦ୍ୟରୁଚି

# ବଥୁଆଶାଗ ପରଟା



**ଆବଶ୍ୟକ ସାମଗ୍ରୀ–**
ବଥୁଆ ଶାଗ– ୧ ବିଡା, ଅଟା– ୨୫୦ ଗ୍ରାମ୍, ସିଝା ଆଳୁ– ୧ଟି (ବଡ), ଜୁଆଣି– ଅଧା ଛୋଟ ଚାମଚ, କଞ୍ଚା ଲଙ୍କା– ୪ଟି, ହେଙ୍ଗୁ– ଅଳ୍ପ, ସ୍ୱାଦ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ ଶାଗକୁ ଭଲଭାବେ ବାଛି ସେଥିରେ ଥିବା ପତ୍ରଗୁଡିକୁ ଅଲଗା କରି ଧୋଇ ଦିଅନ୍ତୁ। କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ରଖନ୍ତୁ। ଏବେ ଏହି ଶାଗକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଅଟା ସହିତ କଟା ହୋଇଥିବା ଶାଗ, ସିଝା ଆଳୁ, କଞ୍ଚା ଲଙ୍କା, ଜୁଆଣି, ହେଙ୍ଗୁ ଓ ଲୁଣ ମିଶାଇ ଭଲଭାବେ ଚକଟି ଦିଅନ୍ତୁ। ଏବେ ଏହାକୁ ଅଧଘଣ୍ଟା ପର୍ଯ୍ୟନ୍ତ ଘୋଡାଇ ରଖି ଦିଅନ୍ତୁ। ଏହାପରେ ପରଟା ଆକାରରେ ଛୋଟ ଛୋଟ କରି ବେଲି ରଖନ୍ତୁ। ତାୱା ଗରମ ହେବା ପରେ ସେଥିରେ ବେଲା ହୋଇଥିବା ପରଟାକୁ ପକାଇ ଉପରେ ତେଲ ଦେଇ ବାଦାମୀ ହେବାଯାଏ ସେକି ଦିଅନ୍ତୁ। ଦୁଇପଟ ସେକି ହୋଇଯିବା ପରେ ତାୱାରୁ କାଢି ଦିଅନ୍ତୁ। ତେଲ ବଦଳରେ ଆପଣ ଚାହିଁଲେ ଘିଅ ମଧ୍ୟ ବ୍ୟବହାର କରିପାରିବେ। ସବୁ ପରଟାକୁ ଏହିଭଳି ସେକି ଚଟଣି କିମ୍ବା ସସ୍ ସହିତ ଖାଆନ୍ତୁ।

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୦/୨୦୨୬ Bhubaneswar, Tuesday, January 20/ 2026

# ମେଲବୋର୍ନରେ ଜୋକୋଭିଚ୍‌ଙ୍କ ଶତକ


ନୋଭାକ ଜୋକୋଭିଚ୍

**ମେଲବୋର୍ନ, ୧୯।୧ (ଏପି)**

ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ୬-୩, ୬-୨, ୬-୨ରେ ସ୍ପେନର ପେଡ୍ରୋ ମାର୍ଟିନେଜଙ୍କୁ ହରାଇ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ମେଲବୋର୍ନରେ ତାଙ୍କର ଶତକ ମ୍ୟାଚ୍ ବିଜୟ ହାସଲ କରିଛନ୍ତି। ଫଳରେ ଏହି ୩୮ବର୍ଷୀୟ ୪ଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ୩ଟିରେ ଶତକ ମ୍ୟାଚ ବିଜୟ ହାସଲ କରିବାର ଏକ ଗୌରବ ଅର୍ଜନ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ବିଜୟ ଲାଭ କରିଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ଆଲେକ୍ସ ଡି' ମିନାଉର, ଡାନିଲ ମେଡଭେଡେଭ, କାସ୍ପର ରୁଡ୍, ଜୋର୍ଡାନ ଥମ୍ପସନ, ମାରିନ୍ ସିଲିକ୍, ଆଲେକ୍‌ଜାଣ୍ଡର ଶେଭଚେଙ୍କୋ ପ୍ରମୁଖ ଅନ୍ୟତମ ରହିଛନ୍ତି।

### ସ୍ୱିଟେକ୍, ଗଫ୍, ଆନିମିସୋଭା ବିଜୟୀ

ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଇଗା ସ୍ୱିଟେକ ଭଲରୂପେ ଜାଣନ୍ତି ପ୍ରଥମ ଅଷ୍ଟ୍ରେଲିଆ

**ଅଷ୍ଟ୍ରେଲିଆନ ଓପନ ଟେନିସ**

ଟାଇଟଲ ଏବଂ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ଜିତିବାକୁ ହେଲେ ତାଙ୍କୁ ଅନେକ କିଛି କରିବାକୁ ପଡ଼ିବ। ସୋମବାର ଅନୁଷ୍ଠିତ ଏକ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ମ୍ୟାଚରେ ଦ୍ୱିତୀୟ ର୍ୟାଙ୍କିଙ୍ଗପ୍ରାପ୍ତ ସ୍ୱିଟେକ୍ ୭-୬(୫), ୬-୩ ସେଟ୍‌ରେ ୧୩୦ ର୍ୟାଙ୍କିଙ୍ଗପ୍ରାପ୍ତ ଚାଇନିଜ କ୍ୱାଲିଫାୟର ୟୁଆନ ୟୁଇ'ଙ୍କୁ ହରାଇ ଦେଇଛନ୍ତି। ଗତବର୍ଷ ୱିମ୍ବଲଡନ ଜିତିବା ପରେ ସେ ତାଙ୍କ ୪ର୍ଥ ଫ୍ରେଞ୍ଚ ଓପନ ଟାଇଟଲ ଜିତିଥିଲେ। ୨୦୨୨ରେ ୪ଟି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ମଧ୍ୟରୁ ସେ କେବଳ ୟୁଏସ୍ ଓପନ ଓ ଅଷ୍ଟ୍ରେଲିଆନ ଓପନ ଜିତିପାରି ନ ଥିଲେ। ଏହି ଦୁଇଟି ଟୁର୍ନାମେଣ୍ଟରେ ସେ ଦୁଇଥର ସେମିଫାଇନାଲରେ ପ୍ରବେଶ କରିପାରିଛନ୍ତି। ବିଶ୍ୱର ୩ ନମ୍ବର କୋକୋ ଗଫ୍ ସୋମବାର ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ରଡ୍ ଲାଭର ଆରେନାଠାରେ ସେ କାମିଲା ରାଖିମୋଭାଙ୍କୁ ୬-୨, ୬-୩ସେଟ୍‌ରେ ହରାଇ ଦେଇଛନ୍ତି। ସ୍ୱିଟେକଙ୍କ ଭଳି ଗଫ୍ ଦୁଇ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ମେଲବୋର୍ନ ପାର୍କରେ ସେ କିନ୍ତୁ ଥରେ ହେଲେ ସେମିଫାଇନାଲ ଅତିକ୍ରମ କରିପାରି ନାହାନ୍ତି। ସେହିପରି ଆମେରିକା ତଥା ବିଶ୍ୱର ୪ ନମ୍ବର ଖେଳାଳି ଆମାଣ୍ଡା ଆନିମିସୋଭା ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ସୁଇଜରଲାଣ୍ଡର ସିମୋନ ୱାଲ୍‌ଟର୍ଟଙ୍କୁ ୬-୩, ୬-୨ରେ ହରାଇ ଦେଇଛନ୍ତି। ସୋମବାର ମହିଳା ସିଙ୍ଗଲ୍ସରେ ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ଜିତିଥିବା ଅନ୍ୟ ଖେଳାଳିମାନେ ହେଲେ ୬ ନମ୍ବର ଜେସିକା ପେଗୁଲା, ୮ ନମ୍ବର ମୀରା ଆନ୍ଦ୍ରିଭା, ୧୭ ନମ୍ବର ଭିକ୍ଟୋରିଆ ଏମ୍‌ବୋକୋ ଓ ନମ୍ବର ୨୫ ପାଉଲା ବଦୋସା।

# ହକି ଇଣ୍ଡିଆ ଲିଗ୍: ପ୍ଲେଅଫ୍‌ରେ ରାଞ୍ଚି ରୟାଲ୍ସ


ଏଚ୍‌ଆଇଏଲ୍ ଜିସି ବିପକ୍ଷରେ ବିଜୟ ପରେ ଉଲ୍ଲସିତ ରାଞ୍ଚି ରୟାଲ୍ସ ଦଳର ଖେଳାଳିମାନେ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୧୯।୧ (ଅନାଦି କର)**

ଚଳିତ ହକିଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ସୋମବାର କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏକ ରୋମାଞ୍ଚକ ଲିଗ୍ ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସ ଶୁଟ ଆଉଟ୍‌ରେ ୪-୧ ଗୋଲରେ ଏଚ୍‌ଆଇଏଲ୍ ଜିସିକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୪-୪ ଗୋଲରେ ବରାବର ରହିଥିଲା। ଏହି ବିଜୟ ସହ ରାଞ୍ଚି ରୟାଲ୍ସ ଦ୍ୱିତୀୟ ଦଳ ଭାବେ ପ୍ଲେଅଫ୍‌ରେ ସ୍ଥାନ ପକ୍କା କରିଛି। ଏଥିପୂର୍ବରୁ ପ୍ରଥମ ଦଳ ଭାବେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ପ୍ଲେଅଫ୍‌କୁ କ୍ୱାଲିଫାଏ କରିଥିଲା। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରି, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ରାକେଶ ଚୌଧୁରୀ, ଅଲିମ୍ପିଆନ ଲାଜରୁସ ବାର୍ଲା, ହକି ଇଣ୍ଡିଆ ନିର୍ଦ୍ଦେଶକ ବି. ଏନ. ଭୂଷଣ ଅତିଥି ଭାବେ ଯୋଗ ଦେଇ ମ୍ୟାଚ୍ ଆରମ୍ଭରୁ ଉଭୟ ଦଳର ଖେଳାଳିଙ୍କ ସହ ହାତ ମିଳାଇଥିଲେ।

ଦୁଇ ଦଳ ମ୍ୟାନ ଟୁ ମ୍ୟାନ ମାର୍କିଂ ରଣନୀତି ସହିତ ମ୍ୟାଚ୍‌କୁ ଓହ୍ଲାଇଥିଲେ। କିନ୍ତୁ ଉଭୟ ଦଳର ଡିଫେନ୍ସ ଲାଇନ ଓ ଗୋଲକିପରଙ୍କ ଭଲ ପ୍ରଦର୍ଶନ ଯୋଗୁ ପ୍ରଥମ କ୍ୱାର୍ଟରେ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଏଚ୍‌ଆଇଏଲ୍ ଜିସିକୁ ମ୍ୟାଚ୍‌ର ପ୍ରଥମ ପେନାଲ୍ଟି କର୍ନର (ପିସି) ମିଳିଥିଲା। ହେଲେ ପ୍ରତିପକ୍ଷ ଗୋଲକିପର ସୂରଜ କର୍କେରା ଏହାକୁ ବେକାର କରି ଦେଇଥିଲେ। ଏହାର ୧ ମିନିଟ୍ ପରେ ରାଞ୍ଚି ଦଳକୁ ମିଳିଥିଲା ତା'ର ପ୍ରଥମ ପିସି, ଯାହାକୁ ଅଧିନାୟକ ଟମ ବୁନ ଗୋଲରେ ପରିଣତ କରିଥିଲେ। ମାତ୍ର ରେଫରି ଏହାକୁ ନାକଚ କରି ଦେଇଥିଲେ। ମ୍ୟାଚ୍‌ର ୧୯ତମ ମିନିଟ୍‌ରେ ଅରାଇଜିତ ସିଂ ହୁଣ୍ଡଲ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇ ରାଞ୍ଚି ଦଳକୁ ୧-୦ ଗୋଲର ଅଗ୍ରଣୀ ଆଣି ଦେଇଥିଲେ। ଏହାର ୫ ମିନିଟ୍ ପରେ ଏଚ୍‌ଆଇଏଲ୍ ଦଳକୁ ଦ୍ୱିତୀୟ ପିସି ମିଳିଥିଲା। ଏହାକୁ ଲଳିତ କୁମାର ଉପାଧ୍ୟାୟ ଗୋଲରେ କନଭର୍ଟ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ସ୍କୋର ଲାଇନ ବରାବର ରହିଥିଲା। ତୃତୀୟ କ୍ୱାର୍ଟରର ୩୨ତମ ମିନିଟ୍‌ରେ ହୁଣ୍ଡଲ ରାଞ୍ଚି ପାଇଁ ଦ୍ୱିତୀୟ ଗୋଲ କରିଥିଲେ। ହେଲେ ଏହାର ୫ ମିନିଟ୍ ମଧ୍ୟରେ ଏଚ୍‌ଆଇଏଲ୍ ପାଇଁ କେନ ରସେଲ (୩୭ତମ) ପିସି ଜରିଆରେ ଗୋଲ କରିଥିବା ବେଳେ ସୁଦୀପ ଚିରମାକୋ (୩୯ତମ) ଏକ ଚମତ୍କାର ଫିଲ୍ଡ ଗୋଲ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ଆଡ଼କୁ ସାମ ଲେନ (୪୦ତମ) ରାଞ୍ଚି ପାଇଁ ତୃତୀୟ ଗୋଲ ଦେଇଥିଲେ। ଚତୁର୍ଥ କ୍ୱାର୍ଟରରେ ରାଞ୍ଚି ଡିଫେନ୍ସ ଲାଇନ ତ୍ରୁଟିର ଫାଇଦା ଉଠାଇ ଲଳିତ (୫୩ତମ) ଏଚ୍‌ଆଇଏଲ୍ ପାଇଁ ଚତୁର୍ଥ ଗୋଲ କରିଥିଲେ। ୫୫ତମ ମିନିଟ୍‌ରେ ଏଚ୍‌ଆଇଏଲ୍‌କୁ ଲଗାତର ମିଳିଥିବା ୫ଟି ପିସି ବେକାର ସାବ୍ୟସ୍ତ ହୋଇଥିଲା। ୫୭ତମ ମିନିଟରେ ରାଞ୍ଚିକୁ ମିଳିଥିବା ପିସିକୁ ଟମ ବୁନ ଗୋଲରେ କନଭର୍ଟ କରି ସ୍କୋର ଲାଇନକୁ ୪-୪ ଗୋଲରେ ବରାବର କରିଥିଲେ। ଶୁଟ୍ ଆଉଟ୍ ପର୍ଯ୍ୟାୟରେ ରୟାଲ୍ସ ପାଇଁ ବିଷ୍ଣୁକାନ୍ତ ସିଂ, ସାମ ଲେନ, ମାକ୍ସିମ ଭାନ ଓଷ୍ଟ, ଟମ ବୁନ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଏଚ୍‌ଆଇଏଲ୍ ପାଇଁ ଅଜିତ ସିଂ ସ୍କୋର କରିଥିବା ବେଳେ ଗୁର୍ଜୋତ ସିଂ ଓ ଦରାଘ ୱାଲ୍ସ ବିଫଳ ହୋଇଥିଲେ। ଏହି ବିଜୟ ଯୋଗୁ ରାଞ୍ଚି ୬ ମ୍ୟାଚ୍‌ରେ ୧୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଉଠିଛି।

# ଦିବ୍ୟଦର୍ଶିନୀ ଓଡ଼ିଶା ଅଧିନାୟିକା

**ବିସିସିଆଇ ସିନିୟର ମହିଳା ଦିନିକିଆ କ୍ରିକେଟ**

**ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)**



ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ରାଜକୋଟରେ ହେବାକୁଥିବା ସିନିୟର ଦିନିକିଆ ମହିଳା କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ମହିଳା କ୍ରିକେଟ ଦଳ ସୋମବାର ଘୋଷିତ ହୋଇଛି। ଓଡ଼ିଶା ମହିଳା ସିନିୟର ଚୟନ କମିଟି ଅଧ୍ୟକ୍ଷ ସସ୍ମିତା ପଟ୍ଟନାୟକ ଘୋଷଣା କରିଥିବା ଦଳରେ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ଅଧିନାୟିକା ମନୋନୀତ କରାଯାଇଛି। ରାଜକୋଟସ୍ଥିତ ସାନୋସାରା କ୍ରିକେଟ ଗ୍ରାଉଣ୍ଡ(ବି)ରେ ଫେବୃଆରୀ ୬ରେ ମଧ୍ୟ ପ୍ରଦେଶ ବିପକ୍ଷରେ ମ୍ୟାଚ ଖେଳି ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବ। ଏଲିଟ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାପରେ ଫେବୃଆରୀ ୮ରେ ଆସାମ, ୧୦ରେ ଉତ୍ତର ପ୍ରଦେଶ, ୧୨ରେ କର୍ନାଟକ, ୧୪ରେ ପଣ୍ଡିଚେରୀ, ୧୬ରେ ବରୋଦା ଓ ୧୮ରେ ମହାରାଷ୍ଟ୍ର ବିପକ୍ଷରେ ଖେଳିବ। **ଓଡ଼ିଶା ଦଳ:** ସୁଶ୍ରୀ ଦିବ୍ୟଦର୍ଶିନୀ (ଅଧିନାୟିକା), ତନ୍ମୟୀ ବେହେରା (ଉପ ଅଧିନାୟିକା), ଅଞ୍ଜଳି ସିଂ, ଇନ୍ଦ୍ରାଣି ଛତ୍ରିଆ, ଜ୍ୟୋତି କୁମାରୀ ପ୍ରସାଦ, ମାଧୁରୀ ମେହେଟା, ମୋନାଲିସା ରାଉତ, ରାମେଶ୍ୱରୀ ନାଏକ, ରାଣୀ ଗୁଡ୍ଡୁ, ରଶ୍ମିତା ଚିନ୍ନାରା, ରୀମାଲକ୍ଷ୍ମୀ ଏକ୍କା, ଏସ୍.ବି. ଲରେନ୍ସ, ସଙ୍ଗୀତା ଖାଡ଼ିଆ, ସରିତା ମେହେର, ଶିଲ୍ପା ସ୍ୱାଇଁ, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ତରନ୍ନା ପ୍ରଧାନ, ନିବେଦିତା ଜନ୍ ନାଏକ (ସବ୍‌ଜେକ୍ଟ ଟୁ ଫିଟ୍‌ନେସ)।

# ପଞ୍ଜାବ ପାଇଁ ରଣ୍‌ଜୀ ଖେଳିବେ ଗିଲ୍

**ନୂଆଦିଲ୍ଲୀ,୧୯।୧:** ନ୍ୟୁଜିଲାଣ୍ଡଠାରୁ ୨-୧ ବ୍ୟବଧାନରେ ଦିନିକିଆ ସିରିଜ୍‌ରେ ପରାଜିତ ହେବା ପରେ ଭାରତର ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ୍ କ୍ରିକେଟରୁ ବ୍ରେକ ନେବା ବଦଳରେ ରଣଜୀ ଟ୍ରଫିରେ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଗୁରୁବାରଠାରୁ ରାଜକୋଟରେ ସୌରାଷ୍ଟ୍ର ବିପକ୍ଷରେ ଖେଳାଯିବାକୁ ଥିବା ଗ୍ରୁପ୍-ବି' ମ୍ୟାଚ୍‌ରେ ପଞ୍ଜାବ ପାଇଁ ସେ ଖେଳିବେ। ଦେଶର ପ୍ରମୁଖ ଘରୋଇ ଟୁର୍ନାମେଣ୍ଟର ନକ୍‌ଆଉଟ୍‌ପର୍ଯ୍ୟାୟକୁ ଉନ୍ନୀତ ହେବା ପାଇଁ ପଞ୍ଜାବ ଦଳର ସାହାଯ୍ୟ କରିବାକୁ ଗିଲ ଇଚ୍ଛା ପ୍ରକଟ କରିଛନ୍ତି। ସେ ବର୍ତ୍ତମାନ ଇନ୍ଦୋରରେ ଥିବାବେଳେ ରାଜକୋଟକୁ ଏବେ କୌଣସି ସିଧାସଳଖ ଫ୍ଲାଇଟ୍ ନାହିଁ। ଏଣୁ ତାଙ୍କୁ ରାଜକୋଟରେ ପହଞ୍ଚିବା ପାଇଁ ୮ ଘଣ୍ଟା ଲାଗିବ ବୋଲି ପଞ୍ଜାବ ଦଳ ସୂତ୍ରରୁ କୁହାଯାଇଛି। ପଞ୍ଜାବ ବର୍ତ୍ତମାନ ଗ୍ରୁପ୍-ବି'ରେ ୫ ମ୍ୟାଚ୍‌ରେ ୧୧ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି। ନକ୍‌ଆଉଟ୍ ରାଉଣ୍ଡରେ ସ୍ଥାନ ପକ୍କା କରିବା ଲାଗି ଦଳକୁ ତା'ର ବଳକା ୩ ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଦରକାର। ଗିଲଙ୍କ ଫେରିବା ଦ୍ୱାରା ପଞ୍ଜାବ ଦଳର ବ୍ୟାଟିଂ ଲାଇନ-ଅପ୍ ଶକ୍ତିଶାଳୀ ହେବ।

# ମାଡ୍ରିଡ ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ଆୟୋଜକ

**ମାଡ୍ରିଡ୍, ୧୯।୧ (ପି.ଟି.)**

ମାଡ୍ରିଡ କ୍ରମାଗତ ତୃତୀୟ ବର୍ଷ ପାଇଁ ଲୌରିଅସ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡର ଆୟୋଜକ ହେବାକୁ ଯାଉଛି। ସୋମବାର ଏହା ଘୋଷଣା କରାଯାଇଛି। ଗତବର୍ଷ ଭଳି ଏହି ପୁରସ୍କାର ଉତ୍ସବ ଏପ୍ରିଲ ୨୦ରେ ସିବେଲେସ୍ ପ୍ୟାଲେସଠାରେ ହେବ। ପୁରସ୍କାରର ୨୦୨୬ ସଂସ୍କରଣ ପୁଣି ଥରେ ବିଶ୍ୱର କ୍ରୀଡ଼ା ସମ୍ପ୍ରଦାୟଙ୍କ ସମେତ ମନୋରଞ୍ଜନ, ସଂସ୍କୃତି ଓ ଫ୍ୟାଶନର ଜଣାଶୁଣା ବ୍ୟକ୍ତିତ୍ୱ ମାନଙ୍କୁ ଏକତ୍ରିତ କରିବ। ପ୍ରତ୍ୟେକ ୭ଟି ପ୍ରମୁଖ କାଟେଗୋରୀରେ ଜଣେ ଲେଖାଏ ବିଜେତାଙ୍କୁ ଆଇକନିକ ଲୌରିଅସ୍ ପ୍ରତିମୂର୍ତ୍ତି ସହ ପୁରସ୍କୃତ କରାଯିବ।

# ପ୍ରମୋଦଙ୍କୁ ସ୍ୱର୍ଣ୍ଣ ; ପୂଜ୍ୟମ୍, ନୁରୁଲଙ୍କୁ ବ୍ରୋଞ୍ଜ୍

**ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)**

କାଏରୋରେ ଅନୁଷ୍ଠିତ ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶା ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଗତ ୧୩ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ

**ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ**

ଓଡ଼ିଶାର ପ୍ରମୋଦ ଭଗତ, ପୂଜ୍ୟମ ମିଶ୍ର ଓ ନୁରୁଷ ହୋସେନ ଖାଁ ପଦକ ହାସଲ କରିଛନ୍ତି। ପ୍ରମୋଦ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏସ୍‌ଏଲ୍-୩ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ଅନ୍ୟତମ ଭାରତୀୟ ଖେଳାଳି ଉମେଶ ବିକ୍ରମ କୁମାରଙ୍କୁ ୧୯-୨୧, ୨୧-୧୫, ୨୧-୧୩ରେ ପରାସ୍ତ କରିଛନ୍ତି। ସେହିପରି ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ ପୁରୁଷ ଡବଲ୍ସରେ ପ୍ରମୋଦ ଓ ସୁକାନ୍ତ କଦମଙ୍କ ଫାଇନାଲ


ପଦକ ସହ ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି।

ପ୍ରତିଦ୍ୱନ୍ଦ୍ୱୀ ଉମେଶ ବିକ୍ରମ ଓ ସୂର୍ଯ୍ୟକାନ୍ତ ଯାଦବ ଓହରି ଯାଇଥିଲେ। ଫଳରେ ୱାକ୍‌ଓଭର ପାଇ ପ୍ରମୋଦ-ସୁକାନ୍ତ ଯୋଡ଼ି ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ସେହିପରି ଏସ୍‌ଏଲ୍‌୩-ଏସ୍‌ଏଲ୍-୪ ପୁରୁଷ ଡବଲ୍ସରେ ମଣ୍ଟୁ କୁମାରଙ୍କୁ ସାଥୀକରି ଓଡ଼ିଶାର ପୂଜ୍ୟମ୍ ମିଶ୍ର ବ୍ରୋଞ୍ଜ ପଦକ ଜିତିଛନ୍ତି। ସେମିଫାଇନାଲରେ ଏହି ଯୋଡ଼ି ଅନ୍ୟତମ ଭାରତୀୟ ଉମେଶ ବିକ୍ରମ କୁମାର ଓ ସୂର୍ଯ୍ୟକାନ୍ତ ଯାଦବଙ୍କଠାରୁ ୧୮-୨୧, ୧୫-୨୧ରେ ହାରି ଯାଇଛନ୍ତି। ଡବ୍ଲ୍ୟୁଏଚ-୨ ପୁରୁଷ ସିଙ୍ଗଲ୍ସ ବର୍ଗରେ ନୁରୁଲ ହୋସେନ ଖାଁ ବ୍ରୋଞ୍ଜ ଜିତିଛନ୍ତି। ସେମିଫାଇନାଲରେ ସେ ଇରାକର ମହମ୍ମଦ କରିମ ଅବୋଦ ଆଲାମିରଙ୍କଠାରୁ ୬-୨୧, ୯-୨୧ରେ ହାରିଛନ୍ତି।

# ଭାରତରେ ଖେଳ ନଚେତ ବାଦ୍

**ବେଙ୍ଗାଲୁରୁ,୧୯।୧:** ଆସନ୍ତା ଫେବୃଆରୀରେ ହେବାକୁ ଯାଉଥିବା ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶ ଦଳ ଅଂଶଗ୍ରହଣ କରିବ କି ନାହିଁ, ସେ ନେଇ ଲାଗି ରହିଥିବା ଅନିଶ୍ଚିତତା ଜାରି ରହିଛି। ଏହି ଅନିଶ୍ଚିତତାର ଅନ୍ତ ଘଟାଇବା ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଆଗରେ ଏକ ସର୍ତ୍ତ ରଖାଯାଇଛି। କିଛି ଗଣମାଧ୍ୟମ ରିପୋର୍ଟ ମୁତାବକ, ଆଇସିସି ପକ୍ଷରୁ ବାଂଲାଦେଶକୁ କୁହାଯାଇଛି ଯେ, ଭାରତରେ ମ୍ୟାଚ୍ ଖେଳିବାକୁ ରାଜି ହୋଇଯାଅ ନ ହେଲେ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିବାକୁ ପ୍ରସ୍ତୁତ ରୁହ। ଏଥିସହିତ ଆସନ୍ତା ବୁଧବାର ସୁଦ୍ଧା ସ୍ପଷ୍ଟ କରିବାକୁ ବିସିବିକୁ କୁହାଯାଇଛି। ଯଦି ବାଂଲାଦେଶ ଭାଗ ନ ନେବାକୁ ନିଷ୍ପତ୍ତି ନିଏ, ତେବେ ସ୍କଟଲାଣ୍ଡ ବଦଳ ଦଳ ଭାବେ ବିଶ୍ୱକପ୍‌ରେ ସାମିଲ କରାଯିବ।

**ବାଂଲାଦେଶ ଆଗରେ ସର୍ତ୍ତ ରଖିଲା ଆଇସିସି**

ସମସ୍ୟାର ସମାଧାନ ଲାଗି ଢାକାଠାରେ ରବିବାର ଆଇସିସି ଓ ବିସିବି ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କିନ୍ତୁ କୌଣସି ସମାଧାନର ବାଟ ମିଳି ନ ଥିଲା। ଆଲୋଚନା ବେଳେ ବାଂଲାଦେଶର ମ୍ୟାଚ୍‌କୁ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବା ପାଇଁ ବିସିବି ପକ୍ଷରୁ ଅନୁରୋଧ କରାଯାଇଥିଲା। ହେଲେ ଆଇସିସି ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି ପ୍ରତିକ୍ରିୟା ପ୍ରକାଶ କରାଯାଇ ନ ଥିଲା।

## ରିପୋର୍ଟକୁ ବିସିବିର ଖଣ୍ଡନ

ଆଇସିସି ପକ୍ଷରୁ ବାଂଲାଦେଶକୁ ଆସନ୍ତା ୨୧ ତାରିଖ ମଧ୍ୟରେ ଭାରତରେ ଖେଳିବ କି ନାହିଁ ସ୍ପଷ୍ଟ କରିବାକୁ ନେଇ ପ୍ରକାଶ ପାଇଥିବା ରିପୋର୍ଟକୁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଖଣ୍ଡନ କରିଛି। ସେଭଳି କୌଣସି ତାରିଖ ଧାର୍ଯ୍ୟ ହୋଇନାହିଁ ଏବଂ ପୁଣି ଥରେ ଭେନ୍ୟୁ ସ୍ଥାନାନ୍ତର ଲାଗି ବୋର୍ଡ ପକ୍ଷରୁ କୁହାଯାଇଛି। ବିସିବି ନିର୍ଦ୍ଦେଶକ ଅମଜାଦ ହୋସେନ ପ୍ରକାଶ କରିଛନ୍ତି ଯେ, ଗତ ଶନିବାର ଜଣେ ଆଇସିସି ପ୍ରତିନିଧି ଆସିଥିଲେ। ଆମ ବୋର୍ଡର ଅଧିକାରୀଙ୍କ ସହ ତାଙ୍କର ବୈଠକ ହୋଇଥିଲା। ଆମେ ସେମାନଙ୍କୁ ବିକଳ୍ପ ଭେନ୍ୟୁ ଲାଗି ଅନୁରୋଧ କରିଥିଲୁ। ଆଇସିସି ପ୍ରତିନିଧିଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିଲା। ସେହି ସମୟରେ ସେମାନେ କହିଥିଲେ ଯେ, ଆଇସିସିକୁ ଏ ବିଷୟରେ ଜଣାଇବେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ